

ଇତିହାସ ରଚିଲେ ସୂର୍ଯ୍ୟବଂଶୀ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 116 | ଭାଗ ୩୩ | ସଂଖ୍ୟା ୧୧୬ | Bhubaneswar | Thursday 17 July 2025 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୧୭ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆଜି ଓଡ଼ିଶା ବନ୍ଦ
### ମିଳିବନି ପେଟ୍ରୋଲ୍ ଡିଜେଲ୍



### ପୂର୍ବାହ୍ନ ସାଢ଼େ ୯ଟା ସୁଦ୍ଧା ପହଞ୍ଚିବେ ସରକାରୀ କର୍ମଚାରୀ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ପୀଡ଼ିତା ମୃତ୍ୟୁ ମାମଲାରେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିବ କଂଗ୍ରେସ। ଆସନ୍ତାକାଲି କଂଗ୍ରେସ ଓ ଅନ୍ୟ ୭ଟି ଦଳ ପକ୍ଷରୁ ମିଳିତ ଭାବେ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାରେ ବ୍ୟାପକ ମାତ୍ରାରେ ଜନସଂଧାରଣ ଯୋଗଦେଇ ଏହାକୁ ସଫଳ କରିବା ସକାଶେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ବନ୍ଦ ଡାକରାକୁ ➯ପୃଷ୍ଠା-୬

### ରାଜ୍ୟ କ୍ୟାବିନେଟରେ ଐତିହାସିକ ନିଷ୍ପତ୍ତି
# ଆଦର୍ଶ ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ହଷ୍ଟେଲ ଫି' ଛାଡ଼

- ରାଜ୍ୟ ସରକାର ବହନ କରିବେ ପୂରା ଖର୍ଚ୍ଚ
- ଯୋଜନାବଦ୍ଧ ସହରୀକରଣ ପାଇଁ 'ସମୃଦ୍ଧ ସହର'
- ସହର ହେବ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର
- କୁଳପତି ନିଯୁକ୍ତି ପାଇଁ ବଢ଼ିଲା କୁଳାଧିପତିଙ୍କ କ୍ଷମତା
- ମୟୂରଭଞ୍ଜରେ ନୂଆ ପୁଲିସ ଜିଲ୍ଲାକୁ ମିଳିଲା ମଞ୍ଜୁରୀ
- ଡାଏଲ-୧୧୨କୁ ଆଉ ୫ ବର୍ଷ ପାଇଁ ଅନୁମତି



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନ୍ତେବାସୀଙ୍କ ପାଇଁ ମାଗଣା ଛାତ୍ରାବାସ ସୁବିଧା, ସମୃଦ୍ଧ ସହର ଯୋଜନା, ମୟୂରଭଞ୍ଜରେ ନୂଆ ପୁଲିସ ଜିଲ୍ଲା ଗଠନ, ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ କୁଳପତି ନିଯୁକ୍ତିରେ ଅଧିକ କ୍ଷମତା ପ୍ରଧାନ ଭଳି ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ, ଶକ୍ତି, ରାଜସ୍ୱ, ଗୃହ ନିର୍ମାଣ, ଗଣଶିକ୍ଷା ଆଦି ୧୧ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ମାଧ୍ୟମିକ ସ୍ତରରେ ଇଂରାଜୀ ମାଧ୍ୟମରେ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରିବାକୁ ଓ ଇଂରାଜୀ ମାଧ୍ୟମ ଶିକ୍ଷା ପାଇଁ ଅସମର୍ଥ ପିଲାଙ୍କୁ ସୁଯୋଗ ଦେବାକୁ ଗତ ୨୦୧୫-୧୬ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ହୋଇଥିଲା। ଶିକ୍ଷାଗତ ସୁବିଧା ସହ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ସମ୍ମୁଖୀନ ହେଉଥିବା ପରିବହନ ସମସ୍ୟାର ସମାଧାନ ପାଇଁ ସରକାର ଅଭାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରାବାସ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସମସ୍ତ ୩୧୪ ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟାବିଶିଷ୍ଟ ବାଳିକା ଛାତ୍ରାବାସ ଓ ବାଳକ ଛାତ୍ରାବାସକୁ ସରକାର ଅନୁମୋଦନ କରିଛନ୍ତି। ସେଥିରୁ ୧୭୩ଟି ଶିକ୍ଷାଗତ ପଛୁଆ ବ୍ଲକରେ କାର୍ଯ୍ୟ କରୁଥିବା ଆଦର୍ଶ ବିଦ୍ୟାଳୟରେ ➯ପୃଷ୍ଠା-୬

# ଶିକ୍ଷା ସ୍ତମ୍ଭକୁ ମଜବୁତ୍ କରିବ ୟୁକେ ସହଯୋଗ: ଧର୍ମେନ୍ଦ୍ର



**ଗୁରୁଗ୍ରାମ,୧୬।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ସହ ଏଠାରେ ୟୁକେର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଭାବେ ସ୍ଥାପିତ ଭାରତ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ଖୁସି ବ୍ୟକ୍ତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଅଧୀନରେ ଦେଶରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଅନ୍ୟତମ ପଦକ୍ଷେପ। ବିଶେଷ ଭାବେ ଭାରତ-ୟୁକେ ରୋଡମ୍ୟାପ୍ ଆଗାମୀ ୨୦୩୦ରେ ପରିକଳ୍ପିତ ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁତ୍ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଲେଟର ଅଫ୍ ଇଣ୍ଟେଣ୍ଟ୍ (ଏଲଓଆଇ) ପାଇବାର ବର୍ଷକ ମଧ୍ୟରେ ଏଠାରେ ଏହି ଅତ୍ୟାଧୁନିକ କ୍ୟାମ୍ପସ୍ ପ୍ରତିଷ୍ଠା ପାଇଁ ଶ୍ରୀ ପ୍ରଧାନ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଛନ୍ତି। ଏହି କ୍ୟାମ୍ପସ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବ। ସାଉଥାମ୍ପଟନ୍‌ର ଶୈକ୍ଷିକ ଉତ୍କର୍ଷତାର ଐତିହ୍ୟ ସହ ଆଗାମୀ ପିଢ଼ିର ନେତୃତ୍ୱ ଗଠନ କରିବା ଦିଗରେ ଏହା ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭାବେ ଉଭା ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା କରିଛନ୍ତି।

### ଗୁରୁଗ୍ରାମରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଉଦ୍‌ଘାଟିତ

- ଅନ୍ତର୍ଜାତୀୟକରଣ ଦିଗରେ ଅନ୍ୟତମ ପଦକ୍ଷେପ
- କ୍ୟାମ୍ପସରେ ଷ୍ଟେମ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ପରାମର୍ଶ

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମତରେ ଶିକ୍ଷା ହେଉଛି ଭାରତ ଓ ୟୁକେ ମଧ୍ୟରେ ଏକ ଜୀବନ୍ତ ସେତୁ। ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟର ଗୁରୁଗ୍ରାମ କ୍ୟାମ୍ପସ୍‌ର ଉଦଘାଟନ ଉକ୍ତ ସେତୁକୁ ଆହୁରି ମଜବୁତ୍ କରିବାର ଏକ ➯ପୃଷ୍ଠା-୬

# ବିରୋଧୀଙ୍କୁ କାଉଣ୍ଟର କରିବାକୁ ବଡ଼ ଯୋଜନା

- ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତିଆରି ହେଲା ରଣନୀତି
- ଆଉ ସହଜରେ ବର୍ତ୍ତିବେନି ଅପପ୍ରଚାରକାରୀ ନେତା



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଗତ ବର୍ଷକ ମଧ୍ୟରେ ପ୍ରଥମ ଥର ପାଇଁ ଶାସନ ଭାର ସମ୍ଭାଳୁଥିବା ବିଜେପିକୁ ବିରୋଧୀ ବିଭିନ୍ନ ଘଟଣାରେ ଅଡୁଆରେ ପକାଉଛନ୍ତି। ସରକାର କିନ୍ତୁ ଜନସେବାକୁ ପ୍ରାଥମିକତା ଦେଉଥିବାରୁ ବିରୋଧୀଙ୍କ କୌଣସି ରଣନୀତି ଲୋକଙ୍କ ମାନସିକତାକୁ ପ୍ରଭାବିତ କରିପାରୁନି। ଯେଉଁଥିପାଇଁ ସରକାର ବିରୋଧୀ ଦଳରେ ଥିବା ଦାଗୀ ନେତାଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରୁନଥିଲେ। ଏବେ କିନ୍ତୁ ଆଉ ଦାଗୀ ନେତାଙ୍କୁ ନିସ୍ତାର ମିଳିବ ନାହିଁ।

ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ରାଜ୍ୟ ସରକାରର ଏକାଧିକ ମନ୍ତ୍ରୀ ଉପସ୍ଥିତ ଥିଲେ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଯେଉଁଭଳି ରାଜନୀତିକରଣ କରାଯାଉଛି ତାକୁ କିଭଳି କାଉଣ୍ଟର କରାଯିବ ସେନେଇ ଯୋଜନା ହୋଇଛି। ଏହି ଘଟଣାରେ ଯଦିଓ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ➯ପୃଷ୍ଠା-୬

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା
# ତଦନ୍ତ କରିବ କ୍ରାଇମ୍ ବ୍ରାଞ୍ଚ୍



- ଅଧ୍ୟକ୍ଷଙ୍କ ଚାମ୍ବର୍ ଭିଡିଓ ଭାଇରାଲ୍
- ସାହସ ଦେଖାଇଥିଲେ ପୀଡ଼ିତା
- ଅପପ୍ରଚାର ନେଇ ଥାନାରେ ଏତଲା



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଗତ ସୋମବାର ରାତିରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ପୀଡ଼ିତା ମୃତ୍ୟୁବରଣ କରିବା ପରେ ଏହାକୁ ନେଇ ରାଜ୍ୟରେ ଜୋର୍‌ଦାର ହଙ୍ଗାମା ଜାରି ରହିଛି। ପୀଡ଼ିତାଙ୍କ ମୃତ୍ୟୁ ପରେ ତାଙ୍କ ସହ ଜଡ଼ିତ ବିଭିନ୍ନ ସୂଚନା ପଦାକୁ ଆସୁଛି। ସୋସିଆଲ୍ ମିଡିଆରେ ମଧ୍ୟ ବିଭିନ୍ନ ଭିଡିଓ ଓ ଫଟୋ ଭାଇରାଲ୍ ହେଉଛି। ଏହି କ୍ରମରେ ଏବେ ସୋସିଆଲ୍ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଘଟଣାଦିନ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଚାମ୍ବର୍‌ରେ ହୋଇଥିବା ବୈଠକରେ କିପରି ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଛି। ➯ପୃଷ୍ଠା-୬

### ପୀଡ଼ିତା ବାପାଙ୍କ ସହ କଥାହେଲେ ରାହୁଲ୍



ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଦେଇଥିବା ଏଫ୍‌ଏମ୍ କଲେଜ ଛାତ୍ରୀ ପୀଡ଼ିତା ବିଶିଙ୍କ ପିତା ବଳରାମ ବିଶିଙ୍କ ସହ ଆଜି କଥା ହୋଇଛନ୍ତି କଂଗ୍ରେସର ବରିଷ୍ଠନେତା ତଥା ଦଳର ପୂର୍ବତନ ସଭାପତି ରାହୁଲ୍ ଗାନ୍ଧି। ଏନେଇ ରାହୁଲ୍ ଆଜି ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲରେ ସୂଚନା ➯ପୃଷ୍ଠା-୬

## ଆଜିଠୁ ଉତ୍ତମ ପ୍ରଶାସନିକ ଅଭ୍ୟାସ ସମ୍ପର୍କିତ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଉତ୍ତମ ପ୍ରଶାସନିକ ଅଭ୍ୟାସ ବିଷୟବସ୍ତୁ ଉପରେ ଆସନ୍ତାକାଲିଠାରୁ ଏଠାରେ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆରପିଜି) ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ୧୮ ତାରିଖରେ ଉଦ୍‌ଯାପିତ ହେବ। କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଓ ମୁଖ୍ୟମନ୍ତ୍ରୀ ମୋହନ ➯ପୃଷ୍ଠା-୬

### ପୁରୀ ଦଳାଚକଟା ଘଟଣା
## ଚତୁର୍ଥ ପର୍ଯ୍ୟାୟରେ ୪୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

**ପୁରୀ,୧୬।୭(ସଂଚାର ବ୍ୟୁରୋ):** ରଥଯାତ୍ରା ସମୟରେ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ୩ ଜଣଙ୍କ ମୃତ୍ୟୁ ପରେ ଏହାକୁ ନେଇ ତଦନ୍ତ ଜାରି ରହିଛି। ଦଳାଚକଟା ଘଟଣାରେ ବୁଧବାର ପୁରୀ ସର୍କିଟ ହାଉସଠାରେ ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନିକଟରେ ୪୨ ଜଣ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଓ ଦଳାଚକଟା ଦିନ କାର୍ଯ୍ୟରତ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଅପରପକ୍ଷରେ ମଙ୍ଗଳବାର ଜିଲ୍ଲା ପ୍ରଶାସନର ୪୦ ➯ପୃଷ୍ଠା-୬

# ଡ୍ୟାନିଙ୍କ ବାଟ ଓଗାଳିବାକୁ ବବିଙ୍କ ନାଟକ



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ବିଜେଡିର ଲୋକସଭା ଭବନ ଘେରାଉ କାର୍ଯ୍ୟକ୍ରମରେ କାଳେ ପ୍ରୀତିରଞ୍ଜନ ଘଡାଇ ଓରଫ ଡ୍ୟାନି ଘଡାଇ ମାଇଲେଜ ନେଇଯିବେ, ସେଥିପାଇଁ ବିଜେଡିର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଘେରାଉସ୍ଥଳରେ ହିଁ ନାଟକବାଜି ଆରମ୍ଭ କରିଛନ୍ତି। ସିଧା ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରବର ଗୁଳି ବାଜିବାରୁ ବବି ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ପୁଲିସ୍ କିନ୍ତୁ ଘେରାଉସ୍ଥଳରେ ଆଦୌ ରବରଗୁଳି ଚଳାଯାଇନଥିବା ସ୍ପଷ୍ଟ କରିଛି। ପୁଲିସ୍ କମିଶନରଙ୍କ ମୁହଁରୁ ଏକଥା ଶୁଣିବା ପରେ ବବିଙ୍କ ନାଟକବାଜିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆଜି ବିଜେଡି ନେତା ଓ କର୍ମୀମାନେ ଲୋକସେବା ଭବନ ଘେରାଉ କରିବା ସମୟରେ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲେ। ସ୍ଥିତି ବିଗିଡ଼ିବାରୁ ପୁଲିସ୍ ପ୍ରଥମେ ପାଣିମାଡ଼ ଓ ପରେ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏଥିରେ ବିଜେଡି କର୍ମୀମାନେ ଛତ୍ରଭଙ୍ଗ ହୋଇଥିଲେ। ➯ପୃଷ୍ଠା-୬

- ରବର ଗୁଳି ମାଡ଼ରେ ଆଇସିୟୁରେ ଭର୍ତ୍ତି
- ପୁଲିସ୍ କହୁଛି ଆଦୌ ରବରଗୁଳି ଚାଲିନି
- ଡାକ୍ତରଖାନାରେ ହସୁଛନ୍ତି ବିଜେଡି ନେତା




# ବଢ଼ିବ ଅଧିକାରୀମାନଙ୍କ ପ୍ରଶାସନିକ ଦକ୍ଷତା

**ଭୁବନେଶ୍ୱର, ୧୬।୭ (ସଂଚାର ବ୍ୟୁରୋ)** : ବଢ଼ିବଅଧିକାରୀ ମାନଙ୍କ ପ୍ରଶାସନିକ ଦକ୍ଷତା । ଏହା ସହ ଫାଇଲକୁ ୩ସ୍ତରରେ କାର୍ଯ୍ୟ କରିବା ସହ ନୂଆ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ନିଯୁକ୍ତ ହେବେ । ଏନେଇ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ

**ଫାଇଲ ବିଳମ୍ବ ରୋକିବାକୁ ସରକାରଙ୍କ ପ୍ରୟାସ**



ମୁଖ୍ୟ ସଚିବ ସମସ୍ତ ପ୍ରମୁଖ ସଚିବ, ଅତିରିକ୍ତ ମୁଖ୍ୟ ସଚିବ ଓ କମିସନର ତଥା ସଚିବ ମାନଙ୍କୁ ଚିଠି ଲେଖିଛନ୍ତି । ଏଷ୍ଟାବ୍ଲିସମେଣ୍ଟଜନିତ କାର୍ଯ୍ୟକୁ ଅଧିକ ବ୍ୟବସ୍ଥିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାର ଭଳି ରାଜ୍ୟ ସରକାରଙ୍କ ସବୁ ବିଭାଗର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ଭାବେ ବିଭାଗର ସ୍ୱତନ୍ତ୍ର ସଚିବ କିମ୍ବା ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀ ରହିବେ । ସେମାନେ ବିଭାଗୀୟ ଅଧିକାରୀଙ୍କ ବଦଳି, ନିଯୁକ୍ତି, ଡିସିପି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ପେନସନ ମାମଲା, ଗ୍ରେଡେସନ ତାଲିକା, ରିହାବ୍ଲିଟେସନ ଆସିଷ୍ଟାନ୍ସ ମାମଲା ବୁଝିବେ । ସବୁ ବିଭାଗର ଏଷ୍ଟାବ୍ଲିସମେଣ୍ଟ ସେକ୍ସନ ଠିକ ଭାବେ କାମ କରୁଛି କି ନାହିଁ ତାହା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨ ମାସରେ ଥରେ ସମୀକ୍ଷା କରାଯିବ ।

ସେହିପରି କେତେକ ବିଭାଗରେ ସେକ୍ସନ ଅଫିସର, ଏଏସଓମାନଙ୍କ କାର୍ଯ୍ୟରେ ବଡ଼ଧରଣର ପାତରଅନ୍ତର ଦେଖିବାକୁ ମିଳୁଛି। ତେଣୁ ପ୍ରତ୍ୟେକ ବିଭାଗ ସେମାନଙ୍କ ବିଭାଗର ସେକ୍ସନ ଅଫିସର ଓ ଏଏସଓମାନଙ୍କ କାର୍ଯ୍ୟ ସମୀକ୍ଷା କରି ସମସ୍ତଙ୍କୁ ସମାନ କାମ ବାଣ୍ଟିବେ । ଏପଟେ ଓସ୍ୱାସରେ ଯାଉଥିବା ଫାଇଲ ପ୍ରାୟ ୬ ସ୍ତର ଦେଇ ସଚିବଙ୍କ ପାଖରେ ପହଞ୍ଚୁଥିବା ବେଳେ ଏହାକୁ ୩ ସ୍ତରକୁ କମାଇବାକୁ କୁହାଯାଇଛି । ସେକ୍ସନ ଅଫିସର କିମ୍ବା ଏଏସ୍‌ଓ ଫାଇଲ କାମ ଆରମ୍ଭ କରିବେ। ଏହାପରେ ଡେସ୍କ, ଅଫିସର, ଅନୁସଚିବ, ଉପସଚିବଙ୍କ ପାଖକୁ ଟିପ୍ପଣୀ ପାଇଁ ଯିବ । ତାପରେ ଯୁଗ୍ମ ସଚିବ, ଅତିରିକ୍ତ ସଚିବ, ସ୍ୱତନ୍ତ୍ର ସଚିବ ଟିପ୍ପଣୀ କରିବ ଫାଇଲ ଅନୁମୋଦନ ପାଇଁ ବିଭାଗୀୟ ସଚିବଙ୍କ ନିକଟକୁ ପଠାଯିବ। ଏହି ସବୁ ପ୍ରସ୍ତୁତି ଜୁଲାଇ ୨୫ ସୁଦ୍ଧା ଶେଷ ହେବ । ଜୁଲାଇ ୩୧ ପୂର୍ବରୁ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସବୁ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ଚିଠି ଲେଖିଛନ୍ତି ।

# ସାଂସଦ ଅପରାଜିତା ବାଣ୍ଟିଲେ ଜମିପଟ୍ଟା ଓ ରାସନ୍ କାର୍ଡ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଆଜି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଞ୍ଚଳର ୨୬ଟି ପଞ୍ଚାୟତ ଓ ୧୪ ମଉଜାର ଜନସାଧାରଣଙ୍କ ପାଇଁ ବିଭିନ୍ନ କାର୍ଯ୍ୟ ସମ୍ପାଦିତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଞ୍ଚଳର ଲୋକ ଓ ଛାତ୍ରଛାତ୍ରୀଙ୍କ ପାଇଁ ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସାମୂହିକ ପାଠାଗାର ଓ କୋଚିଂ ସେଣ୍ଟରର ଶିଳାନ୍ୟାସ କରିବା ସହ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳର ପିଲାମାନେ ସେଠାରେ ବିଭିନ୍ନ ପୁସ୍ତକ ପଢ଼ିବାର ସୁଯୋଗ ପାଇବେ ବୋଲି କହିଛନ୍ତି। ଏହାଛଡ଼ା ଏହି ପାଠାଗାର ବିଭିନ୍ନ ଉଚ୍ଚଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରାର୍ଥୀମାନଙ୍କୁ ପ୍ରସ୍ତୁତିରେ ସହଯୋଗ କରିବ ବୋଲି ସେ ଆଶା କରିଛନ୍ତି। ଏପରିକି ଏହି କୋଚିଂ ସେଣ୍ଟର୍‌ରେ ସାଂସଦ ଅପରାଜିତା ନିଜେ ପଢ଼ାଇବେ ବୋଲି ମଧ୍ୟ ଘୋଷଣା କରିଛନ୍ତି।

ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୪ଟି ମୌଜାର ୪୨ ଜଣ ଭୂମିହୀନଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନା ଅନ୍ତର୍ଗତ ୪ ଡିସିମିଲ ଲେଖାଏଁ ବାବଦ ଜମି ପଟ୍ଟା ବଣ୍ଟନ କରିଛନ୍ତି। ୧୯୬୨ ଲ୍ୟାଣ୍ଡ ସେଟେଲମେଣ୍ଟ ନିୟମ ଅନୁଯାୟୀ ଅଞ୍ଚଳର ଏହି ୪୨ ଜଣ ଭୂମିହୀନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କୁ ଜମି ପଟ୍ଟା ଦିଆଯିବା ଫଳରେ ସେମାନେ ଉକ୍ତ ଜମିରେ ପ୍ରଧାନମନ୍ତ୍ରୀ ଆବାସ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ପାଇପାରିବେ। ଏଥିସହ ବ୍ଲକର ୨୬ ପଞ୍ଚାୟତରୁ ୩ଟି ଲେଖାଏଁ ପରିବାରକୁ ଅର୍ଥାତ୍ ମୋଟ ୭୮ଟି ରାସନ୍ କାର୍ଡ ମଧ୍ୟ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରଦାନ କରିଛନ୍ତି। ଏହି କାର୍ଡ ମାଧ୍ୟମରେ ସେମାନେ ପରିବାର ସଦସ୍ୟଙ୍କ ପିଛା ୫ କିଲୋ ଚାଉଳ, ୧୨୫୦ ଗ୍ରାମ ମାଣ୍ଡିଆ, ୭୦୦ ମିଲି କିରୋସିନ୍ ଓ ମେଡିକାଲ ସୁବିଧା ପାଇପାରିବେ। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦ ପ୍ରତିନିଧି ବିଦ୍ୟୁତ୍ କାଣ୍ଡି, ସ୍ଥାନୀୟ ବିଡିଓ, ତହସିଲଦାର, ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଜନକଲ୍ୟାଣମୂଳକ କାର୍ଯ୍ୟ ଜାରି ରହିବ ବୋଲି ସାଂସଦ କହିବା ସହ ଜନସାଧାରଣଙ୍କ ସହଯୋଗ ଓ ଭଲ ପାଇବା ତାଙ୍କୁ ଅଧିକ ଲୋକହିତକର କାମ କରିବାକୁ ପ୍ରେରଣା ଦେଉଛି ବୋଲି କହିଛନ୍ତି।



# ୩୧ ପର୍ଯ୍ୟନ୍ତ ବଢ଼ିଲା ଇଗ୍ନୋ ନାମଲେଖା ଅବଧି

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ଜୁଲାଇ-୨୦୨୫ ଶିକ୍ଷା ଅଧିବେଶନ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଇଗ୍ନୋର ସମସ୍ତ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସ୍ନାତକ ପାଠ୍ୟକ୍ରମ ଯଥା କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜିକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେନାହିଁ। ସବିଶେଷ ବିବରଣୀ ପାଇଁ ୦୬୭୪-୨୯୭୧୦୭୧/୦୬୭୪-୨୩୦୧୩୪୮ ରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ପକ୍ଷରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ କହିଛନ୍ତି।

**ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା**

# ଆସନ୍ତା ବର୍ଷରୁ ଝାରସୁଗୁଡ଼ାରେ କାର୍ଡିଓଲୋଜି ହସ୍ପିଟାଲ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ହୋଇଥିବା ଆଲୋଚନା ଅନୁସାରେ, ଆସନ୍ତା ବର୍ଷ ଜାନୁଆରୀ ସୁଦ୍ଧା ଝାରସୁଗୁଡ଼ା କାର୍ଡିଓଲୋଜି ହସ୍ପିଟାଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବା ସହ ଶ୍ରୀ ଶ୍ରୀ ରବିଶଙ୍କର ଫାଉଣ୍ଡେସନ୍ ପକ୍ଷରୁ ପ୍ରସ୍ତାବିତ ମେଡ଼ିକାଲ କଲେଜ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲା ସଦର ମହକୁମା ହସ୍ପିଟାଲର ଉନ୍ନତିକରଣ ସହ ଖାଲିଥିବା ଡାକ୍ତର ପଦବୀଗୁଡ଼ିକୁ ପୂରଣ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଲଖନପୁରଠାରେ ଖୁବ୍‌ଶୀଘ୍ର ଆଇଟିଆଇ ପ୍ରତିଷ୍ଠାନ ପ୍ରତିଷ୍ଠା ହେବାକୁ ଥିବାବେଳେ ବେଲ୍‌ପାହାଡ଼ଠାରେ ରେଳ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହେବ। ଝାରସୁଗୁଡ଼ା ଜିଲ୍ଲାର କୁମାରବନ୍ଧ, ଟେମ୍ପୋରିପଡ଼ା ରାସ୍ତାଠାରୁ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଭାୟା ରାମପେଲା ସେତୁ ପର୍ଯ୍ୟନ୍ତ ରାସ୍ତାର ସୁଦୃଢ଼ିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ । ଜିଲ୍ଲାର ଲଖନପୁର ବ୍ଲକ୍‌ର ପୁଝାରିପାଲିଠାରୁ ବରଗଡ଼ ଜିଲ୍ଲା ଆମ୍ବଭନା ବ୍ଲକ୍ ଅନ୍ତର୍ଗତ ଜରିମୁଳି ପର୍ଯ୍ୟନ୍ତ ସମ୍ପର୍କ ସେତୁର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରାଯାଇଥିଲା ଓ ଏହି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା । ଏମ୍‌ସିଏଲ୍ ମାଇନିଂ ଅଞ୍ଚଳଠାରୁ ବେଲପାହାଡ଼ ମହିମା ଛକ ପର୍ଯ୍ୟନ୍ତ କୋଲ୍ କରିଡର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।



ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଜିଲ୍ଲାର ସମସ୍ତ ଉନ୍ନୟନ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ ହେବା ସହିତ ସମସ୍ତ ପ୍ରକଳ୍ପର ଗୁଣାତ୍ମକ ମାନର ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି ସବୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦ୍ୱାରା ଜିଲ୍ଲାବାସୀ ଉପକୃତ ହୋଇପାରିବେ ।

ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜସ୍ୱ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍, ଗ୍ରାମ୍ୟ ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଦେବ ସିଂ, ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ୍ ନର୍‌ଭଣେ ଓ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ



**ମହାକାଳପଡ଼ା, ୧୬।୭ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ହାଇସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ରୀ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଓସ୍ତପୁର ବନ୍ଧପଡ଼ାର ଭାଗଶ୍ରୀ ରାଉତ(୧୪)। ସେ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ତାଙ୍କ ମା' ବାପା ସୁଦୂର ଗୁଜରାଟରେ ସୂତା ମିଲ୍‌ରେ କାମ କରୁଛନ୍ତି। ତେଣୁ ସେ ମାମୁ ଘରେ ରହି ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ବୁଧବାର ସକାଳେ ମାମୁଘର ପୋଖରୀରେ ଗାଧୋଇବା ଥିବା ବେଳେ ଅସାବଧାନତା ଯୋଗୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡ଼ିବା ପରେ ସମଗ୍ର ଅଞ୍ଚଳ ସହ ସାଙ୍ଗସାଥୀ ମହଲରେ ଶୋକର ଛାୟା ଖେଳିଯାଇଛି।

# ବ୍ରାହ୍ମଣୀରେ ବନ୍ୟା ଆଶଙ୍କା

**ଯାଜପୁର, ୧୬।୭ (ସଂଚାର ବ୍ୟୁରୋ) :** ବ୍ରାହ୍ମଣୀ ନଦୀରେ ବନ୍ୟା ଆଶଙ୍କା । ଯାଜପୁର ଜିଲ୍ଲା ଜେନାପୁରଠାରେ ବିପଦସଙ୍କେତ ୬୭ ଫୁଟ୍ ରହିଛି । ଆଜି ସକାଳ ୮ଟା ସୁଦ୍ଧା ୬୫.୧୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି । ତେଣୁ ତଳିଆ ଅଞ୍ଚଳରେ ପାଣି ପଶିବା ସମ୍ଭାବନା ରହିଛି । ବନ୍ୟା ହେଲେ ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକ ପ୍ରଭାବିତ ହେବ। ତେଣୁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ନଦୀକୂଳିଆ ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି । ଅନ୍ୟପଟେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ୫ ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବା ସମ୍ଭାବନା ରହିଛି । ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଅବପାତ ଦୂର୍ବଳ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ।

**ସୌମ୍ୟାଶ୍ରୀ ମୃତ୍ୟୁ ପ୍ରସଙ୍ଗ**

# ଲୋକସେବା ଭବନ ଘେରିଲା ବିଜେଡି

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ତାଙ୍କୁ ନ୍ୟାୟ ଦେବା ଦାବିରେ ଆଜି ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ କରାଯାଇଥିଲା। ଆନ୍ଦୋଳନ ସମୟରେ ପୁଲିସ ସହ ଧସ୍ତାଧସ୍ତିରେ ଦଳର କେତେକ ବରିଷ୍ଠ ନେତା ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ସକାଶେ ପୁଲିସ ପକ୍ଷରୁ ପାଣି ମାଡ଼ କରାଯିବା ସହ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରାଯାଇଥିଲା, ଯେଉଁଥିରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଆହତ ହୋଇଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।



**ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟକଳାପ ଅଭିଯୋଗ**

ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆଯାଇଥିବା ଘେରାଉ ଡାକରାରେ ଦଳର ବରିଷ୍ଠ ନେତାଙ୍କ ସହ ଦଳର ସହସ୍ରାଧିକ କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ନାରା ଦେବା ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଥିଲେ। ଏଥିସହ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି। ପୁଲିସ୍ ସହ ଧସ୍ତାଧସ୍ତି ହେବା ଫଳରେ କେତେକ ବରିଷ୍ଠ ନେତୃତ୍ୱଙ୍କ ସମେତ ବହୁ ବିଜେଡି କର୍ମୀଙ୍କୁ ପୁଲିସ୍ ଘଟଣାସ୍ଥଳରୁ ଉଠାଇନେଇଥିଲା।

ତେବେ ବିଜେଡି ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ରୋକିବା ସକାଶେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟକଳାପକୁ ଦଳ ନିନ୍ଦା କରିଛି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ୬ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳିନଥିଲା। ବରଂ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୁଲିସ ବର୍ବୋରଚିତ ଆକ୍ରମଣ କରିଛି। କିନ୍ତୁ ଏହି ଆକ୍ରମଣରେ ଦଳ ଦବିଯିବ ନାହିଁ, ବରଂ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମସ୍ତ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଏହି ଘେରାଉରେ ସାମିଲ ହୋଇଥିଲେ।

**ବିରୋଧୀ ଦଳ ଉପରେ ବର୍ଷିଲେ ବିରଞ୍ଚି**

# ଅସ୍ତିତ୍ୱ ବଞ୍ଚାଇବାକୁ ଆନ୍ଦୋଳନ ଆଶାବାଡ଼ି

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଗୋଟିଏ ଝିଅ ଦୁନିଆ ଦେଖିବା ପୂର୍ବରୁ ତାର ଅପମୃତ୍ୟୁ ହୋଇଛି। ମୃତା ସୌମ୍ୟାଶ୍ରୀ ଓ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଯାହା ଆବଶ୍ୟକ, ତାହା ସରକାର ନିଶ୍ଚିତ ଭାବେ କରୁଛନ୍ତି ଓ ଆଗକୁ କରିବେ ମଧ୍ୟ। ଏପରି ଏକ ଅଭାବନୀୟ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଥର ଘଟଣାର ତଦାରଖ କରିଛନ୍ତି। ପୀଡିତାଙ୍କ ଚିକିତ୍ସା ନେଇ ଏମ୍ସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କ ସହ ସବିଶେଷ ଆଲୋଚନା କରି ସମସ୍ତ ସହାୟତା ଯୋଗାଇଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବରିଷ୍ଠ ମନ୍ତ୍ରୀ ଓ ବିଧାୟକ ପହଞ୍ଚି ଚିକିତ୍ସା ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଓଡ଼ିଶା ଗସ୍ତ ଅବସରରେ ପୀଡିତାଙ୍କୁ ଭେଟି ପରିବାର ସହ ଆଲୋଚନା କରିଛନ୍ତି।



କିନ୍ତୁ ବିଜେଡି ସରକାର ଅମଳରେ ମହିଳା ନିର୍ଯାତନା କ୍ଷେତ୍ରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କୌଣସି ବିଜେଡି ନେତା କିମ୍ବା ମନ୍ତ୍ରୀ ପୀଡ଼ିତା କିମ୍ବା ପୀଡ଼ିତାଙ୍କ ପରିବାରକୁ ଭେଟି ସାମାନ୍ୟ ସମବେଦନା ବି ଜଣାଇବାର ଦୃଷ୍ଟାନ୍ତ ନାହିଁ। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଠୋର ଓ ତ୍ୱରିତ ପଦକ୍ଷେପ ନେଇଛନ୍ତି।କେବଳ ଏଚଓଡି କିମ୍ବା ଅଧ୍ୟକ୍ଷ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ଯେଉଁମାନେ ଛାତ୍ରୀଙ୍କୁ ଅପମାନିତ କରିବା ସହ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛନ୍ତି, ତାଙ୍କୁ ମଧ୍ୟ ଅନୁଧ୍ୟାନ କରାଯାଉଛି। ପୀଡ଼ିତାକୁ ନ୍ୟାୟ ଦେବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ଏଥିସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ସରକାର ଚେଷ୍ଟିତ। ବିଜେପି ସରକାର ମହିଳା ବିକାଶ ଓ ସଶକ୍ତିକରଣ ପ୍ରତି ସମର୍ପିତ ରହିଥିବା ବେଳେ ମହିଳା ହିଂସାକୁ ଆଦୌ ବରଦାସ୍ତ କରାଯିବନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ତେବେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ବିରୋଧୀ ବିଜେଡି ଓ କଂଗ୍ରେସ ସମ୍ବେଦନହୀନତାର ସମସ୍ତ ସୀମା ଉଲ୍ଲଂଘନ କରି ହୀନ ରାଜନୀତି ଆରମ୍ଭ କରିଦେବା ନିନ୍ଦନୀୟ ଓ ଲଜ୍ଜାଜନକ। ସାମାଜିକ ଗଣମାଧ୍ୟମରେ ସୌମ୍ୟାଶ୍ରୀଙ୍କ ଚରିତ୍ର ସଂହାର କରିବା ସହ ତାଙ୍କ ପରିବାରକୁ ବିଭିନ୍ନ ପ୍ରକାରେ ଅପମାନଜନକ ଆକ୍ଷେପ କରାଯାଉଛି। ବିରୋଧୀଙ୍କ ଏଭଳି ଆଚରଣ ଓ ଉଚାରଣକୁ ରାଜ୍ୟବାସୀ ଆଦୌ କ୍ଷମା କରିବେ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଉଭୟ ଦଳ କେବଳ ନିଜର ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଆନ୍ଦୋଳନକୁ ଆଶା ବାଡ଼ି କରିଥିବା ସେ କହିଛନ୍ତି।

ସେହିପରି ଆଜି ବିଜେଡି ପକ୍ଷରୁ ହୋଇଥିବା ଲୋକସେବା ଭବନ ଘେରାଉ ଓ ବାଲେଶ୍ୱର ବନ୍ଦ ସମୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଅନୁମତି ପାଇଥିଲେ ହେଁ ଦଳ ପକ୍ଷରୁ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ ପୁଲିସ୍ ଯେପରି ଭାବେ ଏହାକୁ ନିୟନ୍ତ୍ରଣ କରିଛି, ତା' ନିଶ୍ଚିତ ଭାବେ ପ୍ରଶଂସନୀୟ। ହାତଗଣତି କିଛି ନେତା ଓ ଅଳ୍ପ ସଂଖ୍ୟକ କର୍ମୀ ଏହି ଆନ୍ଦୋଳନରେ ମହଜୁଦ ଥିବା ଦଳର ଅସ୍ତିତ୍ୱ ଯେ ବିପଦରେ ଅଛି, ତାହା ସ୍ପଷ୍ଟ ପ୍ରମାଣିତ କରୁଥିଲା। ୨୪ ବର୍ଷର ଶାସନ କାଳରେ ବିଶ୍ୱସ୍ତରୀୟ ହସ୍ପିଟାଲ ଓ ଚିକିତ୍ସା ବ୍ୟବସ୍ଥା କରିଥିବା ବାହାସ୍ଫୋଟ ମାରୁଥିବା ବିଜେଡି ନେତାମାନେ କାହିଁକି ଆଜି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଉଭୟ ଦଳକୁ ସେ କୌଣସି ପ୍ରକାର ଆନ୍ଦୋଳନ ସମୟରେ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି।

# ଚର୍ଚ୍ଚାରେ ସୌମ୍ୟାଶ୍ରୀ, ଅବହେଳିତ ଜ୍ୟୋତିପ୍ରକାଶ

**ଭୁବନେଶ୍ୱର,୧୬।୭:** ବାଲେଶ୍ୱରରେ ଆତ୍ମାହୂତି ଦେଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପ୍ରସଂଗରେ ସାରା ରାଜ୍ୟ ହୁଲ୍‌ସ୍ଥୁଲ ହେଉଥିବାବେଳେ ସୌମ୍ୟାଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ଭାବେ ଆହତ ହୋଇଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କ ଉପରେ ସରକାର ଓ ଆନ୍ଦୋଳନକାରୀମାନଙ୍କର ଧ୍ୟାନ ନାହିଁ।



ଗୁରୁତର ଅବସ୍ଥାରେ ସୌମ୍ୟାଶ୍ରୀଙ୍କୁ ବାଲେଶ୍ୱର ଡାକ୍ତରଖାନାରୁ ଭୁବନେଶ୍ୱର ଏମ୍ସ ଅଣାଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁଯାଇ ଆହତ ହୋଇଥିବା ଛାତ୍ର ଜ୍ୟୋତିପ୍ରକାଶଙ୍କୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ ହସ୍ପିଟାଲକୁ ପଠାଯାଇଥିଲା। ସୌମ୍ୟାଶ୍ରୀଙ୍କ ଇତିମଧ୍ୟରେ ଏମ୍ସରେ ଦେହାନ୍ତ ହେବା ପରେ ପୈତୃକ ଗାଁ ଶେଷକ୍ରିୟା ସମାପନ ହୋଇଛି । ଡାକ୍ତରଖାନାରେ ଓ ତାଙ୍କ ଗାଁରେ ଏଥିଲାଗି ବହୁ ରାଜନେତା ଓ ପ୍ରଶାସନିକ ଅଧିକାରୀ ଭିଡ଼ ଜମାଇଥିଲେ । କିନ୍ତୁ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ କଟକରେ ଚିକିତ୍ସିତ ହେଉଥିବା ଜ୍ୟୋତିପ୍ରକାଶଙ୍କୁ ଭେଟିବା ପାଇଁ କୌଣସି ମନ୍ତ୍ରୀ, ଅଧିକାରୀ କିମ୍ବା ଆନ୍ଦୋଳନକାରୀ ରାଜନେତାଙ୍କର ମନେ ଥିବା ଭଳି ଜଣାପଡୁନାହିଁ ।

ଜ୍ୟୋତିପ୍ରକାଶ ଏବେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ ହସ୍ପିଟାଲର ବର୍ଣ୍ଣ ୟୁନିଟ୍‌ରେ ଥିବା ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ମୁହଁ, ବେକ, ହାତ ଆଦି ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଛି। ତାଙ୍କ ବାପା ଓ ଅନ୍ୟ ଆତ୍ମୀୟସ୍ୱଜନ ଏସ୍‌ସିବିରେ ଦିନରାତି ରହି ଚିକିତ୍ସା କାର୍ଯ୍ୟରେ ଡାକ୍ତରଙ୍କୁ ସହଯୋଗ କରୁଛନ୍ତି। କିନ୍ତୁ ସୌମ୍ୟାଶ୍ରୀଙ୍କ ପାଇଁ ଯେଭଳି ଏମ୍ସରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଢ଼ାଯିବା ସହ ତାଙ୍କ ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କଲେ ଏବଂ ଆବଶ୍ୟକସ୍ଥଳେ ଦିଲ୍ଲୀ ଏମ୍ସକୁ ନେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଜ୍ୟୋତିଙ୍କ କ୍ଷେତ୍ରରେ ଏହାର କାଣିଚାଏ ବି ଦେଖାଯାଇନାହିଁ। ଅବଶ୍ୟ ଇତିମଧ୍ୟରେ କେତେକ ସମାଜସେବୀ ଡାକ୍ତରଖାନାରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି।

ସମାଜସେବୀମାନଙ୍କଠାରୁ ଏହି ଖବର ପାଇବା ପରେ କେତେକ ଟିଭି ଓ ୱେବ୍ ଚ୍ୟାନେଲ୍ ପକ୍ଷରୁ ଆଜି ଏସ୍‌ସିବିରେ ତଥ୍ୟ ସଂଗ୍ରହ କରାଯାଇଛି। କ୍ୟାମେରା ସମ୍ମୁଖରେ ଜ୍ୟୋତିପ୍ରକାଶଙ୍କ ବାପା ତାଙ୍କ ପୁଅର ଚିକିତ୍ସା କଥା ଉଲ୍ଲେଖ କରିବା ବେଳେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି।

ଓଡ଼ିଶା ସରକାର ତୁରନ୍ତ ଜ୍ୟୋତିପ୍ରକାଶଙ୍କ ଚିକିତ୍ସାର ସମସ୍ତ ଦାୟିତ୍ୱ ବହନ କରିବା ସଙ୍ଗେ ସଙ୍ଗେ ସେ ସୁସ୍ଥ ହେବା ପରେ ଯେଭଳି ପୋଡ଼ା ଅଂଶର ପ୍ଲାଷ୍ଟିକ ସର୍ଜରୀ କରାଯାଇପାରିବ ଓ ତାଙ୍କ ପାଠପଢ଼ାରେ ଯେଭଳି କିଛି ବ୍ୟାଘାତ ନଉପୁଜିବ, ତା' ଉପରେ ଗୁରୁତ୍ୱ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏହାଛଡ଼ା ପୋଡ଼ିଯାଉଥିବା ଛାତ୍ରୀଙ୍କୁ ଉଦ୍ଧାର କରିବା ଲାଗି ନିଜ ଜୀବନକୁ ବିପନ୍ନ କରି ଜ୍ୟୋତିପ୍ରକାଶ ଯେଭଳି ସାହସିକତାର ପରିଚୟ ଦେଇଛନ୍ତି ସେଥିଲାଗି ଓଡ଼ିଶା ସରକାର ତାଙ୍କୁ ସମ୍ମାନିତ କରିବା ସହ ପର୍ଯ୍ୟାପ୍ତ ପରିମାଣର ପୁରସ୍କାର ଦେବାକୁ ମଧ୍ୟ ବିଭିନ୍ନ ମହଲରୁ ଦାବି ହେଉଛି ।

ସାମାଜିକ ଗଣମାଧ୍ୟମରେ ଜ୍ୟୋତିପ୍ରକାଶଙ୍କ ପ୍ରତି ଅବହେଳା ସଂକ୍ରାନ୍ତରେ ପ୍ରଚାର ହେବା ପରେ ବିଭିନ୍ନ ସୂତ୍ରରୁ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏ ସଂକ୍ରାନ୍ତରେ ଆହତ ଛାତ୍ରଙ୍କ ପରିବାରବର୍ଗଙ୍କ ସହ ଫୋନ୍ ଯୋଗେ କଥା ହେବା ସଙ୍ଗେ ସଙ୍ଗେ ଚିକିତ୍ସାର ସୁବନ୍ଦୋବସ୍ତ ଲାଗି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିବା ଜଣାପଡ଼ିଛି। (ତଥ୍ୟ)

# ଡେରାବିଶରେ ବାର୍ଡ ଫ୍ଲୁ, ମଲେଣି ୨୩୮ କୁକୁଡ଼ା

**କେନ୍ଦ୍ରାପଡା, ୧୬।୭ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଡେରାବିଶ ବ୍ଲକ ଦୁମୁକାହାଟ ଗାଁର ଏକ ବ୍ରଏଲର୍ ଫାର୍ମରେ କୁକୁଡା ମଡକ । ଗତ ୩ ଦିନ ହେବ କୁକୁଡାଙ୍କଠାରେ ରୋଗର ଲକ୍ଷଣ ଦେଖାଦେଇଛି । କୁକୁଡା ଗୁଡିକ ସ୍ଥିର ହୋଇ ବସି ରହିବା ସହ ମୁଣ୍ଡ ମାଡି ପଡି ଯାଉଥିବା ଫାର୍ମର ମାଲିକ ପ୍ରଭାକର ଲେଙ୍କା କହିଛନ୍ତି। ଏହି ଫାର୍ମରେ ପ୍ରଥମ ଦିନରେ ୩୩ ଟି କୁକୁଡା ମରିଥିବା ବେଳେ , ଦ୍ୱିତୀୟ ଦିନରେ ୬୮ ଓ ଆଜି ୧୩୭ ଗୋଟି କୁକୁଡା ମରିଛନ୍ତି । ଆଜି ସୁଦ୍ଧା ମୋଟ ୨୩୮ଟି କୁକୁଡା ମରିଥିବା ଫାର୍ମ ମାଲିକ ସୂଚନା ଦେଇଛନ୍ତି । ଆଜି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି ।

# ଅଲ୍ ଇଣ୍ଡିଆ ସିନିୟର୍ ବ୍ୟାଡ୍‌ମିଣ୍ଟନ୍ ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେଉଥିବା ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ଼ମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ଆଜି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ସଭାପତି ରାଜେଶ ପାଟିଲ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଏଥିସହ ବିଜେତା କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶଯୋଗ୍ୟ ଯେ, ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ଼ମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି କ୍ୟାଟାଗୋରୀରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଗତ ୮ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

ସଞ୍ଚାର
SANCHAR
sanchar.live
୪ ଗୁରୁବାର ୧୭ ଜୁଲାଇ ୨୦୨୫, ଭୁବନେଶ୍ୱର
Thursday 17 July 2025, Bhubaneswar

## ସମ୍ପାଦକୀୟ

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଅର୍ଥନୈତିକ ଅଭିବୃଦ୍ଧିରେ ସଫଳତା

ଦୁଇ ବର୍ଷ ତଳେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ମାନ୍ୟତା ପାଇଥିଲା। ଏବେ ଷ୍ଟାନଲେ-ମୋର୍ଗାନ ପକ୍ଷରୁ ଆକଳନ କରାଯାଇଛି ଯେ, ୨୦୨୮ ସୁଦ୍ଧା ଭାରତ ଜାପାନ ଏବଂ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ଯଦି ଏହା ସଠିକ ପ୍ରମାଣିତ ହୁଏ ତେବେ ଏହା କମ ବଡ଼ ସଫଳତା ହେବନି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନୀତି ଏବଂ ଦୃଢ଼ତାକୁ ପ୍ରଶଂସା କରିବାକୁ ହେବ। ଏବେ ଭାରତର ଅର୍ଥନୀତି ପାକାପାକି ୪ ଟ୍ରିଲିୟନ ଡଲାର ରହିଛି। ୨୦୨୫ ସୁଦ୍ଧା ଏହା ୫ ଟ୍ରିଲିୟନ ଡଲାର ଛୁଇଁବା ଲକ୍ଷ୍ୟ ଥିଲା। କିନ୍ତୁ କୋଭିଡ ମହାମାରୀ ଏବଂ ପରବର୍ତ୍ତୀ ସମୟରେ ଦୁଇ ଦୁଇଟି ଯୁଦ୍ଧ ଯୋଗୁ ଭାରତର ଅର୍ଥନୀତି ଲକ୍ଷ୍ୟ ସ୍ଥଳରେ ପହଂଚି ପାରିଲା ନାହିଁ। କିନ୍ତୁ ତଥାପି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ବିଶ୍ୱରେ ଦ୍ରୁତତମ ହୋଇଛି। ଏହା କିଛି କମ ସଫଳତା ନୁହେଁ। କିନ୍ତୁ ଏତିକିରେ ସନ୍ତୁଷ୍ଟ ହେବାର ନାହିଁ। ଆମକୁ ଆହୁରି ବୃହତ୍ତର ସଫଳତା ହାସଲ କରିବାକୁ ପଡ଼ିବ। ୨୦୨୩ରେ ଭାରତର ଅର୍ଥନୀତି ୩.୬ ଟ୍ରିଲିୟନ ଡଲାରରେ ସୀମିତ ଥିଲା। ୨୦୨୭ ସୁଦ୍ଧା ଭାରତ ଧାର୍ଯ୍ୟ ଲକ୍ଷ୍ୟରେ ପହଂଚିବ ବୋଲି କୁହାଯାଉଛି। ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଆର୍ଥିକ ଶକ୍ତି। ୨୦୩୦ ସୁଦ୍ଧା ଏହା ତୃତୀୟ ସ୍ଥାନକୁ ଉନ୍ନୀତ ହେବ ବୋଲି ଆଶା କରାଯାଉଛି। ଷ୍ଟାନଲେ ମୋର୍ଗାନ କିନ୍ତୁ ଏହାର ଦୁଇ ବର୍ଷ ପୂର୍ବରୁ ଭାରତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବ ବୋଲି ଆକଳନ କରିଛି। ଆମେରିକା ଓ ଚୀନ ପଛକୁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ଏବେ ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ଆରବିଆଇ ଆକଳନ ଅନୁଯାୟୀ ପୁରା ଆର୍ଥିକ ବର୍ଷରେ ଜିଡିପି ୬.୫ ରହିବ। ଏହା ୬.୧ ପ୍ରତିଶତକୁ ହ୍ରାସ ପାଇଲେ ମଧ କିଛି ଖରାପ ନୁହେଁ। ଏବେ ମୁଦ୍ରାସ୍ଫୀତି ହାର ଏବେ ୪.୭ ପ୍ରତିଶତ ରହିଛି। ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ବର୍ଷ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ ତ୍ୱରାନ୍ୱିତ ହୋଇଛି। କରୋନା ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ପ୍ରଭାବରୁ ଅନେକ ଦେଶର ଆର୍ଥିକ ସ୍ଥିତି ତଳିତଳାନ୍ତ ହୋଇଯାଇଛି। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧବିତ୍ତ ବର୍ଗର ଆର୍ଥିକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। କିନ୍ତୁ ଦରଦାମ ବୃଦ୍ଧି ଏକ ସାମୟିକ ସମସ୍ୟା। ଦେଶର ସୁରକ୍ଷା, ରପ୍ତାନୀ ଏବଂ ଭିତ୍ତିଭୂମିର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦେଶର ଏହି ପ୍ରଗତିରେ କିଛି ବିରୋଧୀ ରାଜନୈତିକ ସଙ୍ଗଠନ ବିଶେଷ କରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଅସହିଷ୍ଣୁ ହୋଇ ଅପପ୍ରଚାର କରୁଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଏହା ସ୍ୱୀକାର କରିବକୁ ନାରାଜ। ସରକାରଙ୍କ ଦୋଷ ତ୍ରୁଟିକୁ ସମାଲୋଚନା କରିବା ବିରୋଧୀ ଦଳର ଧର୍ମ ଏବଂ କର୍ତ୍ତବ୍ୟ। କିନ୍ତୁ ଦେଶକୁ ବଦନାମ କରିବା, ଦେଶର ଅଭିବୃଦ୍ଧିକୁ ବିରୋଧ କରିବା ଏବଂ ଏଥିରେ ବ୍ରେକ ଲଗାଇବାକୁ ଉଦ୍ୟମ କରିବା ନିନ୍ଦନୀୟ। କଂଗ୍ରେସ ଦେଶରେ ଅରାଜକତା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି। ବିଦେଶ ଗସ୍ତରେ ଗଲେ ରାହୁଲ ଗାନ୍ଧି ସବୁ ବେଳେ ଦେଶ ବିରୋଧୀ କଥା କହୁଛନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କୁ ନିନ୍ଦା କରୁଛନ୍ତି। ଏହା ଅତି କ୍ଷୋଭର ବିଷୟ। ଅର୍ଥନେହତିକ ଅଭିବୃଦ୍ଧି ନିମନ୍ତେ ଉତ୍ପାଦନ ବୃଦ୍ଧି ଯେତିକି ଜରୁରୀ, ରାଜନୈତିକ ସ୍ଥିରତା ଏବଂ ଶାନ୍ତି ପ୍ରତିଷ୍ଠା ନିହାତି ଜରୁରୀ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଉଚିତ। ବିରୋଧୀ ଦଳର ଯାହା କହିବାର ଅଛି ତାହା ସଂସଦରେ ଉପସ୍ଥାପନ କରିପାରିବ। ଏହା ଦ୍ୱାରା ବିରୋଧୀ ଦଳ ଯେଉଁ ସମ୍ମାନ ପାଇବାକୁ ହକଦାର ତାହା ହାସଲ କରିପାରିବ। ଦେଶର ଅଭଇବୃଦ୍ଧିରେ ସରକାରଙ୍କର ଯେତିକି ଭୂମିକା, ବିରୋଧୀ ଦଳର ମଧ ସେତିକି ଭୂମିକା।

# ବିକଳାଙ୍ଗ ନ୍ୟାୟ ବ୍ୟବସ୍ଥା



**ଆଶୁତୋଷ ନାୟକ**

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର। ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି। ଆମ ରାଜ୍ୟ ଓଡିଶାରେ ଏବେ କିଛି ଦିନ ମଧରେ ଅନେକ ବଡ଼ ମାଛ କୋଟିପତି ବାବୁ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ଆମ ଦେଶରେ ବିଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି।କିନ୍ତୁ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ ସାଧାରଣ ଗରିବ ଓ ମଧବିତ୍ତଙ୍କ ମୁଣ୍ଡପିଛା ଆୟ ସେପରି ଆଖିଦୃଶିଆ ବୃଦ୍ଧି ହୋଇନାହିଁ। ଏହାର ମୁଖ୍ୟ କାରଣ ହେଉଛି ସବୁ ରାଜନୈତିକ ଦଳ ମାନଙ୍କର ଗୋଟିଏ ଲକ୍ଷ୍ୟ ଭୋଟବ୍ୟାଙ୍କ ରାଜନୀତି। ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି କିନ୍ତୁ ସବୁ ରାଜନୈତିକ ଦଳ ମାନଙ୍କର ଯୋଜନାରେ ନିଜର ରାଜନୈତିକ ଅଭିଲାଷା ରହୁଛି ଯାହାଫଳରେ ନାଲି ଫିତା ତଳେ କାଗଜ କଲମରେ ଯୋଜନାର ରୂପରେଖ ରହିଯାଉଛି। ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ସାଧାରଣ ଗରିବ, ମଧବିତ୍ତ। ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆଜିବି ଅନେକ ଅସହାୟ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରୁ ବଞ୍ଚିତ।ସେମାନଙ୍କ ପାଇଁ ଯୋଜନା ଗୁଡିକ ‘ଆକାଶ କଇଆ, ଚିଲିକା ମାଛ ସଦୃଶ ‘ଜ୍ଜ୍ସ୍ୱାଧୀନତାର ଏତେବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଆଜି ଯାଏ କୌଣସି ରାଜନୈତିକ ଦଳ ସାଧାରଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେପରି ଯୋଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ। ଆମ ଦେଶର ଗରିବ ଓ ମଧବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି।ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି।ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି।ଗୋଟିଏ ସାଧାରଣ ଗରିବ, ମଧବିତ୍ତ ପରିବାର ପାଇଁ ଏହା ‘ବୋଝ ଉପରେ ଲଳିତା ବିଡା ସଦୃଶ ‘ଜ୍ଜ୍ ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ। ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରର ରିପୋର୍ଟ ଅନୁସାରେ ୨୦୧୪ ମସିହାରେ ୨୭୦୦୦ ମହିଳା ବିଭିନ୍ନ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିଲେ ଏବଂ ୬୦୦୦୦ ପୁରୁଷ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହୋଇଥିଲେ। ୨୦୧୯ ମସିହାରେ ପାଖାପାଖି ୧ଲକ୍ଷ ୧୮ହଜାର ବ୍ୟକ୍ତି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି।ସେଥିମଧରୁ ୮୦୦୦୦ ପୁରୁଷ ଏବଂ ୩୪୦୦୦ ମହିଳା ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି। ୨୦୨୧ମସିହାରେ ଆମ ଦେଶରେ ୧ଲକ୍ଷ ୬୪ହଜାରରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି।ସେଥିମଧରୁ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧୦୦୦ ଏବଂ ମହିଳା ଙ୍କ ସଂଖ୍ୟା ୨୮, ୬୮୦ ରହିଥିଲା। ନିକଟରେ ବେଙ୍ଗାଲୁରରେ ଏକ ଆଇଟି କମ୍ପାନୀର ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁବାଷ ଆମ ଆଇନ ବ୍ୟବସ୍ଥାରେ ରହିଥିବା ସାଙ୍ଘାତିକ ତ୍ରୁଟି ଏବଂ ପତ୍ନୀ ଓ ଶାଶୁଙ୍କ ଅକଥନୀୟ ମାନସିକ ନିର୍ଯ୍ୟାତନା ଓ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ଦେଇଥିବା ୮୦ମିନିଟର ଶେଷ ଭିଡ଼ିଓ ସନ୍ଦେଶ ଏବଂ ୨୪ପୃଷ୍ଠାର ଚିଠି ଅତ୍ୟନ୍ତ ହୃଦୟବିଦାରକ ଓ ଦୁଃଖଦ। ଆମ ପ୍ରଶାସନ ଓ ସରକାରଙ୍କୁ ଏହା ଗୁରୁତର ସହ ନେବାକୁ ପଡ଼ିବ।ଆମ ନ୍ୟାୟ ବ୍ୟବସ୍ଥା କିପରି ବିକଳାଙ୍ଗ ହୋଇପଡ଼ିଛି ଏହି ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ। ଆମ ସମାଜରେ ପ୍ରତିଷ୍ଠିତ ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତବ୍ୟକ୍ତ କରନ୍ତି କି ମୃତ୍ୟୁ ପୂର୍ବରୁ ଦିଆଯାଇଥିବା ମନ୍ତବ୍ୟ କଦାପି ମିଥ୍ୟା ହୋଇନଥାଏ। ଏକ ଏନଜିଓକୁ ଲେଖିଥିବା ନିଜ ୨୪ପୃଷ୍ଠାର ଚିଠିରେ ଅତୁଲ ରାଷ୍ଟ୍ରପତିଙ୍କ ନାମ ଉଲେଖ କରି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା କଥା ବି କହିଛନ୍ତି। ଅତୁଲ ଲେଖିଥିବା ଚିଠିର ପ୍ରତି ପୃଷ୍ଠାରେ ‘ମୋତେ ନ୍ୟାୟ ମିଳିବା ଉଚିତ ‘ବୋଲି ଲେଖିଛନ୍ତି। ମୃତ୍ୟୁ ପରେ ତାଙ୍କ ପ୍ରାର୍ଥିବ ଶରୀରକୁ ପତ୍ନୀଙ୍କୁ ନଛୁଇବାକୁ ସେ କହିଛନ୍ତି। ତାଙ୍କୁ ନିର୍ଯ୍ୟାତନା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଦଣ୍ଡ ନପାଇବା ପ୍ରଯ୍ୟନ୍ତ ଅସ୍ଥି ବିସର୍ଜନ ନକରିବାକୁ ସେ ପରିବାରବର୍ଗକୁ ଅନୁରୋଧ କରିଛନ୍ତି।ସେ ଆହୁରି ମଧ କହିଛନ୍ତି ସବୁକିଛି ପ୍ରମାଣ ଥାଇ ଯଦି ଆମ ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୁଏ ତେବେ ତାଙ୍କ ଅସ୍ଥିକୁ ଅଦାଲତ ବାହାରେ ଥିବା ନାଳରେ ଭାଷାଇଦେବାକୁ ସେ ଅନୁରୋଧ କରିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ। ନିଜ ଶେଷ ଭିଡ଼ିଓ ସନ୍ଦେଶରେ ନିଜର ଦୁଃଖଭରା ଜୀବନ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି।ବିବାହର ଦୁଇ ବର୍ଷ ପରେ ତାଙ୍କ ପତ୍ନୀ ଦେଢ଼ବର୍ଷର ପୁଅ ସହ ଛାଡି ପଳାଇଥିଲେ। ବାହାରେ ରହି ସବୁବେଳେ ଟଙ୍କା ଦେବା ପାଇଁ କହି ଶୋଷଣ କରୁଥିଲେ।ପ୍ରତିମାସ ୪୦ହଜାର ଟଙ୍କା ଭରଣପୋଷଣ ପାଇଁ ନେଉଥିଲେ କିନ୍ତୁ ପିଲାପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା କହି ୨-୪ଲକ୍ଷ ଟଙ୍କା ଦାବି କରିଥିଲେ। କୋର୍ଟରେ ମାମଲା ଯାଇଥିଲା କିନ୍ତୁ ଜୌନପୁର ଫାମିଲି କୋର୍ଟର ଲେଡି ବିଚାରପତି ରିତା କୌଶିକ ମାମଲା ଦଫାରଫା ପାଇଁ ତାଙ୍କୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅତୁଲ କହିଛନ୍ତି। ଡ଼ିସେମ୍ବର ୯ତାରିଖରେ ଇଣ୍ଟରନେଟରେ ୮୦ମିନିଟର ଭିଡ଼ିଓ ସନ୍ଦେଶ ଜାରି କରି ଆତ୍ମହତ୍ୟାର କାରଣ ସହ ନିଜର ଶେଷ ଇଛା ଏବଂ ଆମ ଆଇନ ବ୍ୟବସ୍ଥାର ବିକଳ ଚିତ୍ରକୁ ଉପସ୍ଥାପନା କରିଥିଲେ ଓ ନିଜ ଜୀବନକୁ ଶେଷ କରିବା ହିଁ ଅନ୍ତିମ ବିକଳ୍ପ ବୋଲି କହିଥିଲେ। ସେ ଆହୁରି ମଧ କହିଛନ୍ତି ଷଡଯନ୍ତ୍ର କରି କିପରି ତାଙ୍କ ବିରୁଦ୍ଧରେ ୧୦ରୁ ଅଧିକ ମିଥ୍ୟା ମାମଲା କରାଯାଇଥିଲା। ଆମ ଭ୍ରଷ୍ଟ ନ୍ୟାୟ ବ୍ୟବସ୍ଥା ହିଁ ତାଙ୍କ ଆତ୍ମହତ୍ୟାର ପ୍ରମୁଖ କାରଣ।ଅତୁଲଙ୍କୁ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପତ୍ନୀ ଓ ଶାଶୁ ଉଷୁକାଇଥିବା ତାଙ୍କ ଭିଡ଼ିଓ ସନ୍ଦେଶରେ ସେ ଉପସ୍ଥାପନା କରିଛନ୍ତି। ଫାମିଲି କୋର୍ଟକୁ ବାରମ୍ବାର ଦୌଡିଦୌଡି ସେ ନୟାନ୍ତ ହୋଇପଡ଼ିଥିଲେ।ନ୍ୟାୟ ବଦଳରେ କୋର୍ଟରୁ ମିଳିଥିଲା ପ୍ରତାରଣା ଏହାକୁ ସେ ନିଜର ଶେଷ ଭିଡ଼ିଓ ସନ୍ଦେଶରେ ବର୍ଣ୍ଣନା କରିଛନ୍ତି। ଏବେ ନିକଟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧ ଲଢେଇ ରେ ହାରିଯିବା ଘଟଣା ସାରା ଓଡିଶାବାସୀଙ୍କୁ ଗଭୀର ମର୍ମାହତ କରିଛି। ଏହି ଘଟଣା ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟବିଦାରକ ଏହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ଅଭିଯୋଗ ଅନୁସାରେ ସେହି ବିଭାଗର ମୁଖ୍ୟ ଅଧାପକ ତାଙ୍କୁ ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କ ଉପରେ ଚାପ ପକାଉଥିଲେ ଏହାସହିତ ସେମିଷ୍ଟାର ପରୀକ୍ଷାରେ ଫେଲ କରିଦେବେ ବୋଲି ବାରମ୍ବାର ଧମକ ଦେଉଥିଲେ। କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ତତ୍କାଳୀନ ଫକୀରମୋହନ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଏହି ବିଷୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସେ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ଏବଂ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିଲେ ଏବଂ ଅଭିଯୁକ୍ତ ମୁଖ୍ୟ ଅଧାପକଙ୍କୁ ଘଣ୍ଟଘୋଡାଉ ଥିଲେ।ଏଥିରେ ନିଶ୍ଚିତ ଭାବରେ ତାଙ୍କର ସମ୍ପୃକ୍ତି ରହିଛି ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସୌମ୍ୟାଶ୍ରୀ ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ମାନସିକ ଯନ୍ତ୍ରଣା ସହିଚାଲିଥିଲେ। ନିଜର ହୃଦୟର କୋହକୁ ଛାତି ତଳେ ଚାପି ରଖିଥିଲେ ନିଜର ବାପା, ମାଙ୍କ ପାଖରେ ମଧ ନିଜର ଦୁଃଖକୁ ପରିପ୍ରକାଶ କରିନଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତଳ ଠୁ ଉଚ୍ଚପଦସ୍ଥ ଅଧିକାରୀ ପ୍ରଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ଏବଂ ବାଲେଶ୍ୱର ସମସ୍ତ ଜନପ୍ରତିନିଧି ଯେପରିକି ସାଂସଦ, ବିଧାୟକ, ବିରୋଧୀ ଦଳର ନେତା, ମନ୍ତ୍ରୀଙ୍କୁ ଆକୁଳ ନିବେଦନ କରି ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିଲେ ସମସ୍ତେ କେବଳ ମିଛ ପ୍ରତିଶ୍ରୁତି, ମିଛ ଆଶ୍ୱାସନା ଦେଇଥିଲେ। ଏପରିକି ଯେଉଁଦିନ ସୁଶ୍ରୀ ସୌମ୍ୟାଶ୍ରୀ ଆତ୍ମାହୂତି ଉଦ୍ୟମ କରିଥିଲେ ସେହିଦିନ ସେହିସମୟରେ ଥିବା ମହାବିଦ୍ୟାଳୟର ଅଧକ୍ଷଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ କିନ୍ତୁ ସେ ନିରାଶ କରିଥିଲେ। କିଛିଦିନ ପୂର୍ବରୁ ସାମାଜିକ ଗଣମାଧମ ଏକ୍ସରେ ସୌମ୍ୟାଶ୍ରୀ ନିଜ ସହିତ ହୋଇଥିବା ଅତ୍ୟାଚାର, ଅନ୍ୟାୟ ପରିପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଠାରୁ ଆରମ୍ଭ କରି ସମସ୍ତ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ, ବିରୋଧୀ ଦଳ ନେତା ପ୍ରଯ୍ୟନ୍ତ ସମସ୍ତଙ୍କୁ ନ୍ୟାୟ ପାଇଁ ଆକୁଳ ନିବେଦନ କରିଥିଲେ। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କେହି ତାଙ୍କର ଗୁହାରି ଶୁଣିନଥିଲେ। ସୌମ୍ୟାଶ୍ରୀ ବଞ୍ଚିଥିବା ସମୟରେ ସବୁ ଜାଣି ମଧ ଆଗ ଧାଡ଼ିର ବଡ଼ ପ୍ରିଣ୍ଟ ମିଡ଼ିଆ, ନିଉଜ ଚାଁନେଲ, କେହି କିଛି ଭି ମୁହଁ ଖୋଲୁ ନଥିଲେ, ନେତା, ମନ୍ତ୍ରୀ, ଅଫିସର, ସମାଜସେବୀ, ବିରୋଧୀ ଦଳର ନେତା ସମସ୍ତେ ଯେପରି ଅନ୍ଧ, ମୁକ, ବଧିର ପାଲଟି ଯାଇଥିଲେ। ଜଣେ ନିରୀହ ଝିଅର ଜୀବନ ଦୀପ ଲିଭିଗଲା ପରେ ଏବେ ଛୋଟ ରୁ ବଡ଼ ପ୍ରଯ୍ୟନ୍ତ ସବୁ ନିଉଜ ଚାଁନେଲ, ଖବରକାଗଜ, ନେତା, ମନ୍ତ୍ରୀ, ସମାଜସେବୀ, ବିରୋଧୀ ଦଳ ଚିତ୍କାର କରୁଛନ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଯେଉଁ ଲୋତକର ଅଶ୍ରୁ ଝରାଉଛନ୍ତି ଏଇ ସବୁ ପ୍ରହସନ କହିଲେ ଅତ୍ୟୁକ୍ତି ହେବନାହିଁ।ସମସ୍ତେ ଏବେ ଲୋତକର ବନ୍ୟା କରୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ ନ୍ୟାୟର ସବୁ ରାସ୍ତା ଯେପରି ସୌମ୍ୟାଶ୍ରୀଙ୍କ ପାଇଁ ବନ୍ଦ ହୋଇଯାଇଥିଲା।ଉଚ୍ଚପ୍ରଦସ୍ଥ ପୋଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜାତୀୟମହିଳା କମିଶନ, ରାଷ୍ଟ୍ରପତି, ରାଜ୍ୟପାଳ ସମସ୍ତଙ୍କୁ ସାମାଜିକ ଗଣମାଧମ ଏକ୍ସ ରେ ଲିଖିତ ଭାବେ ଗୁହାରି କଲାପରେ ସୌମ୍ୟାଶ୍ରୀ ନିରାଶ ହୋଇଥିଲେ।ସମସ୍ତେ ନିରବଦ୍ରଷ୍ଟା ସାଜିଥିଲେ। ସବୁଆଡୁ ନିରାଶ ହେଲା ପରେ ସୌମ୍ୟାଶ୍ରୀ ଅସହାୟ ହୋଇପଡ଼ିଥିଲେ।ଶେଷରେ ସେ ନିଜ ଜୀବନକୁ ତୁଚ୍ଛ କରି ଆତ୍ମହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ। ନିରବ ମୁକ ବଧିର ପ୍ରଶାସନର ଭଷ୍ଟ୍ର ବ୍ୟବସ୍ଥା ପାଇଁ ବଳି ପଡ଼ିଲେ ବାଲେଶ୍ୱରର ଲଢୁଆ ସାହସୀ ଝିଅ ସୌମ୍ୟାଶ୍ରୀ।

ଗୋପାଳପୁର,ବାଲେଶ୍ୱର,
ମୋବାଇଲ-୭୦୨୦୬୧୧୩୦୦

# ଆତ୍ମହତ୍ୟା ହାର ଚିନ୍ତାଜନକ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଆମ ଦେଶରେ ଆତ୍ମହତ୍ୟା ମହାପାପ ବୋଲି କୁହାଯାଇଥିବା ସତ୍ତ୍ୱେ ଦେଶରେ ଏବେ ଯେପରି ଯୁବବର୍ଗଙ୍କ ମଧରେ ଏହି ପ୍ରବଣା ବୃଦ୍ଧି ପାଇବାରେ ଲାଗିଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏକ ଗବେଷଣାତ୍ମକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ପ୍ରତି ୬ଜଣରେ ଜଣେ ୧୫ରୁ ୨୯ ବର୍ଷ ବୟସ୍କ ଯୁବକ-ଯୁବତୀ ଆତ୍ମହତ୍ୟା କରୁଛନ୍ତି। ତେବେ ୨୦୨୦-୨୦୨୨ ମଧରେ ଯୁବକମାନଙ୍କ ତୁଳନାରେ ଅଧିକ ସଂଖ୍ୟକ ଯୁବତୀ ଆତ୍ମହତ୍ୟା କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ମଧ ଏହି ସମୟ ସୀମା ମଧରେ ଆତ୍ମହତ୍ୟା ଘଟଣା ବୃଦ୍ଧି ନେଇ ଅନୁରୂପ ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛି। ଏହି ସମୟ ସୀମା ମଧରେ ଦେଶରେ ଆତ୍ମହତ୍ୟାର ଭାର ପ୍ରତି ୧, ୦୦, ୦୦୦ରେ ୧୨.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଯାହାକି ଭାରତୀୟ ଉପ-ମହାଦେଶରେ ସର୍ବକାଳୀନ ରେକର୍ଡ ଥିଲା ବୋଲି କୁହାଯାଇଛି। କେବଳ ଭାରତ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ମଧ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପ୍ରତି ୪୦ ସେକେଣ୍ଡରେ ବିଶ୍ୱରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଥିବା ରିପୋର୍ଟରେ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସବିଶେଷ ତଥ୍ୟ ଅନୁଯାୟୀ ବାର୍ଷୀକ ବିଶ୍ୱରେ ୭ଲକ୍ଷ ୨୭ ହଜାର ଆତ୍ମହତ୍ୟା ମୃତ୍ୟୁ ଘଟୁଥିବା କୁହାଯାଇଛି। ତେବେ ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଦେଶମାନଙ୍କରେ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ଲାଗି ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନାହିଁ, ସେହି ଦେଶଗୁଡିକ ଆତ୍ମହତ୍ୟା ମୃତ୍ୟୁ ଅଧିକ ରହିଛି। ବିଶେଷ କରି ସ୍ୱଳ୍ପ ଓ ମଧବିତ ଆୟକାରୀ ବର୍ଗରେ ଆତ୍ମହତ୍ୟା ମୃତ୍ୟୁ ୭୩ ପ୍ରତିଶତ ରହିଛି। ଏପରି କି ମଧ ବିଶ୍ୱରେ ସମୃଦ୍ଧଶୀଳ ରାଷ୍ଟ୍ର ଭାବେ ପରିଚିତ ଯୁକ୍ତରାଷ୍ଟ୍ର ଆମେରିକାରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାର ଉନ୍ନତମାନର ସୁବିଧା ସୁଯୋଗ ଥିବା ସତ୍ତ୍ୱେ ସେଠାରେ ମଧ ଆତ୍ମହତ୍ୟା ହାର ୧୭ପ୍ରତିଶତକୁ ବୃଦ୍ଧି ପାଇଛି। ଯାହାକି ଅତ୍ୟନ୍ତ ଗମ୍ଭୀର ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ପାଞ୍ଚବର୍ଷରେ ତଥା ୨୦୩୦ ସୁଦ୍ଧା ଦେଶରେ ଆତ୍ମହତ୍ୟା ମୃତ୍ୟୁ ହାର ୧୦ପ୍ରତିଶତକୁ ହ୍ରାସ କରିବା ଲାଗି ଜାତୀୟ ଆତ୍ମହତ୍ୟା ନିରାକରଣ ସଂସ୍ଥା (ଏନଏସପିଏସ) ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିଲାଗି ଚିକିତ୍ସାଗତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ଅଗ୍ରସର ହେଉଛି। ମାନସିକ ପରାମର୍ଶ, ମାନସିକ ରୋଗର ସୁବିଧା ସୁଯୋଗ ସହାୟତାକୁ ବ୍ୟାପକ କରିବାକୁ ଯୋଜନା ଆରମ୍ଭ କରିଛି। ମାନସିକ ଚାପ ଆତ୍ମହତ୍ୟାର ମୁଖ୍ୟ କାରଣ ଭାବେ ଉଭା ହୋଇଛି। ମାନସିକ ବିଶେଷଜ୍ଞଙ୍କ ମତରେ ଆମ ଦେଶରେ ଆମ ଦେଶରେ ୪୦ ରୁ ୯୦ ପ୍ରତିଶତ ଲୋକ ମାନସିକ ଚାପଗ୍ରସ୍ତ। ଏପରିକି ଅପ୍ରାପ୍ତ ବୟସ୍କ ବାଳକ, ବାଳିକା ଏବଂ ଶିଶୁ ଏଥିରୁ ମୁକ୍ତ ନୁହଁନ୍ତି। ବିଶେଷ କରି ପାରିବାରିକ ଅଶାନ୍ତି, ଦାରିଦ୍ର୍ୟ, ଅର୍ଥଭାବ, ଜାତିଗତ ନିର୍ଯ୍ୟାତନା, ପ୍ରେମଜନିତ ବ୍ୟପାର ଏବଂ ପ୍ରତିଯୋଗିତାମୂଳକ ଅଧ୍ୟୟନ ଆତ୍ମହତ୍ୟାର କାରଣ ବୋଲି ମାନସିକ ବିଶେଷଜ୍ଞମାନଙ୍କ ମତ। ଦେଶରେ କୋଚିଂ ହବ ଭାବେ ପରିଚିତ କୋଟା’ରେ ବିଭିନ୍ନ ସର୍ବଭାରତୀୟ ପ୍ରଶାସନିକ ସେବା ଏବଂ ଉଚ୍ଚବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାପାଇଁ କୋଚିଂ ସେଂଟରରେ ଶିକ୍ଷା ଗ୍ରହଣ କରୁଥିବର ଛାତ୍ରଛାତ୍ରୀଙ୍କ ମଧରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ଗଲାବର୍ଷ ୩୬ଜଣ ଅଧ୍ୟୟନରତ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ଚଳିତ ବର୍ଷ ୧୧ଜଣ ଆତ୍ମହତ୍ୟା କରିସାରିଲେଣି। ସେହିପରି ଲିଭ୍ ଇନ୍‌ରେ ରହୁଥିବା ଯୁବକଯୁବତୀ ପ୍ରେମରେ ବିଫଳତା ଯୋଗୁଁ ଆତ୍ମହତ୍ୟା ପନ୍ଥା ବାଛିନେଇଥିବା ଜଣାଯାଏ। ଆମେରିକାରେ ମାନସିକ ଚାପ, ମାନସିକ ଅସୁସ୍ଥତା ଆତ୍ମହତ୍ୟାର ମୁଖ୍ୟକାରଣ ହୋଇଥିବା ବେଳେ ଜାପାନ, ଦକ୍ଷିଣ କୋରିଆ ଆଦି ଦେଶରେ କାମର ଚାପ, ଆତ୍ମହତ୍ୟା ପ୍ରବଣତା ବୃଦ୍ଧିର ମୁଖ୍ୟକାରଣ ହୋଇଥିବା ‘ହୁ’ କହିଛି। ଉଲ୍ଲେଖ କରାଯାଇପାରେ ଯେ, ଆମ ରାଜଧାନୀ ଭୁବନେଶ୍ୱରରେ ଆତ୍ମହତ୍ୟା ମୃତ୍ୟୁ ମଧ କିଛି କମ୍ ନୁହେଁ। ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଅର୍ଥାତ ବର୍ଷକ ମଧରେ ୮୫ଜଣ ଆତ୍ମହତ୍ୟା କରିଥିବା ସରକାରୀ ରିପୋର୍ଟ କହେ। ସେହିପରି ରେଳ ଧାରଣାରେ ଆତ୍ମହତ୍ୟା ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଯାହାକି ଚିନ୍ତାଜନକ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଘରୋଇ ହିଂସା, ଜାତିଗତ ବାଛବିଚାର ନିଷିଦ୍ଧ ପାଇଁ ଆମ ଦେଶରେ ଆଇନ ରହିଛି। ଏହା ସତ୍ତ୍ୱେ ଏହା ବଢୁଥିବାରୁ ଆତ୍ମହତ୍ୟା ଘଟଣାମାନ ବୃଦ୍ଧି ପାଉଛି। ସେହିପରି ମାନସିକ ରୋଗର ଚକିତ୍ସା ସୁବିଧା ଥିବା ସତ୍ତ୍ୱେ ଏହା ଅଧିକ ବ୍ୟୟବହୁଳ ହୋଇଥିବାରୁ ଚାପଗ୍ରସ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଅନୁଧାନକାରୀ ରିପୋର୍ଟ କହେ। ସର୍ବୋପରି ଆତ୍ମହତ୍ୟା ମହାପାପ, ଏହାକୁ ମନରେ ଗ୍ରହଣ କରି ଯୁବବର୍ଗ ଆତ୍ମହତ୍ୟାରୁ ନିବୃତ ହେବା ଆବଶ୍ୟକ।

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା),
ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଭଜ ନିତାଇଗୌର ନାମ



**ଶ୍ରୀହରିଗୁରୁବୈଷ୍ଣବ ଆଶ୍ରିତ ଅତୀଶ**

ଆମ ରାଜ୍ୟ ଓଡ଼ଶାରେ ପ୍ରାୟତଃ ବର୍ଷ ତମାମ ଘରେ କିମ୍ବା ମଠ ମନ୍ଦିରରେ ହରିନାମ କୀର୍ତ୍ତନ ଅଷ୍ଟପ୍ରହରୀ, ଚତୁର୍ଥ ପ୍ରହରୀ ବା କୌଣସି ମଠ ମନ୍ଦିରରେ ଅଖଣ୍ଡ ନାମ ହେଉଛି। ପ୍ରାୟତଃ ମହାମନ୍ତ୍ର ସବୁଠାରେ ନାମ ସଂକୀର୍ତ୍ତନ ହେଉଛି ସବୁ ଲୋକ ମହାମନ୍ତ୍ର ବିଷୟରେ ଅବଗତ ଆଉ କୋଉଠି (ଭଜ) ନିତାଇ ଗୌର ରାଧେଶ୍ୟାମ... ନାମ କୀର୍ତ୍ତନ ହେଉଛି ଏହି ନାମ କେଉଁଠୁ ଆସିଲା? ଯିଏ ନାହିଁ ସିଏ ନିଜେ ନାମ ତିଆରି କରିଦେବ ତାକୁ କୀର୍ତ୍ତନ କରାଯିବ କି? ଛୋଟ ବେଳେ ଥରେ ମୋର ମନେ ଅଛି ଆମ ଗାଁରେ ଜଣେ ଲୋକ କହିଲେ ଭଜ ନିତାଇ ଗୌର..... ନାମ କଣ କଳିର ତାରକ ମନ୍ତ୍ର ଯେ ଏହା ଅଷ୍ଟପ୍ରହରୀରେ କୀର୍ତ୍ତନ ହେବ ମୁଁ ଛୋଟ ଥିବାରୁ ତାହାର ଉତ୍ତର ଜାଣି ନଥିଲି। ତେବେ ଏହି ନିତାଇ ଗୌର ନାମ କିପରି ସୃଷ୍ଟି ହେଲା ଓ ତାହାର ଅର୍ଥ କ’ଣ ଜାଣିବା ଏହି ପ୍ରସଙ୍ଗରେ। ଦିନେ ସନ୍ଧ୍ୟା ସମୟରେ ସଦଗୁରୁଦେବ ନାମଚାର୍ଯ୍ୟ ଶ୍ରୀ ଶ୍ରୀ ବାୟା ବାବା ବସିଛନ୍ତି ଜଣେ ଭଦ୍ରଲୋକ ପ୍ରଶ୍ନ କଲେ ବାବା ଆପଣ କହନ୍ତି ଭଗବାନଙ୍କର ଯେ କୌଣସି ନାମ କଲେ ହେବ ତାହାହେଲେ କାହିଁକି ଆପଣଙ୍କ ପାଖରେ ସବୁବେଳେ (ଭଜ) ନିତାଇ ଗୌର ରାଧେ ଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ଏହି ନାମ ହେଉଛି? ଯାହାର ଯେଉଁ ନାମ ଇଛା ସେହି ନାମ କଲେ ଚଳନ୍ତା ନାହିଁ ସବୁବେଳେ କାହିଁ ସେହି ଗୋଟିଏ ନାମ ହେବ? ତା ଛଡ଼ା ଅନ୍ୟ ନାମ ଥାଉ ଥାଉ ଏହି ଗୋଟିଏ ନାମ ପ୍ରଚାର କରିବାର କଣ ଆବଶ୍ୟକତା ଅଛି ଏହା ଶୁଣି ଶ୍ରୀ ବାବା ଉତ୍ତର ଦେଲେ ଆପଣ ବୋଧେ ଅନ୍ୟମନସ୍କ ଥିଲେ ବାୟା କହିଲେ ଯାହାକୁ ଯେଉଁ ନାମ ଇଛା ହେଉଛି ସେ କରୁ ଆମକୁ ଏହି ନାମ ଭଲ ଲାଗୁଛି ତେଣୁ ଆମେ ତାହା କରୁଛୁ ତେଣୁ ଅଡୁଆ କୋଉଠି ରହିଲା। ଏହି ନାମ ଛାଡ଼ ଆମେ ଅନ୍ୟ କିଛି ଜାଣୁନ କଳ୍ପତରୁ ଶ୍ରୀଗୁରୁଦେବ ଏହି ନାମ ଶୁଣାଇ ଦେଇଛନ୍ତି ତେଣୁ ଘୋସି ହେଉଛୁ। ସାଧନା ଭଜନ କ’ଣ ଆମେ ଜାଣିଛୁ? ସେ ଯାହା କହିଯାଇଛନ୍ତି ଆମେ ତାହା କରୁଛୁ। ତାଙ୍କ ଆନୁଗତ୍ୟର ତାଙ୍କ ଆଦେଶ ପାଳିବା ଆମ କର୍ତ୍ତବ୍ୟ। ଆମେ ହେଲୁ ଘଣା ବଳଦ ତେଲି ଆମକୁ ଏଥିରେ ଯୋଚି ଯାଇଛି। ଆମେ କି ଜାଣିଛୁ ଭଲ ମନ୍ଦ ଲାଭ କ୍ଷତି? ଏ ଘଣା ନୂଆ କି ପୁରୁଣା ଏଥିରେ ତେଲ ବାହାରିବ କି ନାହିଁ ଆମେ ଜାଣିନୁ ତାହା ମଧ ଜାଣିବା ଦରକାର ନାହିଁ ସେ କାନ୍ଧରେ ଜୁଆଳି ଲଦି ଦେଇ ଯାଇଛନ୍ତି, ଆମେ ବୁଲୁଛୁ ଭଲ ମନ୍ଦ ସେ ତେଲି ଜାଣେ। ଭଗବାନଙ୍କ ଅନନ୍ତ ନାମ କେଉଁ ନାମ ଆମେ କରିବା ସେଥିପାଇଁ ନିଜେ କିଛି ବିଚାର ନକରି ଶ୍ରୀଗୁରୁଦେବଙ୍କ ଅଦିଷ୍ଟରେ ନାମ କରିବା ନିରାପଦ ଯେତେବେଳେ ଯାହା ଇଛା ହେଲା ସେ ନାମ କରିବା ଦ୍ୱାରା ସାଧନା ପୂର୍ଣ୍ଣ ହୁଏ ନାହିଁ ତେଣୁ ଗୁରୁ ପରମ୍ପରା ଅନୁସାରେ ସାଧନା କରିବାକୁ ହୁଏ। ସେଥିପାଇଁ ବାୟା କହୁଛି ଶ୍ରୀ କଳ୍ପତରୁ ଗୁରୁଦେବ ଯେଉଁ ନାମ କରିବାକୁ କହିଛନ୍ତି ତାହା ଆମେ କରୁଛୁ। ଏହି ନାମ କିପରି ସୃଷ୍ଟି ହେଲା ଜାଣିଛନ୍ତି ଶ୍ରୀ ଶ୍ରୀ ବଡ଼ବାବାଜୀ ରାଧା ରମଣ ଦେବ ମହାରାଜ ଜଣେ ଶକ୍ତିଧର ମହାପୁରୁଷ ଥରେ ନଦିଆ ଜିଲ୍ଲାର କୃଷ୍ଣ ନଗର ଠାରେ ଜଣେ ଭକ୍ତଙ୍କ ଗୃହରେ କୀର୍ତ୍ତନ କରୁଥାନ୍ତି। କୀର୍ତ୍ତନରେ ମହାଭାବରେ ମତୁଆଲା ହୋଇ ସେଠାରେ ଥିବା କାନ୍ଥକୁ ଆଉଜି ହୋଇ ଠିଆ ହୋଇଥାନ୍ତି ହଠାତ୍ ତାଙ୍କ ମୁଖରୁ ସେହି ମହାଭବ ଅବସ୍ଥାରେ (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ ପ୍ରକଟ ହେଲା ସେ ଯେଉଁଠାରେ ଠିଆ ହୋଇଥିଲେ ସେ ପଥର ଚଟାଣରେ ତାଙ୍କ ପାଦ ଚିହ୍ନ ରହିଗଲା। ଭଗବାନ ଯେପରି ସ୍ୱପ୍ରକାଶ ନିଜେ ଇଛା କଲେ ଯେଉଁଠାରେ ଯେମିତି ସ୍ୱ ପ୍ରକାଶ କରନ୍ତି ସେହିପରି ତାଙ୍କ ନାମ ମଧ ସେହିପରି ସ୍ୱତ୍ୱ ପ୍ରକାଶିତ ହୋଇଥାନ୍ତି। ଶୁଦ୍ଧ ଆଧାର ଦେଖିଲେ ନାମ ବା ମନ୍ତ୍ର ସେଠାରେ ପ୍ରକାଶିତ ହୁଅନ୍ତି। ଯୁଗ ଅନୁସାର ଭଗବାନ ଯେପରି ଭିନ୍ନ ଭିନ୍ନ ଅବତାର ନିଅନ୍ତି ସେହିପରି ନିତ୍ୟସିଦ୍ଧ ନାମ ମଧ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ ହୁଅନ୍ତି। ଏଥିରେ ନୂଆ ପୁରୁଣା କିଛି ନାହିଁ ନିତାଇ ଗୌର କଣ ନୂଆ ନା ହରେ କୃଷ୍ଣ ନାମ ନୂଆ? ଏଥିରେ କୌଣସି ନାମ ନୂଆ ନୁହେଁ କେବଳ ସାଧନକ୍ରମରେ ଏହି ନାମମାଳା ଗୁନ୍ଥା ହୋଇଛି। ଦେଖିଥିବେ ଠାକୁରଙ୍କ ପାଖରେ ଯେଉଁ ମାଳା ଲାଗିହୁଏ, ତାହା ବିଚାର ହୁଅ ଫୁଲ ଉପରେ ମାଳା ଉପରେ ନିଁହେ। ମଲ୍ଲୀ, ମାଳତୀ, ଯାଇ, ଜୁଇ, କଦମ୍ବ, ବଉଳ ଏହି ଫୁଲର ସବୁ ଠାକୁରଙ୍କୁ ଲାଗି ହୁଅ ଏହାର ମାଳା ମଧ ମାଳୀ ମାଳା ଗୁନ୍ଥିଲା ବେଳେ କିପରି ସୁନ୍ଦର ଦେଖାଯିବ ମାଳୀ ବିଚାର କରି କାହାକୁ ଆଗରେ ପଛରେ ଫୁଲ ମାନଙ୍କୁ ଗୁନ୍ଥିଛି ତେଣୁ ସେଥିରେ କାହିଁକି ନୂଆ ପୁରୁଣା ବିଚାର ହେବ? ତେଣୁ ଏହି ନିତାଇ ଗୌର ନାମ ନୂଆ ନୁହେଁ ସାଧ ସାଧନା ଭେଦରେ ତାହା ଗୁନ୍ଥା ଯାଇଛି ମାତ୍ର ଭଜ ଓ ଜପ ଦ୍ୱାରା ସାଧ ସାଧନ ନିର୍ଣ୍ଣୟ କରାଯାଇଛି। ଯାହା ଲାଭ କରିବାକୁ ସାଧନ କରାଯାଏ ତାହା ସାଧ ଯାହା କରାଯାଏ ତାହା ସାଧନା। ଏହି ଯେଉଁ ନାମ ମାଳା ଦେଖୁଛନ୍ତି ସେଥିରେ କ୍ରମାନ୍ୱୟରେ ସାଧ ସାଧନା କଥା କୁହାଯାଇଛି। ସାଧ ହେଲା ଭଜ ନିତାଇ ଗୌର ରାଧେଶ୍ୟାମ। ସାଧନ ହେଲା ଜପ ହରେ କୃଷ୍ଣ ହରେ ରାମ। ଆଗ ନିତାଇଙ୍କୁ ଡାକ କାରଣ କଳିପୀଡ଼ିତ ଜୀବ ମାନଙ୍କୁ ଦେଖି ତାଙ୍କ ପରାଣ କାନ୍ଦୁଛି କିପରି ଉଦ୍ଧର ହେବ ଓ ସେ କୃପା କଲେ ଗୌର ମିଳିବେ। ନିତାଇ ଦୟା କିପରି ହେବ? ହରେକୃଷ୍ଣ ହରେ ରାମ ଜପ କଲେ। ଯଦି ମନରେ ଆସେ ଏହି ଗୌର କିଏ ତେବେ ଉତ୍ତର ହେଉଛି ରାଧେଶ୍ୟାମ ଅର୍ଥାତ୍ ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ହେଉଛନ୍ତି ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଏହାଠାରୁ ବଳି ବଡ଼ ସାଧନ କରିବା ନିରାପଦ ଉପାୟ କ’ଣ? ଏହି ପ୍ରଶ୍ନ ଉତ୍ତର ହେଲା ନିରପରାଧରେ ହରେ କୃଷ୍ଣ ହରେ ରାମ ଜପ କରିବା। ରସଗୋଲା ସମ୍ବନ୍ଧରେ ଖାଲି ପଚାରିଲେ ହେବନି ଖାଇବାକୁ ହୁଏ। ଗୁରୁଦେବଙ୍କ ଅନୁଗତ୍ୟର ଯେତେ ପାରୁଛ ନାମ କରିଯାନ୍ତି ସବୁ ପାଇବେ। ତେଣୁ ଏହି ଦିବ୍ୟ ନାମ ନାମ ସଂକୀର୍ତ୍ତନ କରିବା ବିଧି। ଏହ ନାମର ପ୍ରମାଣ ସ୍ୱରୂପ ସେହି ପାଦପଦ୍ମ ପଥର ଏବେ କଟକ ସ୍ଥିତ ପୁରୀଘାଟ ଥାନା ପାଖରେ ଥିବା ଶ୍ରୀ ରାସବିହାରୀ ମଠରେ ଏକ ମନ୍ଦିର ମଧରେ ପୂଜା ପାଉଛି ସର୍ବସାଧାରଣଙ୍କ ଦର୍ଶନ କରିପାରିବେ ଯାହାକି ନିତାଇ ଗୌର ନାମ କିପରି ସ୍ୱପ୍ରକଟ ଓ ଚିନ୍ମୟ ତାହା ଅନୁଭବ ହୁଅ ତାକୁ ଦେଖି। ନିତାଇ ଗୌର ହରିବୋଲ।



ଦୂରଭାଷ : ୬୩୭୧୫୮୦୫୨୪

# ଘାସ ପାଇଁ ଭୂ-ସ୍ଖଳନ



ନୂଆଦିଲ୍ଲୀ, ୧୬।୭: ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁଁ ବାରମ୍ବାର ହେଉଥିବା କ୍ଷୟକ୍ଷତି ପଛରେ ଘାସ ମଧ୍ୟ ଏକ ବଡ଼ କାରଣ। ନିକଟରେ ଯେତେବେଳେ ସେରାଜ ଘାଟିର ପ୍ରଶାସନିକ ଅଧିକାରୀମାନେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଏହି ବିଷୟରେ କହିଥିଲେ, ସେ ମଧ୍ୟ ଏହି ଘଟଣାକୁ ନେଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ମଣ୍ଡିର ଥୁନାଗଂ ଅଞ୍ଚଳରେ ଏତେ ବଡ଼ କ୍ଷୟକ୍ଷତି ଦ୍ୱିତୀୟ ଥର ପାଇଁ ଘଟିଛି। ଯେତେବେଳେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର କାରଣ ପଚାରିଥିଲେ, ସେତେବେଳେ ସେ ଜାଣିବାକୁ ପାଇଲେ ଯେ ଏହା ପଛରେ ଦୁଇଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ ଜଳବାୟୁ ପରିବର୍ତ୍ତନ ଏବଂ ଦ୍ୱିତୀୟତଃ, ପାହାଡ଼ରେ ଘାସର ଅଭାବ। ଥୁନାଗଂର ତହସିଲଦାର ନିଜେ ଅନୁରାଗ ଠାକୁରଙ୍କୁ କହିବା ମାତ୍ରେ ସେଠାରେ ଠିଆ ହୋଇଥିବା ଚାଷୀମାନେ ପ୍ରତିବାଦ କରିବା ଆରମ୍ଭ କରିଦେଲେ ଯେ ଏଥିପାଇଁ ଘାସ କିପରି ଦାୟୀ ହୋଇପାରେ? ତଥାପି, ଅନୁରାଗ ଠାକୁର କହିଛନ୍ତି ଯେ ଏକ ସ୍ଥାୟୀ ସମାଧାନ ଖୋଜିବାକୁ ପଡ଼ିବ। ନଚେତ୍, ଏପରି ବିପର୍ଯ୍ୟୟ ବାରମ୍ବାର ଘଟିବ।

## ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାରେ କ୍ୟାବିନେଟ୍ ମୋହର

# ୧୦୦ଟି ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ହେବ ତ୍ୱରାନ୍ୱିତ

ନୂଆଦିଲ୍ଲୀ,୧୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛି। ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ। ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ପ୍ରଥମ ଥର ପାଇଁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।

ଏହି ଯୋଜନାର ଲକ୍ଷ୍ୟ ହେଉଛି କୃଷି ଉତ୍ପାଦକତା ବୃଦ୍ଧି କରିବା, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଗ୍ରହଣୀୟତା ବୃଦ୍ଧି କରିବା, ପଞ୍ଚାୟତ ଓ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବଢ଼ାଇବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା। ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବା। ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ କମ୍ ଋଣ ବଣ୍ଟନର ତିନୋଟି ପ୍ରମୁଖ ସୂଚକ ଆଧାରରେ ୧୦୦ଟି ଜିଲ୍ଲାକୁ ଚିହ୍ନଟ କରାଯିବ। ମୋଟ୍ ଫସଲ କ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ହୋଲ୍ଡିଂର ଅଂଶକୁ ଆଧାର କରି ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲା ସଂଖ୍ୟା ନିର୍ଦ୍ଧାରଣ କରାଯିବ। ତଥାପି, ପ୍ରତ୍ୟେକ ରାଜ୍ୟରୁ ଅତି କମରେ ଗୋଟିଏ ଜିଲ୍ଲା ଚୟନ କରାଯିବ।



ଯୋଜନାକୁ ଲାଗୁ କରିବା ପାଇଁ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ କମିଟି ଗଠନ କରାଯିବ। ଏହି କମିଟିଗୁଡ଼ିକ ପ୍ରଭାବୀ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ତଦାରଖ ପ୍ରତି ଧ୍ୟାନ ଦେବ। ଜିଲ୍ଲା ଧନ ଧାନ୍ୟ କମିଟି ଦ୍ୱାରା ଗୋଟିଏ ଜିଲ୍ଲା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଯୋଜନା ଚୂଡ଼ାନ୍ତ କରାଯିବ। ଏଥିରେ ପ୍ରଗତିଶୀଳ ଚାଷୀମାନେ ମଧ୍ୟ ସଦସ୍ୟ ରହିବେ। ଜିଲ୍ଲା ଯୋଜନାଗୁଡ଼ିକ ଫସଲ ବିବିଧତା, ଜଳ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାରଣ ଭଳି ଜାତୀୟ ଲକ୍ଷ୍ୟ ସହ ସଂଯୁକ୍ତ ହେବ। ପ୍ରତ୍ୟେକ ଧନ-ଧାନ୍ୟ ଜିଲ୍ଲାରେ ପ୍ରତି ମାସରେ ଏକ ଡ୍ୟାସବୋର୍ଡ ମାଧ୍ୟମରେ ୧୧୭ଟି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ ଉପରେ ଯୋଜନାର ଅଗ୍ରଗତି ତଦାରଖ କରାଯିବ। ନୀତି ଆୟୋଗ ମଧ୍ୟ ଜିଲ୍ଲା ଯୋଜନାଗୁଡ଼ିକର ସମୀକ୍ଷା ଏବଂ ମାର୍ଗଦର୍ଶନ କରିବ। ଏହାବ୍ୟତୀତ ପ୍ରତ୍ୟେକ ଜିଲ୍ଲା ପାଇଁ ନିଯୁକ୍ତ କେନ୍ଦ୍ରୀୟ ନୋଡାଲ ଅଧିକାରୀମାନେ ମଧ୍ୟ ନିୟମିତ ଭାବରେ ଯୋଜନାର ସମୀକ୍ଷା କରିବେ।

ଏହି ୧୦୦ଟି ଜିଲ୍ଲାରେ ଲକ୍ଷ୍ୟ ଆଧାରିତ ଫଳାଫଳରେ ଉନ୍ନତି ହେବା ସହିତ, ଦେଶର ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକାଙ୍କ ତୁଳନାରେ ସାମଗ୍ରିକ ହାରାହାରି ପ୍ରଦର୍ଶନରେ ମଧ୍ୟ ସୁଧାର ଆସିବ। ଏହି ଯୋଜନା ଫଳରେ ଅଧିକ ଉତ୍ପାଦକତା, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ସହିତ ସ୍ଥାନୀୟ ଜୀବିକା ସୃଷ୍ଟି ହେବ। ଘରୋଇ ଉତ୍ପାଦନ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା (ଆତ୍ମନିର୍ଭର ଭାରତ) ହାସଲ ହୋଇପାରିବ। ଏହି ୧୦୦ଟି ଜିଲ୍ଲାର ସୂଚକାଙ୍କରେ ଉନ୍ନତି ହେବା ସହିତ, ଜାତୀୟ ସୂଚକାଙ୍କଗୁଡ଼ିକ ସ୍ୱୟଂଚାଳିତ ଭାବରେ ଏକ ଊର୍ଦ୍ଧ୍ୱଗାମୀ ଗତିପଥରେ ଅଗ୍ରସର ହେବ।

## 'ନାଗରିକତା ପ୍ରମାଣ କରିବା ନିର୍ବାଚନ କମିଶନରଙ୍କ କାମ ନୁହେଁ'



ନୂଆଦିଲ୍ଲୀ, ୧୬।୭: ବିହାରରେ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର)କୁ ନେଇ ରାଜନୀତି ଜୋର। କଂଗ୍ରେସ ମହାସଚିବ ଜୟରାମ ରମେଶ ଏବଂ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓଓ୍ବେସୀ ଏହାକୁ ନେଇ ନିର୍ବାଚନ କମିଶନ ଏବଂ ବିଜେପିକୁ ଟାର୍ଗେଟ କରିଛନ୍ତି। ଜୟରାମ ରମେଶ କହିଛନ୍ତି ଯେ, ଲୋକ କଲ୍ୟାଣ ମାର୍ଗର ବାସିନ୍ଦା ମାନେ ବିହାରରେ ଏସ୍ଆଇଆର ପାଇଁ ଦାୟୀ। ସେ କହିଛନ୍ତି କି, ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ମହିଳା, ପଛୁଆ ବର୍ଗ ଏହା ଦ୍ୱାରା ବହୁତ ପ୍ରଭାବିତ ହେବେ। କଂଗ୍ରେସ ନେତା କହିଛନ୍ତି କି,ଏହି ମାମଲା ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଏହା ଉପରେ ଦ୍ୱିତୀୟ ଶୁଣାଣି ଜୁଲାଇ ୨୮ରେ ହେବାକୁ ଯାଉଛି। ସୁପ୍ରିମକୋର୍ଟ ବିହାରକୁ ଏକ ପରାମର୍ଶ ମଧ୍ୟ ଦେଇଛନ୍ତି। ଏହି ସମୟରେ, ନିର୍ବାଚନ କମିଶନ କହିଛନ୍ତି ଯେ ଏହା କେବଳ ବିହାର ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ସମସ୍ତ ରାଜ୍ୟରେ କରାଯିବ। ତେବେ ନାଗରିକତା ପ୍ରମାଣ କରିବା ନିର୍ବାଚନ କମିଶନର ଦାୟିତ୍ୱ ନୁହେଁ ବୋଲି ସେ କହିଛନ୍ତି।"

## ଉଦ୍ଧବଙ୍କୁ ଫଡନଭିସଙ୍କ ଅଫର 'ଚାହୁଁଛ ଯଦି ଆସିଯାଅ'



ନୂଆଦିଲ୍ଲୀ, ୧୬।୭: ମହାରାଷ୍ଟ୍ର ରାଜନୀତିରେ ପୁଣି ହଇଚଇ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ବିଧାନସଭାରେ ଦେଇଛନ୍ତି ବଡ଼ ବୟାନ। ସେ କହିଛନ୍ତି, ୨୦୨୯ ପର୍ଯ୍ୟନ୍ତ ବିଜେପି କିମ୍ବା ଏହାର ମେଣ୍ଟ ବିରୋଧୀ ଦଳରେ ଯିବେ ନାହିଁ। ସେ ଶିବସେନା (ଉଦ୍ଧବ ଗୋଷ୍ଠୀ) ମୁଖ୍ୟ ଉଦ୍ଧବ ଠାକରେଙ୍କୁ ଇଶାରାର ଶାସକ ଦଳରେ ଯୋଗଦେବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ବୃହନମୁମ୍ବାଇ ନଗର ନିଗମ ନିର୍ବାଚନ ପାଖେଇ ଆସୁଛି ଏବଂ ରାଜନୈତିକ ସମୀକରଣ ଦ୍ରୁତ ଗତିରେ ବଦଳୁଛି। ବିଜେପିର ଏହି ରଣନୀତି ବିଏମସି ନିର୍ବାଚନ ପୂର୍ବରୁ ଶିବସେନା (ଉଦ୍ଧବ ଗୋଷ୍ଠୀ)ର ସ୍ଥିତିକୁ ଦୁର୍ବଳ କରିବାର ପ୍ରୟାସ ମଧ୍ୟ ହୋଇପାରେ। ବିଧାନ ପରିଷଦ ଅଧିବେଶନରେ ଭାଷଣ ଦେଇ ଫଡନଭିସ୍ କହିଥିଲେ ଯେ ଆମେ ଅତି କମରେ ୨୦୨୯ ପର୍ଯ୍ୟନ୍ତ ବିରୋଧୀ ଦଳକୁ ଯିବାର କୌଣସି ସମ୍ଭାବନା ନାହିଁ। ଏହି ବିବୃତ୍ତି ରାଜନୈତିକ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ। ପୂର୍ଣ୍ଣ ବିଧାନ ପରିଷଦରେ ସେ କହିଥିଲେ ଯେ ଯଦି ଉଦ୍ଧବ ଜୀ ଚାହାଁନ୍ତି, ତେବେ ସେ ଏହି ପକ୍ଷକୁ ଆସିବା ବିଷୟରେ ଚିନ୍ତା କରିପାରିବେ। ଏପରି ପରିସ୍ଥିତିରେ, ଆଉ ଏକ ସମ୍ଭାବ୍ୟ ମେଣ୍ଟ ବିଷୟରେ କଳ୍ପନାଜଳ୍ପନା ତୀବ୍ର ହୋଇଛି। ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ ଏହି ଧାରଣାକୁ ଭିନ୍ନ ଉପାୟରେ କରାଯାଇପାରିବ, ଯାହା ଯୋଗୁଁ ଏହି ବିବୃତ୍ତି ରାଜନୈତିକ ଦୃଷ୍ଟିରୁ ଅଧିକ ଅର୍ଥପୂର୍ଣ୍ଣ ହୋଇଯାଇଛି।

## ବିଜେପି ବିରୋଧରେ ମମତାଙ୍କ ପ୍ରତିବାଦ ଶୋଭାଯାତ୍ରା



ନୂଆଦିଲ୍ଲୀ, ୧୬।୭: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ଲୋକଙ୍କ ପ୍ରତି ହେଉଥିବା କଥିତ ନିର୍ଯାତନା ବିରୋଧରେ ଏକ ପ୍ରତିବାଦ ଶୋଭାଯାତ୍ରା ବାହାର କରିଛନ୍ତି। ଏହି ରାଲି କୋଲକାତାର କଲେଜ ସ୍କୋୟାରରୁ ଆରମ୍ଭ ହୋଇ ଧର୍ମତଲାର ଡୋରିନା କ୍ରସିଂ ପର୍ଯ୍ୟନ୍ତ ଯାଇଥିଲା, ଯେଉଁଠାରେ ଟିଏମସି ସାଧାରଣ ସମ୍ପାଦକ ଏବଂ ସାଂସଦ ଅଭିଷେକ ବାନାର୍ଜୀଙ୍କ ସମେତ ଦଳର ଅନେକ ବରିଷ୍ଠ ନେତା ରାଲିରେ ଯୋଗ ଦେଇଥିଲେ। ପ୍ରାୟ ତିନି କିଲୋମିଟର ଲମ୍ବା ଏହି ପଦଯାତ୍ରା ପାଇଁ ସମଗ୍ର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୫୦୦ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା ଏବଂ ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ପରିବର୍ତ୍ତନ କରାଯାଇଥିଲା।

# ଦିଲ୍ଲୀର ୧୦ ସ୍କୁଲକୁ ବୋମା ଧମକ



## ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ

ନୂଆଦିଲ୍ଲୀ,୧୬।୭: ଦିଲ୍ଲୀର ୫ ସ୍କୁଲକୁ ବୋମା ଧମକ। ବୁଧବାର ଦିଲ୍ଲୀ ୫ଟି ସ୍କୁଲକୁ ବୋମା ମାଡ଼ ନେଇ ଧମକ ମିଳିଛି। ଲଗାତାର ତିନି ଦିନ ଧରି ଜାତୀୟ ରାଜଧାନୀର ଶିକ୍ଷାନୁଷ୍ଠାନ ଗୁଡିକୁ ଧମକ ମିଳିଛି। ଗତ ୩ ଦିନରେ ୧୦ ଟି ସ୍କୁଲକୁ ଏଭଳି ଧମକ ମିଳିବା ପରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀର ସେଣ୍ଟ ଥୋମାସ, ବସନ୍ତ ଭେଲି, ମଦର ଇଣ୍ଟରନ୍ୟାସନାଲ, ରିଚମୋଣ୍ଡ ଗ୍ଲୋବାଲ ଏବଂ ସର୍ଦ୍ଦାର ପଟେଲ ସ୍କୁଲକୁ ବୋମା ଧମକ ମିଳିଛି। ଧମକ ମିଳିବା ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବାହାର କରିବା ସହ ସାରା ରାତି ସ୍କୁଲ ଷ୍ଟାଫ ବିଦ୍ୟାଳୟ ପରିସର ଭିତରେ ଜଗି ରହିଛନ୍ତି। ବୋମା ଧମକ ମିଳିଥିବା ସ୍କୁଲଗୁଡିକରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ ସ୍କ୍ୱାଡ୍, ସାଇବର ଏକ୍ସପର୍ଟ ଟିମ୍ ସହ ଦିଲ୍ଲୀ ପୁଲିସ ସ୍କୁଲଗୁଡିକରେ ଯାଞ୍ଚ କରିଛନ୍ତି। ଘଟଣାର ତଦନ୍ତ ଚାଲଇଥିବାରେ ସ୍କୁଲ କର୍ତ୍ତୃପକ୍ଷ ଘଟଣା ଉପରେ ନଜର ରଖିଛନ୍ତି। ପିଲାଙ୍କ ମଧ୍ୟରେ ଭୟ ବଢୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଭୟରେ ଛାତ୍ରଛାତ୍ରୀ ଦିଲ୍ଲୀର ସ୍କୁଲଗୁଡିକୁ ଲଗାତାର ବୋମା ଧମକ ମିଳିଛି ବୁଧବାର ଦିଲ୍ଲୀ ୫ଟି ସ୍କୁଲକୁ ବୋମା ଥିବା ନେଇ ଧମକ ମିଳିଛି ଲଗାତାର ତିନି ଦିନ ଧରି ଦିଲ୍ଲୀର ଶିକ୍ଷାନୁଷ୍ଠାନ ଗୁଡିକୁ ଧମକ ମିଳିଛି ଗତ ୩ ଦିନରେ ୧୦ ଟି ସ୍କୁଲକୁ ଏଭଳି ଧମକ ମିଳିଛି ବୋମା ଧମକ ଯୋଗୁଁ ଭୟରେ ଛାତ୍ରଛାତ୍ରୀ ଓ ଅଭିଭାବକ ଦିଲ୍ଲୀର ସେଣ୍ଟ ଥୋମାସ, ବସନ୍ତ ଭେଲି, ମଦର ଇଣ୍ଟରନ୍ୟାସନାଲ ସ୍କୁଲକୁ ଧମକ ରିଚମୋଣ୍ଡ ଗ୍ଲୋବାଲ ଏବଂ ସର୍ଦ୍ଦାର ପଟେଲ ସ୍କୁଲକୁ ବୋମା ଧମକ ମିଳିଛି ଧମକ ମିଳିବା ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବାହାର କରିଦିଆଯାଇଛି ରାତିରେ ବିଦ୍ୟାଳୟ ପରିସର ଭିତରେ ଜଗି ରହିଛନ୍ତି ଷ୍ଟାଫ୍ ବୋମା ଧମକ ମିଳିଥିବା ସ୍କୁଲଗୁଡିକରେ ପୁଲିସର ଛାନଭିନ ସ୍କୁଲରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ ସ୍କ୍ୱାଡ୍, ସାଇବର ଏକ୍ସପର୍ଟ ଟିମ୍ ଭୟ ବଢୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି।

# ଘରୋଇ ଶିଶୁ ମେଡିକାଲ୍‌ରେ ଅଗ୍ନିକାଣ୍ଡ



ହରଦୋଇ,୧୬।୭: ଉତ୍ତରପ୍ରଦେଶ ହରଦୋଇ ଜିଲ୍ଲାର ଏକ ଘରୋଇ ଶିଶୁ ହସ୍ପିଟାଲରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ପରେ ଧୂଆଁ ଉପର ମହଲା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଫଳରେ ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ ଆତଙ୍କିତ ହୋଇପଡିଥିଲେ। ତେବେ ହସ୍ପିଟାଲ କର୍ମଚାରୀମାନେ ଆଟେଣ୍ଡାଣ୍ଟଙ୍କ ସହ ମିସି ଶିଶୁ ରୋଗୀମାନଙ୍କୁ କାଠ ସିଡି ଲଗାଇ ହସ୍ପିଟାଲ ବାହାରକୁ ବାହାର କରିଛନ୍ତି। ଏହି ଘରୋଇ ଶିଶୁରୋଗ ହସ୍ପିଟାଲରେ ବିଦ୍ୟୁତ ସର୍ଟସର୍କିଟ କାରଣରୁ ନିଆଁ ଲାଗିଥିଲା। ଏଣୁ ପୁରା ହସ୍ପିଟାଲ ଧୂଆଁରେ ଭରି ଯାଇଥିଲା। ରୋଗୀ ଓ ସେମାନଙ୍କ ପରିଜନଙ୍କୁ କାଠ ସିଡି ଦେଇ ବିଲ୍ଡିଂରୁ ବାହାରକୁ ବାହାର କରାଯାଇଥିଲା। ନିଆଁ ଲାଗିବା ସୂଚନା ପାଇ ଦମକଳ ବିଭାଗ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏହି ଅଗ୍ନିକାଣ୍ଡରେ କେହି ହତାହତ ହେବାର ସୂଚନା ନାହିଁ। ସବୁ ରୋଗୀଙ୍କୁ ସୁରକ୍ଷିତ ସ୍ଥାନକୁ ସିଫ୍ଟ କରାଯାଇଛି। ରୋଗୀଙ୍କ ପରିଜନଙ୍କ ଅନୁସାରେ ନିଆଁ ଲାଗିଥିବାର ଜଣାପଡିବା ପରେ ପ୍ରଥମ ମହଲାରେ ଥିବା ରୋଗୀ ଓ ପରିଜନ ଯାହା ଯେମିତି ବାହାରି ଯାଇଥିଲେ। ତେବେ ଦ୍ୱିତୀୟ ମହଲାରେ ଫଶି ରହିଥିବା ରୋଗୀଙ୍କୁ ସିଡି ଓ ଧୋତିରେ ତିଆରି ଦଉଡି ସହାୟତାରେ ତଳକୁ ଅଣାଯାଇଥିଲା। ତେବେ ଗୁରୁତର ଥିବା ଶିଶୁ ରୋଗୀଙ୍କୁ ତୁରନ୍ତ ଅନ୍ୟ ହସ୍ପିଟାଲକୁ ସିଫ୍ଟ କରାଯାଇଛି। ସିଓ ସିଟି ଅଙ୍କିତ ମିଶ୍ର କହିଛନ୍ତି ଯେ ସହରର ନଘେଟା ରୋଡରେ ଥିବା ଏକ ଘରୋଇ ଶିଶୁ ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଘଟିଛି। ଏହି ସୂଚନା ମିଳିବାମାତ୍ରେ ସ୍ଥାନୀୟ ପୋଲିସ ଓ ଦମକଳ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ନିଆଁକୁ ଆୟତ୍ତ କରିଛନ୍ତି। ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନୀ ହୋଇ ନାହିଁ।

## ଲାଇଭ ପ୍ରସାରଣ ସମୟରେ ଟିଭି ଆଙ୍କରଙ୍କ ପଛରେ ପଡିଲା ବୋମା

# ଇସ୍ରାଏଲର ସିରିଆ ଉପରେ ହମଲା

ଡାମାସକସ୍ ୧୬।୭: ଇସ୍ରାଏଲ ବୁଧବାର ପଡୋଶୀ ଦେଶ ସିରିଆ ଉପରେ ଘାତକ ଆକ୍ରମଣ କରିଛି। ରାଜଧାନୀ ଡାମାସକସ୍ ରେ ଏଚଟିଏସ୍ ନେତୃତ୍ୱାଧୀନ ସିରିଆ ସେନା ହେଡକ୍ୱାର୍ଟର ଓ ସିରିଆ ପ୍ରତିରକ୍ଷା ମନ୍ତ୍ରାଳୟକୁ ଟାର୍ଗେଟ୍ କରିଛି। ଇସ୍ରାଏଲ ସେନା (ଆଇଡିଏଫ) ବୟାନ ଜାରି କରି ଏହି ସୂଚନା ଦେଇଛି। ଏଥିରେ ଏକ ସିରିଆ ଟେଲିଭିଜନ ଚ୍ୟାନେଲର ଏକ ଭିଡିଓରେ ବି ରକ୍ଷାମନ୍ତ୍ରାଳୟ ବିଲ୍ଡିଂ ଉପରେ ଲାଇଭ ଆକ୍ରମଣ ହେଉଥିବା ଦେଖାଯାଇଛି। ଏହି ଭିଡିଓରେ ଲାଇଭ ଟେଲିକାଷ୍ଟ କାଳରେ ଖବର ପଢୁଥିବା ଆଙ୍କରଙ୍କୁ ଷ୍ଟୁଡିଓରୁ ନିଜ ଜୀବନ ବଞ୍ଚାଇ ପଳାଉଥିବା ଦେଖାଯାଉଛି। ଏହି ଭିଡିଓକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କେଟଜ୍ ମଧ୍ୟ ପୋଷ୍ଟ କରିଛନ୍ତି। କେଟଜ୍ ଏକ୍ସ ରେ ଲେଖିଛନ୍ତି ଯେ ଭୀଷଣ ଆକ୍ରମଣ ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ସେ ସିରିଆକୁ ଚେତାବନୀ ଦେଇ କହିଥିଲେ ଯେ ସରକାରୀ ସେନା ଯଦି ଦକ୍ଷିଣରେ ଥିବା ଡ୍ରୁଜ ସହର ସୁବେଦାରୁ ନ ହଟନ୍ତି ତେବେ ସିରିୟା ଉପରେ ଭୀଷଣ ଆକ୍ରମଣ ହେବ।



# ୫.୮ ଭୂମିକମ୍ପରେ ଥରିଲା ଫିଲିପାଇନ୍ସ

ନୂଆଦିଲ୍ଲୀ,୧୬।୭: ଫିଲିପାଇନ୍ସରେ ଭୂମିକମ୍ପ ଝଟକା । ଲୁଜୋନରେ ୫.୮ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହି କାରଣରୁ ଲୋକମାନେ ବହୁତ ଭୟଭୀତ ହୋଇଥିଲେ। ଭୂମିକମ୍ପର ତୀବ୍ରତା ଯୋଗୁଁ କୋଠା ଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଥିଲା। କୌଣସି ପ୍ରକାରର କ୍ଷୟକ୍ଷତି ବିଷୟରେ କୌଣସି ସରକାରୀ ସୂଚନା ମିଳିନାହିଁ। ଫିଲିପାଇନ୍ସ ପୂର୍ବରୁ, ସ୍ପେନରେ ମଧ୍ୟ ଭୂମିକମ୍ପ ହୋଇଥିଲା। ରିପୋର୍ଟ ଅନୁଯାୟୀ, କାଗାୟାନ୍, ଇଲୋକୋସ୍ ସୁର୍, ଇସାବେଲା ଏବଂ ଆବ୍ରା ଅଞ୍ଚଳ ମଧ୍ୟ ଭୂମିକମ୍ପ ଯୋଗୁଁ ପ୍ରଭାବିତ ହୋଇଛି। ଭୂମିକମ୍ପର ମୁଖ୍ୟ କେନ୍ଦ୍ରସ୍ଥଳ ଉତ୍ତର ଫିଲିପାଇନ୍ସର ଇଲୋକୋସ୍ ନର୍ଟ ଥିଲା। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୮ ମାପ କରାଯାଇଥିଲା। ଭୂମିକମ୍ପ ସମ୍ପର୍କରେ ଫିଲିପାଇନ୍ସ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଦେଶ। ୧୪ ଜୁଲାଇରେ ଏଠାରେ ମଧ୍ୟ ଏକ ଭୂମିକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୧.୯ ମାପ କରାଯାଇଥିଲା। ଅତି ମୃଦୁ ଭୂମିକମ୍ପ ଯୋଗୁଁ କୌଣସି କ୍ଷତି ହୋଇନାହିଁ। ୧୪ ଜୁଲାଇରେ ଫିଲିପାଇନ୍ସର ଡାଭାଓ ଓରିଏଣ୍ଟାଲରେ ଏକ ଭୂମିକମ୍ପ ହୋଇଥିଲା। ଏହା ପୂର୍ବରୁ ୯ ଜୁଲାଇରେ ଜେନେରାଲ ସାଣ୍ଟୋସରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ଫିଲିପାଇନ୍ସ ସମୁଦ୍ରରେ ଏକ ଭୂମିକମ୍ପ ହୋଇଥିଲା। ଏହାର ତୀବ୍ରତା ୩.୭ ମାପ କରାଯାଇଥିଲା। ୨୮ ଜୁନରେ ହୋଇଥିବା ଭୂମିକମ୍ପ ଅତ୍ୟନ୍ତ ବିପଜ୍ଜନକ ଥିଲା। ଏହାର ତୀବ୍ରତା ୬.୧ ମାପ କରାଯାଇଥିଲା। ଏହା କାବୁରାନ ଅଞ୍ଚଳରେ ଘଟିଥିଲା।

## ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ



ନୂଆଦିଲ୍ଲୀ,୧୬।୭: ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜମ୍ମୁ-କଶ୍ମୀର ସମ୍ପର୍କରେ ଏକ ସ୍ୱତନ୍ତ୍ର ଚିଠି ଲେଖିଛନ୍ତି। ଚିଠି ମାଧ୍ୟମରେ ରାହୁଲ ଏବଂ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଜମ୍ମୁ ଏବଂ କଶ୍ମୀର ପାଇଁ ଏକ ନୂତନ ଆଇନ ପ୍ରଣୟନ କରିବାକୁ ଦାବି କରିଛନ୍ତି।

ସେମାନେ କହିଛନ୍ତି, ଏହାକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବା ଉଚିତ। କଂଗ୍ରେସ ମଧ୍ୟ ଏହି ଚିଠିକୁ 'ଏକ୍ସ' ହ୍ୟାଣ୍ଡେଲରେ ଶେୟାର କରିଛି।

ରାହୁଲ ଏବଂ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ କହିଛନ୍ତି, ଆମେ ସରକାରଙ୍କୁ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ଏକ ବିଲ୍ ଆଣିବାକୁ ଅନୁରୋଧ କରୁଛୁ। ଆପଣ ନିଜେ ଅନେକ ଥର ବ୍ୟକ୍ତିଗତ ଭାବରେ ପୁନରାବୃତ୍ତି କରିଛନ୍ତି ଯେ, ସରକାର ରାଜ୍ୟର ମାନ୍ୟତା ପୁନଃସ୍ଥାପିତ କରିବା ପାଇଁ ପ୍ରତିବଦ୍ଧ। ରାହୁଲ ଏବଂ ଖାର୍ଗେ ଚିଠି ମାଧ୍ୟମରେ କହିଛନ୍ତି, ଗତ ପାଞ୍ଚ ବର୍ଷ ଧରି ଜମ୍ମୁ-କଶ୍ମୀରର ଲୋକମାନେ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପୁନଃସ୍ଥାପିତ କରିବା ପାଇଁ ନିରନ୍ତର ଦାବି କରିଆସୁଛନ୍ତି। ଏହି ଦାବି ସେମାନଙ୍କର ସାମ୍ବିଧାନିକ ଏବଂ ଗଣତାନ୍ତ୍ରିକ ଅଧିକାର ସହିତ ବୈଧ ମଧ୍ୟ।

# କର୍ଣ୍ଣାଟକ ଗୁମ୍ଫାରେ ଲୁଚି ରହିଥିଲେ ରୁଷୀଆନ ମହିଳା



ବେଙ୍ଗାଲୁରୁ,୧୬।୭: କର୍ଣ୍ଣାଟକର ଗୋକର୍ଣ୍ଣଠାରେ ରାମତୀର୍ଥ ପାହାଡ଼ ଉପରେ ଏକ ଗୁମ୍ଫାରେ ଦୁଇ ଝିଅଙ୍କ ସହ ରହୁଥିବା ଜଣେ ରୁଷୀୟ ମହିଳାଙ୍କୁ ପୋଲିସ ଉଦ୍ଧାର କରିଛି। ୪୦ ବର୍ଷୀୟ ନିନା କୁଟିନା ନାମକ ଏହି ମହିଳା ଗୋଆରୁ ବିନା ସୂଚନାରେ ତାଙ୍କ ସ୍ୱାମୀ ଡ୍ରୋର ଗୋଲ୍ଡଷ୍ଟେଇନଙ୍କୁ ନ ଜଣାଇ ଚାଲିଯାଇଥିଲେ ବୋଲି ତାଙ୍କ ସ୍ୱାମୀ କହିଛନ୍ତି। ଇସ୍ରାଏଲ ନିବାସୀ ଡ୍ରୋର ଗୋଲ୍ଡଷ୍ଟେଇନ ମିଡ଼ିଆକୁ କହିଛନ୍ତି, ସେ ନିନାଙ୍କୁ ପ୍ରାୟ ଆଠ ବର୍ଷ ପୂର୍ବେ ଗୋଆରେ ଭେଟିଥିଲେ ଓ ପ୍ରେମରେ ପଡ଼ିଥିଲେ। ସେମାନେ ଭାରତ ଓ ୟୁକ୍ରେନରେ ଏକାଠି ସମୟ କାଟିଥିଲେ। ତାଙ୍କର ଦୁଇ ଝିଅ, ପ୍ରେମା (୬ ବର୍ଷ) ଓ ଆମା (୫ ବର୍ଷ)ଙ୍କୁ ଭେଟିବା ପାଇଁ ଡ୍ରୋର ଗତ ଚାରି ବର୍ଷ ଧରି ଭାରତ ଆସୁଛନ୍ତି। ନିନା କିଛି ମାସ ପୂର୍ବେ ଗୋଆରୁ ଚାଲିଯିବା ପରେ ଡ୍ରୋର ଏକ ନିଖୋଜ ଅଭିଯୋଗ ଦାୟର କରିଥିଲେ। ଜୁଲାଇ ୧୧ରେ ପୋଲିସ ପେଟ୍ରୋଲିଂ ବେଳେ ନିନା ଓ ତାଙ୍କ ଦୁଇ ଝିଅଙ୍କୁ ଗୁମ୍ଫାରେ ପାଇଥିଲେ। ନିନା ଦାବି କରିଛନ୍ତି ଯେ ସେ ଆଧ୍ୟାତ୍ମିକ ଶାନ୍ତି ଓ ଧ୍ୟାନ ପାଇଁ ଗୁମ୍ଫାରେ ରହୁଥିଲେ। ତଦନ୍ତରେ ଜଣାପଡ଼ିଛି ଯେ ତାଙ୍କର ବିଜନେସ ଭିସା ୨୦୧୭ ଏପ୍ରିଲରେ ସମାପ୍ତ ହୋଇଥିଲା ଏବଂ ୨୦୧୮ରେ ସେ ନେପାଳ ଦେଇ ପୁନର୍ବାର ଭାରତକୁ ଫେରିଥିଲେ, ଯାହା ଅନୁମତି ଅବଧି ଉଲ୍ଲଂଘନ କରିଛି।

# ଘାତକ ଟ୍ୟାଙ୍କ ତିଆରି କରୁଥିଲେ ହିଟଲର୍, ମଣିଷ ରକ୍ତରେ ଚାଲିଥାନ୍ତା

ନୂଆଦିଲ୍ଲୀ,୧୬।୦୭: ହିଟଲରଙ୍କୁ ସର୍ବଶ୍ରେଷ୍ଠ ଏକଛତ୍ରବାଦୀ ଶାସକ ଭାବରେ ବିବେଚନା କରାଯାଏ। ବହୁତ କମ୍ ଲୋକ ଜାଣନ୍ତି ଯେ ଆଡଲଫ୍ ହିଟଲରଙ୍କ ସ୍ୱପ୍ନ ଥିଲା ବିଶ୍ୱର ସବୁଠାରୁ ପ୍ରସିଦ୍ଧ କଳାକାର ହେବା । କିନ୍ତୁ ସେ ଜଣେ ଏକଛତ୍ରବାଦୀ ଶାସକ ହୋଇ ଯାଇଥିଲେ। ଯଦି ଆମେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିଟଲରଙ୍କ ଭୂମିକା ବିଷୟରେ କଥା ହେବା, ତେବେ ସେହି ସମୟରେ ହିଟଲରଙ୍କ ଭୂମିକା ବିନାଶକାରୀ ଥିଲା ।

ଜର୍ମାନୀର ଏକଛତ୍ରବାଦୀ ଶାସକ ଭାବରେ ସେ ଯୁଦ୍ଧ ଆରମ୍ଭ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ହିଟଲରଙ୍କ ବିସ୍ତାରବାଦୀ ଚିନ୍ତାଧାରା, ଆକ୍ରମଣାତ୍ମକ ବୈଦେଶିକ ନୀତି ଏବଂ ୟିହୂଦୀମାନଙ୍କ ପ୍ରତି ଘୃଣା ଯୁଦ୍ଧ ଏବଂ ବିନାଶର କାରଣ ପାଲଟିଥିଲା। ଯଦି ହିଟଲର ସେଠାରେ ନ ଥାନ୍ତେ, ତେବେ ହୁଏତ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇନଥାନ୍ତା । କିନ୍ତୁ ଜାଣନ୍ତି କି ହିଟଲର ରକ୍ତରେ ଚାଲିବା ପାଇଁ ଏକ ଟ୍ୟାଙ୍କ ନିର୍ମାଣ କରୁଥିଲେ? ଆସନ୍ତୁ ଜାଣିବା।

କେହି କ୍ୱଚିତ୍ ଶୁଣିଥିବେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟଲର ତାଙ୍କ ଇଞ୍ଜିନିୟରମାନଙ୍କ ସହିତ ଏକ ଟ୍ୟାଙ୍କ ନିର୍ମାଣ କରୁଥିଲେ । ଯାହା ଜୀବିତ ମଣିଷଙ୍କ ରକ୍ତରେ ଚାଲିବା ପାଇଁ ଥିଲା। ଏହି ଟ୍ୟାଙ୍କର ନାଁ ଥିଲା ଲ୍ୟାଣ୍ଡକ୍ରୁଜର ପି ୧୦୦୦ ରାଟେ । ଯାହା ବିଶ୍ୱର ସବୁଠାରୁ ଭାରୀ ଟ୍ୟାଙ୍କ ଥିଲା। ଏହା ଏକ ୧୦୦୦ ଟନ୍ର ଭାରୀ ଯାନ ଥିଲା । ଏହାର ଡିଜାଇନ୍ ୧୯୪୨ ମସିହାରେ କ୍ରୁପ୍ କମ୍ପାନୀର ନିର୍ଦ୍ଦେଶକ ଏଡୱାର୍ଡ ଗ୍ରୋଥଙ୍କ ଦ୍ୱାରା କରାଯାଇଥିଲା ପ୍ରସ୍ତୁତ । ଯେତେବେଳେ ହିଟଲରଙ୍କୁ ଏହି ପ୍ରକଳ୍ପ ପସନ୍ଦ ଆସିଥିଲା ସେ ଏଥିରେ ଆଗ୍ରହ ଦେଖାଇଥିଲେ । ଆଉ ଏହାକୁ ଅନୁମୋଦନ ଦେଇଥିଲେ ।

ତେବେ କଣ ଥିଲା ଏହି ଟ୍ୟାଙ୍କର ବିଶେଷତ୍ୱ ? ଲ୍ୟାଣ୍ଡକ୍ରୁଜର ପି ୧୦୦୦ ରାଟେର ଲମ୍ବ ୩୫ ମିଟର, ପ୍ରସ୍ଥ ୧୪ ମିଟର ଏବଂ ଉଚ୍ଚତା ୧୧ ମିଟର ଥିଲା। ଏହାର ମୁଖ୍ୟ ଅସ୍ତ୍ରଶସ୍ତ୍ର ଥିଲା ୨୮୦ ମିମି ଏସ୍‌କେ ସି/୩୪ ନୌସେନା ବନ୍ଧୁକ, ୧୨୮ ମିମି କେଡବ୍ଲୁକେ ୪୪ ବନ୍ଧୁକ, ଏହା ବ୍ୟତୀତ ଦୁଇଟି ତୋପ ୧୫ ମିମି ଏମ୍‌ଜି ୧୫୧/୧୫ ତୋପ, ଏବଂ ୨୦ମିମି ଓରଲିକନ୍ ତୋପ ସ୍ଥାପିତ ହୋଇଥିଲା। ଏହାର ଇଞ୍ଜିନ୍ ଥିଲା ୮ଟି ଡାଇମଲର-ବେଞ୍ଜ ଏମ୍‌ବି ୫୦୧ ଡିଜେଲ୍ ସାମୁଦ୍ରିକ ଇଞ୍ଜିନ୍ ଏବଂ ଏଥିରେ ୨୦-୪୦ ଜଣ ଲୋକ ଚଢ଼ିପାରିବେ । ୨୩ ଜୁନ୍ ୧୯୪୨ରେ ଜର୍ମାନ ଅସ୍ତ୍ରଶସ୍ତ୍ର ମନ୍ତ୍ରଣାଳୟ ୧୦୦୦ ଟନ୍ ଟ୍ୟାଙ୍କ ପାଇଁ ଏକ ପ୍ରସ୍ତାବ ଦେଇଥିଲା। ହିଟଲର ଏହି ପ୍ରକଳ୍ପରେ ଆଗ୍ରହୀ ଥିଲେ ଏବଂ ଏହାକୁ ଅନୁମୋଦନ କରିଥିଲେ । ପି ୧୦୦୦ ରାଟ୍ କେବେ ବି ବାସ୍ତବିକ ରୂପରେ ନିର୍ମାଣ ହୋଇନଥିଲା କାରଣ ଏହା ବଡ଼ ଏବଂ ଭାରୀ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାକୁ କେବେ ଏକ ପ୍ରକୃତ ଟ୍ୟାଙ୍କ ଭାବରେ କାର୍ଯ୍ୟକାରୀ କରାଯାଇ ନଥିଲା।



# ୩୪ ବର୍ଷର ରେକର୍ଡ ଭାଙ୍ଗିଲେ ସୂର୍ଯ୍ୟବଂଶୀ



## ଇତିହାସ ରଚିଲେ

**ଲଣ୍ଡନ,୧୬।୭:** ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଇତିହାସ ରଚିଛନ୍ତି। ଏଥର ସେ ୩୪ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିବାର ସାକ୍ଷୀ ହୋଇଛନ୍ତି।

ପୁରୁଷ ସିନିୟର ଏବଂ ମହିଳା ଦଳ ପରି ଭାରତର ୧୯ ବର୍ଷରୁ କମ ଦଳ ମଧ୍ୟ ଇଂଲଣ୍ଡ ଗସ୍ତରେ ଅଛି। ବୈଭବ ସୂର୍ଯ୍ୟବଂଶୀ ସେହି ଦଳର ଏକ ଅଂଶ। ଭାରତୀୟ ଦଳ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ବିପକ୍ଷରେ ଏକ ଦିନିକିଆ ସିରିଜ ସହିତ ତା'ର ଗସ୍ତ ଆରମ୍ଭ କରିଥିଲା। ଭାରତର ୧୯ ବର୍ଷରୁ କମ ଦଳ ୫ ଟି ଦିନିକିଆ ସିରିଜ ୩-୨ ରେ ଜିତିଥିଲା, ଯେଉଁଥିରେ ବୈଭବ ସୂର୍ଯ୍ୟବଂଶୀ ୧୪୩ ରନର ବିସ୍ଫୋରକ ଇନିଂସ ସହିତ ସର୍ବାଧିକ ରନ କରିଥିଲେ।

ବର୍ତ୍ତମାନ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ଟି ଟେଷ୍ଟ ସିରିଜ ଖେଳାଯାଉଛି। ବେକେନହାମରେ ଖେଳାଯାଇଥିବା ପ୍ରଥମ ୪ ଦିନିଆ ଯୁବ ଟେଷ୍ଟ ଡ୍ର ଥିଲା, କିନ୍ତୁ ଏଥିରେ ହୋଇଥିବା ରନ ୩୪ ବର୍ଷର ପୁରୁଣା ବିଶ୍ୱରେକର୍ଡ ଭାଙ୍ଗିଛି। ବୈଭବ ସୂର୍ଯ୍ୟବଂଶୀ ଏହାର ସାକ୍ଷୀ ହୋଇଛନ୍ତି। ବେକେନହାମରେ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଯୁବ ଟେଷ୍ଟରେ, ଉଭୟ ଦଳ ମିଶି ୧୫ ଛକା ସହିତ ମୋଟ ୧୪୯୭ ରନ କରିଥିଲେ, ଯାହା ଏକ ନୂତନ ବିଶ୍ୱ ରେକର୍ଡ। ଏଥିରେ ଭାରତର ୧୯ ବର୍ଷରୁ କମ ଦଳ ଉଭୟ ଇନିଂସରେ ୧୦ଟି ଛକା ସହିତ ୭୪୮ ରନ କରିଥିଲା। ଇଂଲଣ୍ଡ ୭୦୯ ରନ କରିଥିଲା। ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ଏକ ଯୁବ ଟେଷ୍ଟରେ ୧୪୯୭ ରନ କରି ୩୪ ବର୍ଷ ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛି, ଯାହା ୧୯୯୧ ମସିହାରେ ଚେମସଫୋର୍ଡରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ କରାଯାଇଥିଲା। ତା'ପରେ ଉଭୟ ଦଳ ମିଶି ୧୪୩୦ ରନ କରିଥିଲେ।

## ଲର୍ଡସ୍ ଟେଷ୍ଟ୍ ପରାଜୟର ୬ କାରଣ



**ଲଣ୍ଡନ,୧୬।୭:** ଲର୍ଡସ୍ ଟେଷ୍ଟକୁ ଭାରତ ୨୨ ରନ୍‌ରେ ହାରିବା ସହ ୧୪୫ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି। ଏକଦା ଭଲ ସ୍ଥିତିରେ ଥିଲେ ମଧ୍ୟ ପଞ୍ଚମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବା ଲାଗି ଆବଶ୍ୟକ ମାତ୍ର ୧୩୫ ରନ୍ କରି ନପାରି ଶୁବମନ୍ ଗିଲ୍‌ଙ୍କ ଦଳ ପରାଜିତ ହେବା ପ୍ରଶଂସକଙ୍କୁ ବ୍ୟଥିତ କରିଛି। ଏହି ଚର୍ଚ୍ଚିତ ମୁକାବିଲାକୁ ଭାରତ ଅନ୍ୟୂନ ୬ଟି କାରଣ ପାଇଁ ହାରିଲା ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ବିଜୟ ମନ୍ତ୍ର ପଢ଼ାଇବେ ଗୁରୁ ଗମ୍ଭୀର



**ଲଣ୍ଡନ,୧୬।୭:** ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ ସିରିଜର ଚତୁର୍ଥ ମୁକାବିଲା । ମାଞ୍ଚେଷ୍ଟର ସ୍ଥିତ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡ୍‌ରେ ଏହି ମ୍ୟାଚ୍ ଖେଳାଯିବ । ତୃତୀୟ ଟେଷ୍ଟର ପରାଜୟକୁ ଭୁଲିବା ସହଜ ନଥିଲେ ହେଁ ଆଗକୁ ଆଉ ୨ଟି ମ୍ୟାଚ୍ ରହିଥିବାରୁ ଏବେ ବି ସିରିଜ ଜିତିବାର ସଯୋଗ ରହିଛି । ତେଣୁ ପରାଜୟ ଦୁଃଖ ଭୁଲି ପରବର୍ତ୍ତୀ ମ୍ୟାଚ୍ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ପଡ଼ିବ । ଦଳ ପାଇଁ ଏବେ ବିଜୟ ଜରୁରି ହୋଇ ପଡ଼ିଛି । ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି । ତେଣୁ ଭାରତକୁ ଏହି ସିରିଜ ଜିତିବାକୁ ହେଲେ ଶେଷ ୨ଟି ଯାକ ଟେଷ୍ଟରେ ବିଜୟ ହାସଲ କରିବାକୁ ପଡ଼ିବ । ଇଂଲଣ୍ଡ ଦଳକୁ ସେମାନଙ୍କ ଘରୋଇ ଗ୍ରାଉଣ୍ଡ୍‌ରେ ହରାଇବା ସହଜ ନୁହେଁ ବୋଲି ମଧ୍ୟ ଭାରତୀୟ ଦଳ ଉପଲବ୍ଧି କରିସାରିଛି । ତେଣୁ ଚତୁର୍ଥ ଟେଷ୍ଟରେ ଉପଯୁକ୍ତ ରଣନୀତି ଓ ଶ୍ରେଷ୍ଠ ଏକାଦଶ ସହ ଭାରତ ଗ୍ରାଉଣ୍ଡକୁ ଓହ୍ଲାଇବା ଜରୁରି ।

# ଭାରତ-ଇଂଲଣ୍ଡ ୪ର୍ଥ ଟେଷ୍ଟ, ହାରିବା ପରେ ଟିମରେ ହୋଇପାରେ ପରିବର୍ତ୍ତନ



**ନୂଆଦିଲ୍ଲୀ,୧୬।୭:** ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ୫ଟି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ଆଗୁଆ ରହିଛି ଇଂଲଣ୍ଡ । ଭାରତ ଲର୍ଡସରେ ୨୨ ରନରେ ହାରିବା ପରେ ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରରେ ୨୩ ଜୁଲାଇରେ ଖେଳାଯିବ । ମାଞ୍ଚେଷ୍ଟରର ଓଲ୍ଡ ଟ୍ରେଫର୍ଡରେ ଚତୁର୍ଥ ଟେଷ୍ଟ ମ୍ୟାଚ ଖେଳାଯିବ । ପୂର୍ବ ଟେଷ୍ଟ ଠାରୁ ୮ ଦିନ ବ୍ୟବଧାନରେ ମ୍ୟାଚ ଖେଳାଯିବ। ଜୁଲାଇ ୨୩ରୁ ୨୭ ଯାଏଁ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍‌ଅପରାହ୍ନ ୩.୩୦ରେ ଖେଳାଯିବ । ଏହି ମ୍ୟାଚ୍ ପାଇଁ ଟସ୍ ଅପରାହ୍ନ ୩ଟାରେ ହେବ । ସୋନୀ ସ୍ପୋର୍ଟର୍ସ ନେଟୱାର୍କରେ ମ୍ୟାଚର ଲାଇଭ ପ୍ରସାରଣ ଦେଖିବାକୁ ମିଳିବ । ଆପଣ ମୋବାଇଲ, ଟାବଲେଟ ଏବଂ ଲାପଟପରେ ମଧ୍ୟ ଲାଇଭ ମ୍ୟାଚ୍ ଦେଖିପାରିବେ। ଜିଓ ହଟଷ୍ଟାରରେ ଲାଇଭ ଷ୍ଟ୍ରିମିଂ ହେବ । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଲର୍ଡସରେ ଖେଳାଯିବାକୁ ଥିବା ୩ୟ ଟେଷ୍ଟ ମ୍ୟାଚର ପ୍ରଥମ ସେସନ ଅପରାହ୍ନ ୩ଟା ୩୦ରେ ଆରମ୍ଭ ହେବ। ପ୍ରଥମ ସେସନ ଦୁଇ ଘଣ୍ଟାର ହେବ । ମ୍ୟାଚ ୩.୩୦ରେ ଆରମ୍ଭ ହୋଇ ୫.୩୦ ଯାଏଁ ଚାଲିବ। ଏହାପରେ ଲଞ୍ଚ ୪୦ ମିନିଟ ଯାଏଁ ହେବ । ଲଞ୍ଚ ପରେ ୬.୧୦ରେ ମ୍ୟାଚ୍ ପୁଣି ଆରମ୍ଭ ହେବ । ୮.୧୦ରେ ଟି ବ୍ରେକ ହେବା ପରେ ୮.୩୦ରେ ମ୍ୟାଚ୍ ଆରମ୍ଭ ହେବ। ରାତି ୧୦ଟାରେ ଖେଳ ଶେଷ ହେବ। ଟିମ୍ ଇଣ୍ଡିଆ ପ୍ରଥମ ଟେଷ୍ଟକୁ ୫ ୱିକେଟରେ ହାରିବା ପରେ ଦ୍ୱିତୀୟ ଟେଷ୍ଟକୁ ୩୩୬ ରନରେ ଜିତିଥିଲା । ଲର୍ଡସ ଟେଷ୍ଟ ଭାରତ ମାତ୍ର ୨୨ ରନରେ ହାରିଥିଲା।

● ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକା

## ଶ୍ରେଷ୍ଠ-୧୦କୁ ଫେରିଲେ ଶେଫାଳି



**ଦୁବାଇ,୧୬।୭:** ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଓପନର ଶେଫାଳି ବର୍ମାଙ୍କ ସ୍ଥାନରେ ଉନ୍ନତି ଘଟିଛି। ସେ ବ୍ୟାଟିଂ ତାଲିକାରେ ଶ୍ରେଷ୍ଠ-୧୦କୁ ଫେରିଛନ୍ତି। ୪ଟି ସ୍ଥାନ ଉନ୍ନତି ଘଟାଇ ନବମ ସ୍ଥାନ ରହିଛନ୍ତି ଶେଫାଳି। ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ସେ ୫ଟି ମ୍ୟାଚ୍ ଖେଳି ଦ୍ୱିତୀୟ ସର୍ବାଧିକ ୧୭୬ରନ୍ ସଂଗ୍ରହ କରିଥିଲେ। ଅନ୍ୟ ପଟରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ମୃତି ମନ୍ଧନା ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ସେ ୪୪.୨୦ ଆଭରେଜରେ ମୋଟ ୨୨୧ରନ୍ କରିଥିଲେ। ଅଷ୍ଟ୍ରେଲିଆର ବେଥ ମୁନି ଓ ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ବୋଲିଂ ମାନ୍ୟତା ତାଲିକାରେ ଭାରତର ରାଧା ଯାଦବ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଦୀପ୍ତି ଶର୍ମାଙ୍କ ତୃତୀୟ ସ୍ଥାନ ଅପରିବର୍ତ୍ତିତ ରହିଛି। ପାକିସ୍ତାନର ସାଦିଆ ଇକ୍‌ବାଲ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ପଟରେ ଅଷ୍ଟ୍ରେଲିଆର ଆନାବେଲ ସୁଦରଲାଣ୍ଡ୍ ଦ୍ୱିତୀୟକୁ ଉଠିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ମଧ୍ୟ ଦୀପ୍ତି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି।

## ସାଇନାଙ୍କ ପରେ ଆଉ ଜଣେ ଭାରତୀୟ ଖେଳାଳିଙ୍କ ଛାଡପତ୍ର



**ନୂଆଦିଲ୍ଲୀ,୧୬।୭:** କିଛି ଦିନ ପୂର୍ବରୁ, ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ସାଇନା ନେହୱାଲଙ୍କ ଛାଡପତ୍ର ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ୭ ବର୍ଷର ବିବାହ ପରେ ତାଙ୍କ ସ୍ୱାମୀ ପରୁପଲ୍ଲୀ କଶ୍ୟପଙ୍କଠାରୁ ଅଲଗା ହୋଇଛନ୍ତି ସାଇନା। ଏବେ ମହିଳା ମଲ୍ଲଯୋଦ୍ଧା ଦିବ୍ୟା କାକରନ ମଧ୍ୟ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହେବାର ଖବର ଆସିଛି। ଦିବ୍ୟା କାକରନ ୨୦୨୩ରେ ବିବାହ କରିଥିଲେ, ଏହି ସମୟରେ ତାଙ୍କର ବୟସ ୨୫ ବର୍ଷ ଥିଲା। ବିବାହର ପ୍ରାୟ ୨ ବର୍ଷ ପରେ ତାଙ୍କର ଛାଡପତ୍ର ହୋଇଥିବା ଖବର ଆସିଛି। ସେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହି ଭାବପ୍ରବଣ ପୋଷ୍ଟରେ ସେ କହିଛନ୍ତି, ସେ ତାଙ୍କ ସ୍ୱାମୀ ସଚିନ ପ୍ରତାପ ସିଂହଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତଦନ୍ତ...

ଉକ୍ତ ବୈଠକରେ ପୀଡ଼ିତାଙ୍କ ସମେତ କଲେଜର ବହୁ ବରିଷ୍ଠ ଅଧିକାରୀ, ପୁଲିସ କର୍ତ୍ତୃପକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ସମୀର କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ତେବେ ବୈଠକରେ ପୀଡ଼ିତା ଓ ଶ୍ରୀ ସାହୁଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଅଧ୍ୟକ୍ଷଙ୍କ ସାମ୍ନାରେ ନିଜ ସ୍ୱାଭିମାନ ବଞ୍ଚାଇବା ପାଇଁ ସୌମ୍ୟା ଶ୍ରୀ ସାହୁଙ୍କୁ ରୋକ୍‌ଠୋକ୍ କହିଥିଲେ। ତାଙ୍କ ପ୍ରତିଟି ପ୍ରଶ୍ନର ନିର୍ଭୀକ ଭାବେ ଉତ୍ତର ଦେବା ସହ ଶ୍ରୀ ସାହୁଙ୍କୁ ସିଧାସଳଖ କାଉଣ୍ଟର ମଧ୍ୟ କରିଥିଲେ ସୌମ୍ୟାଶ୍ରୀ। ଏପରିକି ତାଙ୍କ ଯୁକ୍ତିତର୍କ ସମୟରେ ଅନ୍ୟ କେହି କିଛି କହିବାକୁ ଉଚିତ ମଣିନଥିଲେ। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଅଧ୍ୟାପକ ଶ୍ରୀ ସାହୁଙ୍କ ଆଚରଣଓ ବ୍ୟବହାରରୁ ଅନେକ କିଛି ବାରି ହୋଇପଡୁଛି। ଯୁକ୍ତିତର୍କ ସମୟରେ ଶ୍ରୀ ସାହୁ ନିଜର ଦୋଷ ସ୍ୱୀକାର କରିନାହାନ୍ତି, କିନ୍ତୁ ରାଗିକି ମନ ଭିତରେ କୁହୁଳୁଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି। ବୈଠକରେ ଶ୍ରୀ ସାହୁଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ ବେଶ୍ ସାହସର ସହ ପୀଡ଼ିତା କହୁଛନ୍ତି ଯେ ଦିନେ ସେ କ୍ଲାସକୁ ସାମାନ୍ୟ ବିଳମ୍ବରେ ଆସିଥିଲେ। କିନ୍ତୁ ସମୀର ସାର୍ ତାଙ୍କୁ ଜାଣିଶୁଣି କ୍ଲାସ୍ ବାହାରେ ଦୀର୍ଘ ସମୟ ଧରି ଠିଆ କରେଇଦେଇଥିଲେ। ସମୀର ସାର୍ ତାଙ୍କୁ ନିୟମିତ ମାନସିକ ନିର୍ଯାତନା ଦେଉଥିଲେ। ଏହି କଥାରେ ସମୀର ସାର୍ ତାଙ୍କୁ ଭୁଲ ମାଗିବା ସହ ଭବିଷ୍ୟତରେ ଏପରି ବ୍ୟବହାର ଆଉ କରିବେ ନାହିଁ ବୋଲି ଭରସା ଦେବା ସକାଶେ ମଧ୍ୟ ସୌମ୍ୟା ଦାବି କରିଥିଲେ।

ସେହିପରି ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦିଗରେ ଆଜି ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେଇଛନ୍ତି। ସରକାର ଆଜି ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ତଦନ୍ତ ଦାୟିତ୍ୱ ଡିଏସ୍‌ପି ଇମନ କଲ୍ୟାଣ ନାୟକଙ୍କୁ ଦେଇଛନ୍ତି। ଏଥିସହ ତାଙ୍କୁ ଏହି ମାମଲାରେ ଇନ୍ସପେକ୍ଟର ପାଞ୍ଚାଳି ରାଉତ ସହଯୋଗ କରିବେ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ଆଜି ସୌମ୍ୟାଶ୍ରୀଙ୍କ ଜନୈକ ବାନ୍ଧବୀ ମହାବିଦ୍ୟାଳୟରେ ତାଙ୍କୁ କିଭଳି ଭାବେ ବିଭିନ୍ନ କ୍ଷେତ୍ରରେ ବିରୋଧ କରିବା ସକାଶେ ଅଧ୍ୟାପକ ଶ୍ରୀ ସାହୁ ଷଡ଼ଯନ୍ତ୍ର ରଚନା କରୁଥିଲେ, ସେନେଇ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ସୌମ୍ୟାଶ୍ରୀ ନିଜେ ଏବିଭିପିର ଜଣେ କାର୍ଯ୍ୟକର୍ତ୍ତା ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ତାଙ୍କ ବିରୋଧରେ ଏବିଭିପି କର୍ମକର୍ତ୍ତାମାନେ ସାମ୍ନାକୁ ଆସୁଥିଲେ। ସେମାନେ ବିଭିନ୍ନ ସମୟରେ ସୌମ୍ୟାଶ୍ରୀଙ୍କୁ ସମାଲୋଚନା କରିବା ସହ ଛିଛାକର କରୁଥିଲେ। ଏପରିକି ସେମାନେ ତାଙ୍କ ବିରୋଧରେ ସୋସିଆଲ୍ ମିଡିଆରେ ମଧ୍ୟ ବିଭିନ୍ନ ମିଛ ଖବର ପ୍ରଚାର କରୁଥିଲେ। ତାଙ୍କ ସପକ୍ଷରେ କେବଳ ୧୫ ଜଣ ଛାତ୍ରଛାତ୍ରୀ ବାହାରୁଥିଲେ। ଅନ୍ୟମାନେ ତାଙ୍କ ବରାବର ବିରୋଧ କରୁଥିବା ପଛରେ ଶ୍ରୀ ସାହୁଙ୍କ ଭୂମିକା ରହିଥିବା ସୌମ୍ୟାଶ୍ରୀଙ୍କ ଜନୈକା ୧୮ ବର୍ଷୀୟା ବାନ୍ଧବୀ ଏକ ଗଣମାଧ୍ୟମକୁ କହିଛନ୍ତି।

### ପୀଡ଼ିତା...

ଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯାହାକିଛି ଘଟିଗଲା, ତାହା ଅମାନବୀୟ ଓ ଲଜ୍ଜାଜନକ। ଏହା ସମଗ୍ର ସମାଜ ପାଇଁ ଏକ ବଡ଼ ଦାଗ। ଏହି ଘଟଣାରେ ନିଶ୍ଚିତ ଭାବେ ବଳରାମଙ୍କ ପରିବାରକୁ ନ୍ୟାୟ ମିଳିବ ବୋଲି ତାଙ୍କୁ ଭରସା ଦେଇଥିବା ରାହୁଲ୍ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାର ସହ କଂଗ୍ରେସ ରହିଛି। ଝିଅର କଷ୍ଟ, ସ୍ୱପ୍ନ ଓ ସଂଘର୍ଷକୁ ଭଲଭାବେ ହୃଦୟଙ୍ଗମ କରିପାରୁଥିବା ରାହୁଲ୍ ଉଲ୍ଲେଖ କରିଛନ୍ତି। ଏଥିସହ ବଳରାମଙ୍କ ସହ ଆଲୋଚନା ବେଳେ ତାଙ୍କ କଷ୍ଟ ଓ ଯନ୍ତ୍ରଣା ଅନୁଭବ କରିପାରିଥିବା ରାହୁଲ୍ ସ୍ପଷ୍ଟ କରିଛନ୍ତି। ସେହିପରି ଖୁବ୍‌ଶୀଘ୍ର ଅନ୍ୟତମ ପ୍ରମୁଖ କଂଗ୍ରେସ ନେତ୍ରୀ ତଥା ରାହୁଲ୍‌ଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ମଧ୍ୟ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱରରେ ପୀଡ଼ିତାଙ୍କ ପରିବାର ନିକଟରେ ପହଞ୍ଚିବେ ବୋଲି ମଧ୍ୟ ସୂଚନା ମିଳିଛି।

### ବିରୋଧୀଙ୍କୁ ...

ନେଇଥିଲେ, ତଥାପି ବିରୋଧୀ ସରକାରଙ୍କ ବିଫଳତାକୁ ନେଇ ଜନମାନସକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏବେ ଏହି ଘଟଣାର ଭିନ୍ନ ଦିଗକୁ ନେଇ କଠୋର ହେବେ ସରକାର। ବର୍ତ୍ତମାନ ସୋସିଆଲ ମିଡିଆରେ ପୀଡିତାଙ୍କ ପରିବାରକୁ ଦିଆଯିବା ସହାୟତା ବାବଦରେ ମିଛ ପ୍ରଚାର କରାଯାଉଛି। ଏପରିକି ପୀଡିତାଙ୍କ ପରିବାରକୁ ଭ୍ରମିତ କରିବା ସହ ସୋସିଆଲ ମିଡିଆରେ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସାମାଜିକ ଗଣମାଧ୍ୟମରେ ଏଭଳି ଅପପ୍ରଚାରକାରୀଙ୍କୁ ଦୃଢହସ୍ତରେ ଦମନ କରାଯିବ। ଏଥିସହିତ ପୀଡିତା ଜୁଲାଇ ୧ ତାରିଖରେ ଅଭିଯୋଗ କରିବା ପରେ କିଛି ଛାତ୍ର ନେତା ସୋସିଆଲ ମିଡିଆରେ ତାଙ୍କ ଚରିତ୍ର ସଂହାର କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ନାରୀଙ୍କୁ ଅସମ୍ମାନ କରୁଥିବା ଏହି ଛାତ୍ରନେତାଙ୍କୁ ଆଇନର ଶିକୁଳି ପିନ୍ଧାଇବେ ସରକାର।

ଛାତ୍ରୀଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ତୀବ୍ର ରାଜନୈତିକ ବିବାଦ ସୃଷ୍ଟି କରିଛି। ମୃତ ଛାତ୍ରୀଙ୍କ ଭାଇ ଭୋଗରାଇ ଥାନାରେ ଏତଲା ଦାଖଲ କରି ସୋସିଆଲ ମିଡିଆରେ ଅପପ୍ରଚାର ଏବଂ ରାଜନୈତିକ ଷଡ଼ଯନ୍ତ୍ର ଅଭିଯୋଗ ଆଣିଛନ୍ତି। ସେ ଦାବି କରିଛନ୍ତି ଯେ, କେତେକ ବ୍ୟକ୍ତି ସରକାରଙ୍କ ସହ ଡିଲ କରି ତାଙ୍କ ଭଉଣୀଙ୍କ ଚରିତ୍ର ଉପରେ କୁତ୍ସିତ ମନ୍ତବ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଥିବା ଜଣାପଡିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏଣିକି ବିରୋଧୀ ଦଳରେ ଥିବା ସବୁ ଦାଗୀ ନେତାଙ୍କ ପୁରୁଣା ଫାଇଲ ଖୋଲିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

### ଶିକ୍ଷା...

ଅବସର। ଏହି କ୍ୟାମ୍ପସ୍ ନୂତନ ସମନ୍ୱୟ ସୃଷ୍ଟି କରିବ। ଉଲ୍ଲାସ ଓ ଉତ୍କର୍ଷତାର ଏକ ନୂତନ ସଂସ୍କୃତିକୁ ପ୍ରୋତ୍ସାହିତ କରିବ। ଛାତ୍ରଛାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ପାଇବା ପାଇଁ ଏକ ଅତିରିକ୍ତ ବିକଳ୍ପ ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିବା ସହ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆଜି ଉଦ୍‌ଘାଟିତ କ୍ୟାମ୍ପସରେ ଷ୍ଟେମ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି କ୍ୟାମ୍ପସ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମାଧାନର କେନ୍ଦ୍ର ହେବା ଉଚିତ। ଆମେ ଭାରତର ବିକାଶରେ ଶିକ୍ଷାକୁ କେନ୍ଦ୍ରରେ ରଖିଛୁ। ଦେଶରେ ଶିକ୍ଷାର ଅନ୍ତର୍ଜାତୀୟକରଣ ମାଧ୍ୟମରେ ଆମେ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର ପେଣ୍ଠସ୍ଥଳୀ ଭାବେ କଳ୍ପନା କରୁଛୁ। ଭାରତର ସଭ୍ୟତାମୂଳକ ଐତିହ୍ୟର ପୁନରୁଦ୍ଧାର ସହ ପୁଷ୍ପଗିରି, ନାଳନ୍ଦାରୁ ଗୁରୁଗ୍ରାମ ପର୍ଯ୍ୟନ୍ତ ଆମର ବୌଦ୍ଧିକ ଐତିହ୍ୟକୁ ପୁନର୍ଜୀବିତ ପ୍ରୟାସ ଜାରି ରଖିଛୁ ବୋଲି ସେ କହିଛନ୍ତି। ବିଶ୍ୱର ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନବସୃଜନ, ଗବେଷଣା ଓ ଶିକ୍ଷାର ଇକୋସିଷ୍ଟମ ପାଇଁ ଭାରତ ଆସିବାକୁ ନିମନ୍ତ୍ରଣ କରିବା ସହ ମିଳିତ ଭାବେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ତଥା ନବସୃଜନ ଓ ପ୍ରଗତିକୁ ଆଗେଇ ନେବା ପାଇଁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

### ଡ୍ୟାନିଙ୍କ...

ଅନେକଙ୍କୁ ପୁଲିସ୍ ଗିରଫ କରି ଗାଡ଼ିରେ ନେଇଯାଇଥିଲା। ତେବେ ଧସ୍ତାଧସ୍ତି ସମୟରେ ଡ୍ୟାନିଙ୍କ ଗୋଡ଼ରେ କ'ଣ ଗୋଟେ ବାଜିଯିବାରୁ ସେ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଏହି ଖବରଟି ବିଜୁଳି ବେଗରେ କର୍ମୀଙ୍କ ମଧ୍ୟରେ ପ୍ରଚାରିତ ହୋଇଯାଇଥିଲା।

ଏହା ପରେ ପରେ ବବି ଆହତ ହୋଇଥିବା ଖବର ଆସିଲା। ଗଣମାଧ୍ୟମ ବି ସିଆଡ଼େ କ୍ୟାମେରା ବୁଲାଇଲେ। ତେବେ ଦେଖାଗଲା ଯେ ବବି ତାଙ୍କ ଗୋଡ଼ରେ ଗୋଟିଏ ଧଳା କପଡା ବାନ୍ଧି ଜଣଙ୍କ କାନ୍ଧରେ ହାତ ରଖି ଛୋଟେଇ ଛୋଟେଇ ଚାଲୁଛନ୍ତି। ଏହାପରେ ବବି ରାଜଧାନୀର ଏକ ଜଣାଶୁଣା ଘରୋଇ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି ହୋଇଥିବା ଖବର ଆସିବା ସହିତ ପୁଲିସ୍ ଚଳାଇଥିବା ରବର ଗୁଳି ବାଜିବାରୁ ସେ ଆହତ ହୋଇଥିବା କୁହାଗଲା। ତେବେ ଖୋଦ ପୁଲିସ୍ କମିଶନର ରବର ଗୁଳି ଚାଳନାକୁ ମନା କରିବାପରେ ଏବେ ବବିଙ୍କ ନାଟକ ଏକ ପ୍ରକାର ଧରାପଡି ଯାଇଛି । କାରଣ ତାଙ୍କ ଛଡା ଆଉ କେହି ରବର ଗୁଳିର ଅଭିଯୋଗ କରିନାହାନ୍ତି କିମ୍ବା ଏଥିରେ ଆହତ ହୋଇନାହାନ୍ତି ।

ଏବେ ବିଜେଡି କର୍ମୀମାନେ ଖୋଲାଖୋଲି କହୁଛନ୍ତି ଯେ ଠେଲାପେଲାରେ ଡ୍ୟାନି ଆହତ ହେଲାପରେ ବବି ନାଟକ କରୁଛନ୍ତି। କାଳେ ଡ୍ୟାନି ମାଇଲେଜ ନେଇଯିବେ ସେଥିପାଇଁ ବବି ଡାକ୍ତରଖାନାରେ ଭର୍ତ୍ତି ହୋଇଗଲେ। ହେଲେ ଆହତର ଯେଉଁ କାରଣଟି ଦର୍ଶାଇଲେ ତାହା ତାଙ୍କୁ ହିଁ ହରଡଘଣାରେ ପକାଇ ଦେଲା। ବବିଙ୍କ ସେଠାରେ ଏବେ କି ପ୍ରକାର ଚିକିତ୍ସା ଚାଲିଛି ତାହା ଉପରେ ଏବେ ସମସ୍ତଙ୍କ ନଜର। ତେବେ ଆହତ ବବିଙ୍କ ଦେଖିବାପାଇଁ ବିଜେଡି ନେତାମାନଙ୍କର ସେଠାକୁ ସୁଅ ଛୁଟିବାରେ ଲାଗିଛି। ଅବଶ୍ୟ ଖଟିଆରେ ପଡ଼ିଥିବା ବବିଙ୍କୁ ଯିଏ ଦେଖୁଛି, ସିଏ ନିଜର ହସକୁ ରୋକିପାରୁନଥିବା ସ୍ପଷ୍ଟ ବାରିହୋଇ ପଡୁଛି।

### ପୁରୀ...

ଜଣ ସରକାରୀ କର୍ମଚାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ପୂର୍ବରୁ ପୁରୀରେ ୪୮ ଜଣ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେହିପରି ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଠାରେ ୧୭ ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ତେବେ ଆଗକୁ ଏହି ତଦନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି।

### ଆଜିଠୁ...

ଚରଣ ମାଝୀ ମିଳିତ ଭାବେ ଏହି ସମ୍ମିଳନୀର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର ପକ୍ଷରୁ ସ୍ୱୀକୃତି ଲାଭ କରିଥିବା ବିଭିନ୍ନ ପ୍ରୟାସକୁ ଏଥିରେ ଉପସ୍ଥାପନ କରାଯିବା ସହ ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେବ। ଡିଏଆରପିଜି ସଚିବ ଭି. ଶ୍ରୀନିବାସ ଓ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିବେ।

ଏହି ସମ୍ମିଳନୀରେ ବିଭିନ୍ନ ବିଷୟବସ୍ତୁକୁ ନେଇ ୫ଟି ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ ୨୦୨୪ (ଜିଲ୍ଲାଗୁଡିକର ସାମଗ୍ରିକ ବିକାଶ) ଶୀର୍ଷକ ପ୍ରଥମ ଅଧିବେଶନ ଡିଏଆରପିଜିର ଅତିରିକ୍ତ ସଚିବ ପୁନତି ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଡିଏଆରପିଜି ଯୁଗ୍ମ ସଚିବ ସରିତା ଚୌହାନ ପ୍ରଧାନମନ୍ତ୍ରୀଙ୍କ ଦ୍ୱରା ପୁରସ୍କୃତ ପ୍ରୟାସ-୨୦୨୪ (ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ) ବିଷୟ ଉପରେ ଆଉ ଏକ ଅଧିବେଶନରେ ଅଧ୍ୟକ୍ଷତା କରିବେ। ଅନ୍ୟାନ୍ୟ ଅଧିବେଶନଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ ୨୦୨୩ ଏବଂ ୨୦୨୪ (ସାମଗ୍ରିକ ବିକାଶ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ନବସୃଜନ) ଉପରେ ଆଲୋଚନା କରାଯିବ।

### ମିଳିବନି...

ବାମପନ୍ଥୀ ଦଳ ଓ ରାଷ୍ଟ୍ରୀୟ ଜନତା ଦଳ (ଏନସିପି) ସମେତ ଆଠଟି ରାଜନୈତିକ ଦଳ ସମର୍ଥନ କରୁଛନ୍ତି। ବାଲେଶ୍ୱରର ଫକୀର ମୋହନ (ଏଫଏମ) ଅଟୋନୋମସ କଲେଜର ୨୦ ବର୍ଷୀୟ ଛାତ୍ରୀ ସୌମ୍ୟଶ୍ରୀ ବିଶୀଙ୍କ ଅତ୍ୟନ୍ତ ଦୁଃଖଦ ମୃତ୍ୟୁକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଛି। ସୌମ୍ୟଶ୍ରୀ ଜୁଲାଇ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଦେବାକୁ ଚେଷ୍ଟା କରିଥିଲେ ଏବଂ ଜୁଲାଇ ୧୪ ତାରିଖରେ ଏଇମସ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ବିଭାଗୀୟ ମୁଖ୍ୟ (ଏଚଓଡି) ସମୀର କୁମାର ସାହୁଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ। କଂଗ୍ରେସ ଅଭିଯୋଗ କରିଛି ଯେ ଉଚ୍ଚ ଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ସାଂସଦ ଏହି ଘଟଣାରେ ସୌମ୍ୟଶ୍ରୀ ଓ ତାଙ୍କ ପରିବାରକୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ତେଣୁ ସେମାନେ ତୁରନ୍ତ ନିଜ ନିଜ ପଦରୁ ଇସ୍ତଫା ଦେବା ସକାଶେ କଂଗ୍ରେସ ଦାବି କରିଛନ୍ତି। ସେହିପରି ଆସନ୍ତାକାଲିର ଓଡ଼ିଶା ବନ୍ଦ ଯୋଗୁଁ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଶେଷକରି କଂଗ୍ରେସ କର୍ମୀମାନେ ରାଜ୍ୟର ପ୍ରମୁଖ ସ୍ଥାନମାନଙ୍କରେ ରାସ୍ତା ଅବରୋଧ କରିପାରନ୍ତି, ଯାହା ଯାନବାହାନ ଚଳାଚଳକୁ ପ୍ରଭାବିତ କରିବ। ସେହିପରି ସେମାନେ ସରକାରୀ କାର୍ଯ୍ୟାଳୟ ଆଗରେ ପ୍ରଦର୍ଶନ କରିବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ବି କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ରେଳରୋକ ଆନ୍ଦୋଳନ ବି ହେବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଟ୍ରେନ୍ ଚଳାଚଳକୁ ପ୍ରଭାବିତ କରିବ। ଏହି ବନ୍ଦରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକାନବଜାର ଆଦି ବନ୍ଦ ରହିବ। ସେହିପରି ଆସନ୍ତାକାଲିର ୧୨ ଘଣ୍ଟା ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପେଟ୍ରୋଲ୍ ପମ୍ପ୍ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ବନ୍ଦ ପାଳନ ସମୟରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସକାଶେ ସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ସରକାର ବନ୍ଦ ସମୟରେ କୌଣସି ପ୍ରକାର ସୁରକ୍ଷା ଯୋଗାଇଦେବାରେ ନିଜର ଅସାମର୍ଥ୍ୟତା ପ୍ରକାଶ କରିବା ପରେ ପେଟ୍ରୋଲ୍ ପମ୍ପ୍ ବନ୍ଦ ରଖାଯିବାକୁ ସହମତି ହୋଇଥିବା କୁହାଯାଇଛି। ଫଳସ୍ୱରୂପ ରାଜ୍ୟର ପାଖାପାଖି ୩ ହଜାର ପେଟ୍ରୋଲ୍ ପମ୍ପ୍ ବନ୍ଦ ରହିବ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ବନ୍ଦ କେବଳ ଏକ ରାଜନୈତିକ ପ୍ରତିବାଦ ନୁହେଁ, ଏହା ଆମ ଦୁଃଖୀ ଝିଅମାନଙ୍କ ପାଇଁ ନ୍ୟାୟ ଦାବିର ଏକ ନୈତିକ ଆନ୍ଦୋଳନ।

ଏହି ବନ୍ଦ ପାଳନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି କୌଣସି ପ୍ରକାର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପୁଜିବାର ସୁଯୋଗ ନ ଦେବା ସକାଶେ ସେମାନଙ୍କୁ ତାଗିଦ୍ କରାଯାଇଛି। ସେହିପରି ଗୃହ ବିଭାଗ ପକ୍ଷରୁ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ କୃଷି ଭବନ ପରି ପ୍ରମୁଖ ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକରେ ସୁରକ୍ଷା ସକାଶେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଏହି ୧୨ଘଣ୍ଟିଆ ବନ୍ଦ ପାଳନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ କାର୍ଯ୍ୟାଳୟରେ ପୂର୍ବାହ୍ନ ସାଢ଼େ ୯ଟା ସୁଦ୍ଧା ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଆଦର୍ଶ...

୧୦୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ରହିଛି। ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ର ସରକାର ଏହି ଛାତ୍ରାବାସଗୁଡ଼ିକର ୬୦ ପ୍ରତିଶତ ଖର୍ଚ୍ଚ ବହନ କରିଥାନ୍ତି। ବଳକା ୧୪୧ ବାଳିକା ଛାତ୍ରାବାସ ଓ ୩୧୪ ବାଳକ ଛାତ୍ରାବାସ ଏହିଭଳି ମୋଟ ୪୫୫ ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ଫି' ବାବଦକୁ ମାସକୁ ୨ ହଜାର ଟଙ୍କା ଦେବାକୁ ପଡ଼ିଥାଏ।

ତେବେ ସରକାର ସତର୍କତାର ସହ ବିଚାର କରିବା ପରେ ରାଜ୍ୟର ସମସ୍ତଙ୍କୁ ସମାନ ଶିକ୍ଷାର ସୁଯୋଗ ଦେବା ସକାଶେ ରାଜ୍ୟ ପାଣ୍ଠିରେ ଏହି ୪୫୫ ଛାତ୍ରାବାସର ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳତଃ ଏଣିକି ଆଉ ଶିକ୍ଷାର୍ଥୀଙ୍କୁ ହଷ୍ଟେଲ ଫି' ଦେବାକୁ ପଡ଼ିବ ନାହିଁ। ଏହାଦ୍ୱାରା ପ୍ରାୟ ୪୫ ହଜାର ଛାତ୍ରଛାତ୍ରୀ ଉପକୃତ ହେବେ। ଏ ବାବଦରେ ୫ ବର୍ଷରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୩୪୯ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ।

ସେହିଭଳି ରାଜ୍ୟ ସରକାର ଆଜି ଏକ ଐତିହାସିକ ନିଷ୍ପତ୍ତି ନେଇ ସମୃଦ୍ଧ ସହ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରେ ୪ ହଜାର ୮୭୯ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଯୋଜନାବଦ୍ଧ ସହରୀକରଣ ଓ ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ବିକଶିତ ଓଡିଶା ୨୦୩୬ର ଅଂଶ ଭାବେ ଏହି ଯୋଜନାରେ ସହରଗୁଡ଼ିକୁ ବିକାଶର କେନ୍ଦ୍ର ଓ ଅର୍ଥନୀତିର ମୁଖ୍ୟ ଶକ୍ତି ଭାବେ ଗଢ଼ିତୋଳିବେ ସରକାର।

ଏହି ଯୋଜନା ରାସ୍ତା, ଜଳ ଯୋଗାଣ, ସ୍ୱେରେଜ ବ୍ୟବସ୍ଥା ଓ କଠିନ ବର୍ଜ୍ୟ ପରିଚାଳନା ଭଳି ଅତ୍ୟାବଶ୍ୟକ ସହରୀ ଭିତ୍ତିଭୂମି ଯୋଗାଇବାକୁ ସହଜ କରିବ। ଏଥିପାଇଁ ବଜେଟରେ ୪୧୧୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିସହ ୭୬୫ କୋଟି ୩୦ ଲକ୍ଷ ଟଙ୍କାର ନିବେଶ ଜରିଆରେ ସହରୀ ଅଞ୍ଚଳକୁ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯିବ। ଏହା ଏକୀକୃତ ଅର୍ଥନୈତିକ କ୍ଲଷ୍ଟର, ଶିଳ୍ପ ନଗର ଓ ଉଚ୍ଚ ସମ୍ଭାବନା ବିଶିଷ୍ଟ ସହରୀ କରିଡରର ବିକାଶରେ ସହଯୋଗ କରିବ ବୋଲି ସରକାର ଆଶା ରଖିଛନ୍ତି।

ସେହିଭଳି ରାଜ୍ୟ ସରକାର ଓଡିଶା ବିଶ୍ୱବିଦ୍ୟାଳୟ ଆଇନରେ କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି କରିବାକୁ ଏକ ଅଧ୍ୟାଦେଶ ଜାରି କରିଛନ୍ତି। ଆଜି ଏହି ଅଧ୍ୟାଦେଶକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ଅଧ୍ୟାଦେଶ ମାଧ୍ୟମରେ ଦୈନନ୍ଦିନ ପ୍ରଶାସନିକ ସମସ୍ୟାକୁ ଦୂର କରିବା ପାଇଁ ଆଇନରେ ସାମାନ୍ୟ ସଂଶୋଧନ କରିଛନ୍ତି। ବର୍ତ୍ତମାନ ଅଧିକାଂଶ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବା ଶେଷ ହେବାକୁ ଯାଉଛି। ପ୍ରଚଳିତ ଆଇନରେ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତି ଅନ୍ୟ ଏକ ବା ଏକାଧିକ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଭାବେ ନିଯକ୍ତି ପାଇପାରିବେ। କିନ୍ତୁ ଏହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକ ପରିଚାଳନାରେ ଅସୁବିଧା ହେଉଛି।

ଏହି ଦୃଷ୍ଟିରୁ ଏଣିକି ନୂଆ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ କୁଳାଧିପତି ଜଣଙ୍କୁ ଏହି ପଦବୀରେ ରଖିପାରିବେ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପରିଚାଳନାରେ ସମସ୍ୟା ହେବନାହିଁ। ଏଥିସହିତ କୁଳାଧିପତି କୁଳପତିଙ୍କ କାର୍ଯ୍ୟକାଳର ସମୟସୀମା ମଧ୍ୟ ସ୍ଥିର କରିପାରିବେ।

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏକ ନୂତନ ପୁଲିସ ଜିଲ୍ଲା ଖୋଲିବାକୁ ମଧ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ମୟୂରଭଞ୍ଜ ଏକ ବଡ଼ ଜିଲ୍ଲା ହୋଇଥିବାରୁ ରାଇରଙ୍ଗପୁରରେ ନୂଆ ପୁଲିସ ଜିଲ୍ଲା ଗଠନ କରାଯିବ। ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ରାଇରଙ୍ଗପୁର ଓ କରଞ୍ଜିଆ ଦୁଇଟି ପୁଲିସ ସବଡିଭିଜନ ରହିବ। ନୂଆ ପୁଲିସ ଜିଲ୍ଲାରେ ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଓ ଦୁଇଟି ବିଟ ହାଉସ ରହିବ। ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ, ବାଦାମପାହାଡ଼, ଗୋରୁମହିଷାଣି, ବିଶୋଇ, ତିରିଙ୍ଗ, ବହଲଦା, ଜାମଦା, କରଞ୍ଜିଆ, ଠାକୁରମୁଣ୍ଡା, ମହୁଲିପଡା, ରରୁଆଁ, ଘାଗରବେଡା ଓ ଯଶିପୁର ଏହି ୧୪ଟି ଥାନା ରହିବ। ଏଥିସହ ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ ବା ଡାଏଲ-୧୧୨କୁ ଆଉ ୫ ବର୍ଷ ପାଇଁ ମଧ୍ୟ ମଞ୍ଜୁରୀ ମିଳିଛି। ଯାହା ଅଧୀନରେ ୪,୧୯୫ଟି ନୂତନ ପୋଷ୍ଟ ସୃଷ୍ଟି ହେବ। ଏହି ସିଷ୍ଟମ ଜରୁରୀ ସେବାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ମଝି ଆକାଶରେ ଗୋଟେ ଇଞ୍ଜିନ ଫେଲ

● ମୁମ୍ବାଇରେ ଜରୁରୀ ଅବତରଣ

**ମୁମ୍ବାଇ,୧୬।୭(ସଂଚାର ବ୍ୟୁରୋ):** ଦିଲ୍ଲୀରୁ ଗୋଆ ଯାଉଥିବା ଇଣ୍ଡିଗୋ ବିମାନର ମଝି ଆକାଶରେ ଗୋଟିଏ ଇଞ୍ଜିନ ବନ୍ଦ ହୋଇଗଲା। ଫଳରେ ଇଣ୍ଡିଗୋ ୬-ଇ-୬୨୭୧ ବିମାନଟି ରାତି ପ୍ରାୟ ୯ଟା ୪୨ରେ ମୁମ୍ବାଇର ଛତ୍ରପତି ଶିବାଜୀ ବିମାନ ବନ୍ଦରରେ ଜରୁରୀ ଅବତରଣ କରିବାକୁ ବାଧ୍ୟ ହୋଇଥିଲା। ଦିଲ୍ଲୀରୁ ଉଡାଣ ଭରିବାର ଅଳ୍ପ ସମୟ ପରେ ଏହି ବିମାନରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଏପରିକି ବିମାନର ଗୋଟିଏ ଇଞ୍ଜିନ ମଧ୍ୟ ଫେଲ ହୋଯାଇଥିଲା। ଯେଉଁଥିପାଇଁ ୯ଟା ୨୫ରେ ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ଅବଗତ କରିବା ପରେ ଜରୁରୀ ଅବତରଣ ପାଇଁ ପ୍ରୋଟୋକଲ ଆସିଥିଲା। ମଝି ଆକାଶରେ ବିମାନଟି ମୁମ୍ବାଇ ଆଡକୁ ମୁହାଁଇଥିଲା। ଯାନ୍ତ୍ରିକ ତ୍ରୁଟିର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଇଣ୍ଡିଗୋ ପକ୍ଷରୁ ମଧ୍ୟ ଏହାର କାରଣ ଖୋଜା ଚାଲିଛି।

# ପ୍ରହସନ ପାଲଟିଛି ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା

- ବଣ୍ଟନ ହୋଇଛି ମାତ୍ର ୨୬୫ଟି କାର୍ଡ
- ନିରାଶ ହେଉଛନ୍ତି ଯୋଗ୍ୟ ହିତାଧିକାରୀ
- ବିଭିନ୍ନ ପଞ୍ଚାୟତରେ ମାଳମାଳ ଅଯୋଗ୍ୟ ହିତାଧିକାରୀ



**କାକଟପୁର/ଅସ୍ତରଙ୍ଗ,୧୬।୭ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଂଚାୟତ ରେ ନୂତନ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଫଳରେ କାର୍ଡ ଟିଏ ପାଇଁ ବର୍ଷ ବର୍ଷ ଧରି ବାଟ ଚିହିଁଥିବାର ଆଶା ସଂଚାର ହୋଇଥିଲା। ମାତ୍ର ଇତିମଧ୍ୟରେ ପ୍ରାୟ ଦୀର୍ଘ ମାସ ବିତିଯାଇଥିଲେ ମଧ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ରେ ମାତ୍ର ୨୬୫ ଟି ନୂତନ କାର୍ଡ ବଣ୍ଟନ ହୋଇଥିବା ବେଳେ ସଦସ୍ୟ ୫୦୯ଜଣ ହିତାଧିକାରୀ ରହିଛନ୍ତି ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଫଳରେ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଏକ ପ୍ରକାର ପ୍ରହସନ ପାଲଟିଥିବା ନେଇ ସାଧାରଣ ରେ ଆଲୋଚନା ହେଉଛି।

ମିଳିଥିବା ସୂଚନା ମୁତାବକ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀ ଙ୍କୁ କାର୍ଡ ଦିଆଯିବା ନେଇ ଘୋଷଣା କରିବା ଦୀର୍ଘ ମାସ ବିତିଗଲାଣି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳର ବିଭିନ୍ନ ପଂଚାୟତ ରେ ଶତାଧିକ ଉପଭୋକ୍ତା କାର୍ଡ ଖଣ୍ଡିଏ ପାଇବା ନିମନ୍ତେ ଅପେକ୍ଷା କରିଥିଲେ। ଖାଲି ସେତିକି ନୁହେଁ, କାର୍ଡ ଜରିଆରେ "ଆୟୁଷ୍ମାନ ଭାରତ" ଭଳି ସ୍ୱାସ୍ଥ୍ୟ ଯୋଜନର ଲାଭ ଉଠାଇବା ଆଶାରେ ଥିଲେ ଶତାଧିକ ହିତାଧିକାରୀ। ଦୀର୍ଘ ମାସ ବିତିଯାଇଥିଲେ ମଧ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାତ୍ର ୨୬୫ଟି କାର୍ଡ ବଣ୍ଟନ ହୋଇଛି। ସେଥି ମଧ୍ୟରେ ଆଳଙ୍ଗପୁର ୧୫ଟି, ଆଳସାହି ୩୨ଟି, ଅସ୍ତରଙ୍ଗ ୩୩ଟି, ଛୁରିଆନା ୧୭ଟି, କେନ୍ଦ୍ରାପଟି ୨୮ଟି, କୋରଣା ୧୩ଟି, ମାଣ୍ଡୁକି ୫ଟି, ନଗର ୩୮ଟି, ନଈଗୁଆଁ୧୪ଟି, ନୂଆଗଡ ୧୪ଟି, ପାଟଳଦା ୨୪ଟି, ସରିପୁର ୯ଟି, ଶିଶୁଅ ୧୩ଟି ଓ ତାଳଦା ୧୦ଟି କାର୍ଡ ବଣ୍ଟନ ହୋଇଥିବା ବେଳେ ସେଥିରେ ମୋଟ ୫୦୯ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। କାର୍ଡ ବଣ୍ଟନ ପୂର୍ବରୁ ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତରେ ପ୍ରାୟ ୯ଶହରୁ ଉର୍ଦ୍ଧ ହିତାଧିକାରୀଙ୍କୁ ସାମିଲ ପାଇଁ ଲକ୍ଷ ଥିଲା। ସମ୍ପୃକ୍ତ ହିତାଧିକାରୀ ଇ-କେୱାଇସି ପରେ କାର୍ଡ ଦିଆଯିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ଫଳରେ ଡ଼ହ ଡହ ଖରାରେ ଲୋକେ ଇ-କେୱାଇସି ପାଇଁ ବ୍ଲକ ଅଫିସ ରେ ଭିଡ଼ ଜମାଇଥିଲେ। ମାତ୍ର ବଣ୍ଟନ କିଛି ମାସ ପରେ ଏହି ପ୍ରକ୍ରିୟା ଏକରକମ ବାଟବଣା ହୋଇଥିବା ସୂଚନା ମିଳିଛି।

ଅନ୍ୟ ପକ୍ଷରେ ଯୋଗ୍ୟ ହିତାଧିକାରୀମାନେ ନିରାଶ ହେଉଥିବା ବେଳେ କେବେ କାର୍ଡ ମିଳିବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ବିଭିନ୍ନ ପଂଚାୟତରେ ମାଳ ମାଳ ଅଯୋଗ୍ୟ ହିତାଧିକାରୀ ଏବେ ମଧ ରାସନ କାର୍ଡ ତାଲିକାରେ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି କହିଛନ୍ତି ବଣ୍ଟନ ପ୍ରକ୍ରିୟା ଚାଲୁ ରହିଛି। ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

### ନାବାଳିକା ଝିଅକୁ ଖୋଜିବାରେ ବିଫଳ ପୁଲିସ

## ବିଷପିଇ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ



**ମହାକାଳପଡ଼ା,୧୬।୭ (ସଂଚାର ବ୍ୟୁରୋ):** ନାବାଳିକା ଝିଅକୁ ଖୋଜିବାରେ ପୁଲିସ ବିଳମ୍ବ କରିବାରୁ ବାପା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅଞ୍ଚଳରେ। ଚକଡ଼ା ଗୋଗୁଆ ଗ୍ରାମର କଳ୍ପତରୁ ଓଝା(୪୮) ଙ୍କ ନାବାଳିକା ଝିଅ ଆଶାରାଣୀ ଓଝା(୧୬) ଙ୍କୁ ସେହି ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହର ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରି ନେଇଛନ୍ତି। ଏନେଇ ନାବାଳିକାଙ୍କ ବାପା ଅଜୟ ୨୭ ମେ ରେ ତନ୍ତିଆପାଳ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ଝିଅକୁ ଖୋଜିବାରେ ବିଳମ୍ବ କରିବାରୁ ୯ ଜୁନରେ ପୁଲିସର ଅସହଯୋଗ ସମ୍ବନ୍ଧରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୋଗ କରିଥିଲେ। ନାବାଳିକା ଝିଅକୁ ଖୋଜିବାରେ ସମସ୍ତଙ୍କୁ ଗୁହାରି କରିବା ପରେ ମଧ ତାଙ୍କ ଝିଅକୁ ଖୋଜିବାରେ ପୋଲିସ ସଫଳ ହୋଇନି। ଯାହାକୁ ନେଇ ଅଜୟ ମାନସିକ ଭାରସାମ୍ୟ ହରାଇ ଆଜି ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କର ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି। ସେ ଏବେ କଟକ ମେଡିକାଲ୍ ରେ ଚିକିତ୍ସିତ ହେଉଛନ୍ତି। ଏମିତି ଘଟଣା ପରେ ସମାଜସେବୀ ସୌଭାଗ୍ୟ ପରିଡ଼ା ସାମାଜିକ ଗଣମାଧମରେ ଭିଡିଓ କରି ପୋଲିସ୍ ର ଅବହେଳା ପାଇଁ ଏମିତି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି। ଯଦି ପୋଲିସ ତୁରନ୍ତ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଖୋଜିବା ସହ ଝିଅକୁ ଖୋଜିବାରେ ସଫଳ ହୋଇ ଥାଆନ୍ତା ତେବେ ଜଣେ ବାପା ଆଜି ବିଷ ପିଇ ନଥାଆନ୍ତେ ବୋଲି ସେ କହିଛନ୍ତି।

### ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା

## ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**ପଟ୍ଟାମୁଣ୍ଡାଇ,୧୬।୭ (ସଂଚାର ବ୍ୟୁରୋ):** ସବୁ ଦିଗରୁ ନ୍ୟାୟ ଭିକ୍ଷା କରି ବିଫଳ ହୋଇ ଜୀବନ ହାରିଥିବା ବାଲେଶ୍ୱର ଫକୀରମୋହନ କଲେଜଛାତ୍ରୀ ସୋମ୍ୟଶ୍ରୀ ବିଶିଙ୍କ ମାମଲାରେ ସରକାରଙ୍କ ଚରମ ବିଫଳତାର ପ୍ରତିବାଦ ଓ ମାମଲାର ନ୍ୟାୟିକ ତଦନ୍ତ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଯୁବ ବିଜେଡି ନେତା ବାବନ ସାହୁ, ଦିଲ୍ଲୀପ ସେଠୀ,ଅଭିରାମ ସ୍ୱାଇଁ, ଅସିମ ମହାନ୍ତି ଓ ଏମ ଡି ପପୁଙ୍କ ସହଯୋଗରେ ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜରେ ଛାତ୍ର ଆନ୍ଦୋଳନ କରାଯାଇଛି। ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ, କ୍ୟାମ୍ପସ ପ୍ରେସିଡେଣ୍ଟ ଅନମୋଲ ରାଉତ, ସ୍ମୃତି ରଞ୍ଜନ ପାଢ଼ୀ, ଶାରଦା ପ୍ରସନ୍ନ ରାଉତ ସ୍ନେହାଶିଷ ମଲ୍ଲିକ, ଓମ୍ ପ୍ରକାଶ ଦାଶ, କୁନା ବିଶ୍ୱାଳ, ଜଗଦୀଶ ତ୍ରିପାଠୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପଟ୍ଟାମୁଣ୍ଡାଇ କଲେଜରେ ଛାତ୍ର ଆନ୍ଦୋଳନ କରି କଲେଜ ବନ୍ଦ କରିବା ସହିତ ଶୋଭାଯାତ୍ରାରେ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ୟୁ କେ ମହାବୀର କଲେଜରେ ଛାତ୍ର ଆନ୍ଦୋଳନ କରାଯାଇଛି।

## କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା



**ରାଜନଗର,୧୬।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫଏ ମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ମୃତ ଛାତ୍ରୀ କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ସନ୍ଧ୍ୟାରେ ରାଜନଗର କଙ୍ଗ୍ରେସ ପକ୍ଷରୁ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରାଜନଗର ର ଆରାଧ ଠାକୁର ଶ୍ରୀ ଦଧିବାମନଜୀ ମନ୍ଦିର ନିକଟରୁ ଶତାଧିକ କଂଗ୍ରେସ କର୍ମୀ ମାନେ ଯୋଗଦେଇ ଅମର ଆତ୍ମା ର ସଦଗତି କାମନା କରିଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ବୈକୁଣ୍ଠ ବିଶ୍ୱାଳ, ମାଗୁଣି ଚରଣ ପଢ଼ିହାରୀ, ବାସୁଦେବ ପଣି, ସୌରଭ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଗୋପାଳକଙ୍କଠାରୁ ସରକାରୀ ଅଧିକାରୀ ନେଉଛନ୍ତି ଲାଞ୍ଚ



**କାକଟପୁର/ଅସ୍ତରଙ୍ଗ,୧୬।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା କାର୍ଯ୍ୟକାରୀ ହେବା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଚାଷୀଙ୍କ ବିକାଶ ହେଲେ, ରାଜ୍ୟ ବିକଶିତ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଶତାଧିକ ଗୋପାଳକ ରହିଛନ୍ତି। ବିଭିନ୍ନ ସରକାରୀ ଯୋଜନା ତଥା କାମଧେନୁ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି। ଯାହାକି ଗୋପାଳକଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ସରକାରଙ୍କ ଜନ କଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଂଚାଇବା ପରିବର୍ତ୍ତେ ଗୋପାଳକ ଠାରୁ ଲାଞ୍ଚ ନିଆଯାଇଥିବା ଚାଷୀ ଦୁର୍ଯ୍ୟୋଧନ ନାୟକ ନିଜ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।ଖବର ମୁତାବକ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଗୋମାତା ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ପଂଚାୟତର ଗରିବ ଗୋପାଳକ ଦୁର୍ଯ୍ୟୋଧନ ନାୟକଙ୍କ କାମଧେନୁ ଯୋଜନାରେ ସାମିଲ କରିବା ସହ ଏଷ୍ଟିମେଟ କରିବାକୁ ବିଭାଗୀୟ ଅଧିକାରୀଣୀ ଗରିବ ଚାଷୀକୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ, କିନ୍ତୁ ନିରୀହ ଗରିବ ଚାଷୀ ବିଭାଗୀୟ ଅଧିକାରୀଣୀଙ୍କୁ ଫୋନ୍ ପେ ନମ୍ବରକୁ ୩ହଜାର ଟଙ୍କା ୧୦ଜୁଲାଇରେ ଦେଇଛନ୍ତି, ଯାହାକୁ ନେଇ ନିଜ ଏକ୍ସ ମାଧ୍ୟମରେ ଚାଷୀ ଜଣାଇଥିବା ବେଳେ ସାମାଜିକ ଗଣ ମାଧ୍ୟମରେ ଭିଡିଓ ବାର୍ତ୍ତା ପୋଷ୍ଟ କରିଛନ୍ତି। ଯାହାକୁ ନେଇ ଗରିବ ଲୋକଙ୍କୁ ଏଭଳି ଶୋଷଣ କରୁଛନ୍ତି ସରକାରୀ ଅଧିକାରୀ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଜାଣିବାକୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଦାବୀ ହୋଇଛି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ସହ ଉଚ୍ଚ ସ୍ତରୀୟ ଅଧିକାରୀ ତଦନ୍ତ କରିବା ଆବଶ୍ୟକ।

## ଜିଲ୍ଲାପାଳଙ୍କୁ ନ' ଦଫା ଦାବିପତ୍ର ପ୍ରଦାନ କଲା ବନ ସୁରକ୍ଷା କମିଟି



**ରାଜେଶ ଯାନୀ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅ: ଜଗନ୍ନାଥ**

**ରାଇଘର,୧୬।୭ (ସଂଚାର ବ୍ୟୁରୋ):** ନଅ ଦଫା ଦାବିନେଇ ବନସୁରକ୍ଷା କମିଟିର ସରକାରୀ କାର୍ଯ୍ୟାଳୟ ଘେରାଉ। ରାଇଘର ବ୍ଲକର ୪୯ଟି ବନସୁରକ୍ଷା କମିଟି ଜଗନ୍ନାଥ ନାୟକ(ଗୋନା) ସହଦେବ ଗଣ୍ଡ (କୁନ୍ଦ୍ରାପାଣି), ଶଙ୍କର ଗଣ୍ଡ (ନକତିସିମୋଡା) ଜୁଗୁଡୁ ଗଣ୍ଡ, କୃଷ୍ଣଗଣ୍ଡ, କୁଞ୍ଜ ଗଣ୍ଡ, ସୁନ୍ଦର ଗଣ୍ଡ, ଓ ସୋନାରାମ ଗଣ୍ଡଙ୍କ ନେତୃତ୍ୱରେ ତହସିଲ, ବନବିଭାଗ, ଥାନା ସହ ପଂଚାୟତ ଅଫିସ ଘେରାଉ କରିଥିଲେ। ଶହ ଶହ ପୁରୁଷ ଓ ମହିଳା ଏଥିରେ ଯୋଗଦେଇ ସେମାନଙ୍କ ଦାବି ପତ୍ର ଦିଇଥିଲେ। ସେଥିମଧ୍ୟରୁ ମୁଖ୍ୟତଃ ବାହାର ଲୋକ ରାଜେଶ ଯାନୀ ରାଇଘରରେ ଗଣ୍ଡଗୋଳ କରୁଥିବାରୁ ତାକୁ ଗିରଫ କରିବା, ୨୦୦୫ ମସିହା ପରଠାରୁ ଯେଉଁ ଜଙ୍ଗଲ ଜମି ଅକ୍ତିଆର କରାଯାଇଛି ତାକୁ ଉଦ୍ଧାର କରି ବୃକ୍ଷ ରୋପଣ କରାଯିବା ସହ ତା ପୂର୍ବରୁ ଅଧିକାର ହୋଇଥିବା ଜଙ୍ଗଲ ଜମିର ପଟା ମିଳୁ। ଗତମାସ ୨୭ତାରିଖରେ ହୋଇଥିବା ବନବିଭାଗ କର୍ମଚାରୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଉ ଭଳି ଦାବିମାନ କରିଥିଲା। ବନ ସୁରକ୍ଷା କମିଟି ଅନ୍ୟ ଦାବି ମାନଙ୍କ ମଧ୍ୟରେ ରହିଛି ସରକାରଙ୍କ ଜଙ୍ଗଲ ଆଇନକୁ କଡାକଡି କରିବା ସହ ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା, ବିବାଦୀୟ ଭିଏସ୍ଏସ୍ ବିଟ ସହ ଫରେଷ୍ଟ ବିଟ ଏରିଆ ଚିହ୍ନଟ କରିବା, ଜଳ ଜଙ୍ଗଲ ଜମିର ସୁରକ୍ଷା କରିବା ଭଳି ଦାବି ରଖିଛନ୍ତି।

## ଷଷ୍ଠ ପଞ୍ଚାୟତ ସମିତି ବୈଠକ



**ମହାକାଳପଡ଼ା,୧୬।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ପଞ୍ଚାୟତ ସମିତି ର ଷଷ୍ଠ ତମ ବୈଠକ ପଞ୍ଚାୟତ ସମିତି ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାକାଳପଡ଼ା ର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ନବନିର୍ବାଚିତ ସମିତି ଅଧକ୍ଷା ମୀରା ରାଣୀ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ୍ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ଅଗ୍ରଗତି ପାଇଁ ଯୋଜନା ଓ ଲକ୍ଷ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଛି। ପଞ୍ଚାୟତ ସ୍ତରରେ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ ବିଧାୟକ ସମସ୍ତଙ୍କ ସହଯୋଗ ଲୋଡିବା ସହ ବିକାଶ କାର୍ଯ୍ୟକୁ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଏହି ବୈଠକରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ଶିବ ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ, ପଞ୍ଚାୟତର ସରପଞ୍ଚ ଓ ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

## ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ




**ନାଉଗାଁ,୧୬।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗ ଦେଇ ବନ ମହୋତ୍ସବର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ସୁନ୍ଦର ପୃଥିବୀ, ସୁସ୍ଥ ପରିବେଶ, ନିରାମୟ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଗୋଟିଏ ଲେଖାଁଏ ଗଛ ଲଗାଇ ତାହାର ଯତ୍ନ ନେବା ଆବଶ୍ୟକ। ପରିବେଶରେ ଦିନକୁ ଦିନ ଯେପରି ଜଳବାୟୁର ପରିବର୍ତ୍ତନ ଘଟୁଛି ସେଥିପାଇଁ ବୃକ୍ଷର ବହୁଳ ଭାବରେ ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଧିକାରୀ ତଥା ଇକୋ କ୍ଲବ ଇନ ଚାର୍ଯ୍ୟ ଶିକ୍ଷକ ମାନସ କୁମାର ବେହେରା, ବିଦ୍ୟାଳୟର ଶକ୍ତି କ୍ଲବ ଇନଚାର୍ଯ୍ୟ ଶିକ୍ଷୟିତ୍ରୀ ସମୀକ୍ଷା ଗିରି, ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ସନ୍ତୋଷ କୁମାର ପରିଡ଼ା, ପ୍ରଳୟ ରଞ୍ଜନ ବେହେରା, ସ୍ୱାତି ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ବେବିନା ସେଠୀ, ମିଲି ପ୍ରଧାନ, ପୁଷ୍ପାଂଜଳୀ ସ୍ୱାଇଁ ଆଦି ଉପସ୍ଥିତ ଥିଲେ। ସେହିପରି ପ୍ରଥମେ ଏନ୍ସିସି କ୍ୟାଡର ପିଲାମାନଙ୍କୁ ନେଇ ସଚେତନତା ରାଲି କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ନାଉଗାଁ ବ୍ଲକ ପଞ୍ଚାୟତ ପ୍ରତିନିଧିଙ୍କ ଖବରଦାତା ସମ୍ମିଳନୀ

## ଜନପ୍ରତିନିଧିମାନଙ୍କୁ ଅଣଦେଖା ଅଭିଯୋଗ



**ନାଉଗାଁ,୧୬।୭(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ବଜାରରେ ଥିବା କାଦମ୍ବିନୀ ମଣ୍ଡପ ପରିସରରେ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କାଙ୍କ ଅଧକ୍ଷତାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସରକାର ବଦଳିବା ପରେ ଉକ୍ତ ବ୍ଲକରେ ବ୍ଲକ ପ୍ରଶାସନ ଓ ବିଧାୟକ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି। ଏପରିକି ସରକାରଙ୍କର ହେଉଥିବା ଲୋକାଭିମୁଖୀ କାର୍ଯ୍ୟରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅନ୍ତର୍ଭୂକ୍ତ କରାଯାଉନାହିଁ। ଦୀର୍ଘ ୧୩ ମାସ ହେବ ଏହି ବ୍ଲକରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ପାରୁନାହିଁ। ଯେଉଁ ସବୁ କାର୍ଯ୍ୟ କରାଯାଇଥିଲା ତାହାର ବିଲ୍ ମଧ ପ୍ରଦାନ କରାଯାଉନାହିଁ। ସ୍ଥାନୀୟ ବିଧାୟକ ବ୍ଲକ ପ୍ରଶାସନ ଉପରେ ଅଯଥା ହସ୍ତକ୍ଷେପ କରିବା ଦ୍ୱାରା କୌଣସି ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ବ୍ଲକରେ କୋଟି କୋଟି ଟଙ୍କା ପଡ଼ି ରହିଥିବା ବେଳେ ତାହା ଖର୍ଚ୍ଚ ହୋଇପାରୁନାହିଁ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଜାଣି ଶୁଣି ଅଣଦେଖା କରାଯାଇଛି। ତେଣୁ ଆମେ ଜନପ୍ରତିନିଧିମାନେ ଏହି ସମ୍ବାଦିକ ସମ୍ମିଳନୀ ମାଧମରେ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଆହ୍ୱାନ ଦେଉଛୁ ସେ ଖୋଲା ମଞ୍ଚରେ ଆମ ସହ ଆଲୋଚନା କରନ୍ତୁ। ଏହି ସମ୍ମିଳନୀରେ ନୂଆଗାଁ ସରପଞ୍ଚ ଦୋଳଗୋବିନ୍ଦ ରାଉଳ, ଡାବର ସଭ୍ୟ ସୁବଳ ବେହେରା, ବଛାଲୋ ସମିତି ସଭ୍ୟ ଚନ୍ଦନ ଲେଙ୍କା, ଘୋଡାଂଶ ସରପଞ୍ଚ ନିହାର ରଂଜନ ବସ୍ତିଆ, ସଭ୍ୟ ତରୁଣକାନ୍ତ ବାରିକ, ଗଳଧାରୀ ସରପଞ୍ଚ ଦିଲ୍ଲିପ ନାୟକ, ବଛାଲୋ ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା, ଓଷକଣା ସରପଞ୍ଚ ନାରାୟଣ ସ୍ୱାଇଁ, ଅଲଣା ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମାଜସେବୀ ଅନିଲ କୁମାର ଲେଙ୍କା, ପଦ୍ମଚରଣ ରାଉତ, ଅଶାନ୍ତ ବେହେରା, ଶିବ ମହାରଣା, ବୈକୁଣ୍ଠ ନାୟକ, ଗୌରାଙ୍ଗ ସ୍ୱାଇଁ, ପ୍ରକାଶ ସ୍ୱାଇଁ ଆଦି ଉପସ୍ଥିତ ଥିଲେ।

## ଡାକ୍ତର ଯୋଗେନ୍ଦ୍ର ପଣ୍ଡାଙ୍କ ସ୍ମୃତିଚାରଣ



**ଖୋର୍ଦ୍ଧା,୧୬।୭(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅବସରପ୍ରାପ୍ତ ଆୟୁର୍ବେଦିକ ଡାକ୍ତର ତଥା ପାତଞ୍ଜଳି ଯୋଗ ସମିତି ପୂର୍ବତନ ଜିଲ୍ଲା ସଭାପତି ଡାକ୍ତର ଯୋଗେନ୍ଦ୍ର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଚାରଣ ସଭା ଗୀତା ଭବନ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଦକ୍ଷ ଚିକିତ୍ସକ, ଜନସେବୀ ଭାବେ ପରିଚିତ ଥିଲେ। ସର୍ବଶ୍ରୀ ନିରଞ୍ଜନ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ଼.ବୃନ୍ଦାବନ ପଣ୍ଡା, ଜ୍ଞାନ ରଞ୍ଜନ ଦାଶ, ପ୍ର ପତ୍ନୀ ବିଜୟିନୀ ଷଡ଼ଙ୍ଗୀ, ଶାନ୍ତିଲତା ବଳିଆରସିଂହ, ସୁକାନ୍ତି ମିଶ୍ର, ଅଶୋକ ଚନ୍ଦ୍ର ମହାପାତ୍ର, ଡ଼.ପ୍ରମୋଦ ଚନ୍ଦ୍ର ଦାଶ, ଜିଲ୍ଲା ବିଜେପି ସଭାପତି ରଶ୍ମୀ ମହାପାତ୍ର, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଡାକ୍ତର ଯୋଗେଶ ଚନ୍ଦ୍ର ରଥ ସ୍ମୃତିଚାରଣରେ ତାଙ୍କର ବହୁମୁଖୀ ଗୁଣାବଳି ବର୍ଣ୍ଣନା କରିଥିଲେ।

### ହାଣ୍ଡି ଶାଳରେ ମହଙ୍ଗା ମାଡ଼

## ବଢ଼ିଚାଲିଛି ପରିବା ଦର, ଶହେ ଛୁଇଁଲା ବାଇଗଣ

- ପୋଟଳ, ଭେଣ୍ଡି, କଲରା କେଜି ପିଛା ୭୦ଟଙ୍କା
- ବର୍ଷା କମେଇଛି ଉତ୍ପାଦନ
- ଶ୍ରାବଣ ପାଇଁ ବଢୁଛି ଦର
- କମୁଛି ବେପାର, ଚିନ୍ତାରେ ବ୍ୟବସାୟୀ



**କାକଟପୁର/ଅସ୍ତରଙ୍ଗ,୧୬।୭(ସଂଚାର ବ୍ୟୁରୋ):** ଶ୍ରାବଣ ପାଇଁ ଆମିଷ ଆଡକୁ ଚାହିଁ ହେଉନି। ପରିବା ବଜାର ଗଲେ ବି କିଣିବାକୁ ମନ ବଳୁନି। ପରିବା ଦର ଶୁଣି ଗ୍ରାହକ ଙ୍କୁ ଡର ମାଡୁଚି। ପ୍ରମୁଖ ପରିବା ବାଇଗଣ ର ଭାଉ ବହୁତ ଉପରେ। ଶହେ ଛୁଇଁଛି ବାଇଗଣ। ବାକି ପରିବା ଦର ୭୦ଟଙ୍କା ଉପରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ପରିବା ବଜାର ରେ ଏଭଳି ସ୍ଥିତି ଲୋକ ଙ୍କ ଚିନ୍ତା ବଢ଼ାଇଲାଣି।

ପ୍ରାୟ ୨୦ଦିନ ହେଲା ପରିବା ଦର ଧୀରେ ଧୀରେ ବଢ଼ି ଚାଲିଛି। ୫୦ରୁ ବଢ଼ି ବଢ଼ି ବାଇଗଣ ବାଇଗଣ ୨ ଦିନ ହେଲା ୧ଶହ ଟଙ୍କାରେ ପହଂଚିଲାଣି। ୧ଶହ ରେ ରହିବ କି ଆହୁରି ବଢ଼ିବ ତାହା ମଧ କହିହେବ ନାହିଁ। ଭଲ ବାଇଗଣ ଶହେ ଟଙ୍କାରେ ବିକ୍ରି ହେଉଥିବା ବେଳେ ପୋକରା ଶୁଖିଲା ବାଇଗଣ ୮୦ଟଙ୍କାରେ ବିକ୍ରି ହେଉଛି। ତାହାକୁ ମଧ ଲୋକ କିଣି ନେଉଛନ୍ତି। ସେହିଭଳି ପୋଟଳ, କଲରା, ଭେଣ୍ଡି ଓ ଜହ୍ନି କେଜି ପ୍ରତି ୭୦ଟଙ୍କା ରହିଛି। ଟମାଟୋ, କାକୁଡ଼ି, ଗାଜର ଆଦି ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି। କଞ୍ଚା ଲଙ୍କା କେଜି ୨୩୦ଟଙ୍କା ରହିଛି। ହଜାରେ ଟଙ୍କାରେ ବି ପରିବା ବ୍ୟାଗ ପୁରୁନାହିଁ। ଦର ଶୁଣି ଗରାଖ ଙ୍କ ଚିନ୍ତା ବଢୁଛି। କେହି କେହି ଅଢେଇ ଶହ, ଅଧକେଜି ଆଦି ନେଉଥିବା ବେଳେ ଅନେକ ଫେରି ଯାଉଛନ୍ତି। ଏପରି ସ୍ଥିତି ଯୋଗୁଁ ଅସ୍ତରଙ୍ଗ ପରିବା ବଜାର ରେ ଖାଁ ଖାଁ ହୋଇପଡିଛି। ଖାଉଟି ଈଶ୍ୱର ମହାରଣା କହିଛନ୍ତି, ଶ୍ରାବଣ ପାଇଁ ପରିବାରରେ କେହି ଆମିଷ ଖାଉ ନାହାନ୍ତି। ପରିବା ହିଁ ଏବେ ଭରସା। ହେଲେ ଦର ଶୁଣି କିଣିବାକୁ ଇଚ୍ଛା ହେଉନି। ୫ଶହ ଟଙ୍କାରେ ପରିବା ନେଲେ ୨ ଦିନ ଯାଉନି। ମଧବିତ୍ତ ପରିବାର ପାଇଁ ଏହା ବୋଝ ଭଳି ହୋଇ ପଡିଛି। ଆମିଷ ଓ ପରିବା କୁ ଛାଡି ମଟର, ଡାଲି, ସୋୟାବଡି ଖାଇବାକୁ ବାଧ୍ୟ ବୋଲି ଶ୍ରୀ ମହାରଣା କହିଛନ୍ତି। କେବଳ ଖାଉଟି ନୁହେଁ, ପରିବା ଦରକୁ ନେଇ ଅସ୍ତରଙ୍ଗ ବେପାରୀ ଚିନ୍ତାରେ। ବେପାର ଅନେକ ପରିମାଣ ରେ କମିଛି। ପଚା ବାହାରିଲେ ଅଧିକ କ୍ଷତି ହେଉଥିବା ବେପାରୀ ରବି ବରାଳ କହିଛନ୍ତି। ଅସ୍ତରଙ୍ଗ ପରିବା ମାର୍କେଟ କୁ ସ୍ଥାନୀୟ ଅଞ୍ଚଳର ବେଣୀପୁର, ଓସ୍ତପୁର, ନଈଗୁଆଁ, ଖଣ୍ଡାସାହି, ବେଗୁନିଆବସ୍ତ, ଝାରିଆ, ପୋଟଳ ଛକ, ଶିଶୁଅ, କନ୍ତପହଁରା ଅଂଚଳରୁ ପରିବା ଆସିଥାଏ। ଯାହା ବର୍ଷା ଯୋଗୁଁ ନଷ୍ଟ ହୋଇ ଯାଉଥିବାରୁ ଚାହିଦା ମୁତାବକ ପରିବା ମିଳୁନି। ଯାହା ବାହାର ସ୍ଥାନରୁ ଆସୁଛି, ଏଣୁ ଦର ବଢୁଛି। ଏବେ ଶ୍ରାବଣ ଆରମ୍ଭ ହୋଇଯିବାରୁ ଅନେକ ଲୋକ ଆମିଷ ଛାଡି ନିରାମିଷ ଖାଉଥିବାରୁ ପରିବା ର ଚାହିଦା ଆହୁରି ବଢ଼ିଛି। ଏଣୁ ଦର ମଧ ଆହୁରି ବଢ଼ିପାରେ ବୋଲି ପରିବା ବ୍ୟବସାୟୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏହି ସମୟରେ ପରିବା ଦର ବଢୁଛି। ଏଣୁ କିଭଳି ବର୍ଷାରେ ପନିପରିବା ଉତ୍ପାଦନ ନ କମିବ ସେ ନେଇ ବିକଳ୍ପ ଚିନ୍ତା କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

# ଚଳିତ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ

- ଆଜିଠୁ ପଞ୍ଜିକରଣ, ୬ ଦିନ ୫ ରାତି ରହଣି
- ୭୦ରୁ ୭୫ ବର୍ଷୀୟଙ୍କ ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ସହାୟକ ବାଧ୍ୟତାମୂଳକ



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଚଳିତ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରିଛନ୍ତି। ଆଜି ସ୍ଥାନୀୟ ପାନ୍ଥନିବାସର ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୫-୨୬ର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ଆଇଆରସିଟିସିର ଯୁଗ୍ମ ସାଧାରଣ ପରିଚାଳକ କ୍ରାନ୍ତି ସବରକର ଉପସ୍ଥିତ ଥିଲେ। ସରକାରଙ୍କ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଓ ଟୁରିଜିମ କର୍ପୋରେସନ (ଆଇଆର୍‌ସିଟିସି)ର ସହାଭାଗିତାରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କ ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା ସୁଯୋଗ ପାଇବେ। ଆସନ୍ତାକାଲିଠାରୁ ଏଥିପାଇଁ ପଞ୍ଜିକରଣ ଆରମ୍ଭ ହେବାକୁ ଥିବା ବେଳେ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ କରାଯାଇପାରିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ଉକ୍ତ ଆବେଦନପତ୍ରଗୁଡ଼ିକର ଯାଞ୍ଚ କରାଯିବ। ଯୋଜନାରେ ୭୦ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି। ହିତାଧିକାରୀ ଚୟନ ନିମନ୍ତେ ଅନ୍ତ୍ୟୋଦୟ/ଅନ୍ନପୂର୍ଣ୍ଣା କାର୍ଡ /ବିଧବା ଭତ୍ତା କାର୍ଡ/ଖାଦ୍ୟ ସୁରକ୍ଷା ରେସନ କାର୍ଡ/ ମନରେଗା କାର୍ଡ ଆଦି ମଧ୍ୟରୁ ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣପତ୍ର ଭାବେ ବ୍ୟବହାର କରାଯାଇପାରିବ। ୭୦ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଥୀରେ ୧୮ ବର୍ଷରୁ ଉର୍ଦ୍ଧ୍ୱ କୌଣସି ବ୍ୟକ୍ତିଙ୍କୁ ସହାୟକ ଭାବେ ମଧ୍ୟ ନେଇପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ତୀର୍ଥଯାତ୍ରୀ ଚୟନ କ୍ଷେତ୍ରରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲା ପାଇଁ ନିର୍ଦ୍ଦିଷ୍ଟ କୋଟା ଅନୁଯାୟୀ ତୀର୍ଥଯାତ୍ରୀ ଚୟନ କରିଥାନ୍ତି । ଅଧିକ ଆବେଦନକାରୀମାନଙ୍କ କ୍ଷେତ୍ରରେ ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇଥାଏ । ଅନୁପସ୍ଥିତ ତୀର୍ଥଯାତ୍ରୀମାନଙ୍କର ଭରଣ ନିମନ୍ତେ ୨୦ ପ୍ରତିଶତ ତୀର୍ଥଯାତ୍ରୀଙ୍କର ଏକ ପ୍ରତୀକ୍ଷା ତାଲିକା ପ୍ରସ୍ତୁତ କରାଯାଇଥାଏ। ଚଳିତ ବର୍ଷ ଯାତ୍ରୀମାନଙ୍କୁ ୫ ରାତି ୬ ଦିନ ପାଇଁ ଯାତ୍ରା ସୁଯୋଗ ମିଳିବ। ସୂଚନାଯୋଗ୍ୟ ଏହି ଯୋଜନାରେ ଅଦ୍ୟାବଧି ୩୭ ହଜାର ୫୫୫ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ୪୦ଟି ପର୍ଯ୍ୟାୟରେ ମଦୁରାଇ, ରାମେଶ୍ୱରମ, ପ୍ରୟାଗରାଜ, ଅଯୋଧ୍ୟା, ବାରଣାସୀ, ହରିଦ୍ୱାର, ଋଷିକେଶ, ଆଜମେର, ପୁଷ୍କର, ତିରୁପତି ବାଲାଜୀ, ଭେଲୋର, ଶ୍ରୀକଳାହସ୍ତି, ଶିରିଡି, ନାସିକ, ତ୍ର୍ୟମ୍ବକେଶ୍ୱର, ଭେଲନକାନୀ, ନାଗାପଟିନମ, ତାଞ୍ଜାବୁର, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଆଗ୍ରା, ମଥୁରା, ବୃନ୍ଦାବନ ଆଦି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୭୯୬୭ ବରିଷ୍ଠ ନାଗରିକ ୧୦ ଟି ପର୍ଯ୍ୟାୟରେ ଶିରିଡି, ନାସିକ, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଥିଲେ। ପ୍ରତିଟି ପର୍ଯ୍ୟାୟରେ ୮୦୦ (୭୭୫ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଅଫିସର) ଯାତ୍ରା କରିଆସିଛନ୍ତି।

## ଓଡ଼ିଶା ଗସ୍ତରେ ଆସାମ ବିଧାନସଭା ପିୟୁସି



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି (ପିୟୁସି)ର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସାକ୍ଷାତ କରିଛନ୍ତି। ରାମେନ୍ଦ୍ର ନାରାୟଣ କାଲିଟାଙ୍କ ନେତୃତ୍ୱ ଆସିଥିବା ଏହି ପ୍ରତିନିଧିମଣ୍ଡଳୀ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ସହ ରାଜ୍ୟ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଓ ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପଦ୍ମଚରଣ ହାଇବୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଖିଳ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ମଙ୍ଗୁ ଖିଲଙ୍କ ସହ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଉଭୟ ରାଜ୍ୟରେ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣାଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ ୪ଟି ଆର୍ଥିକ କମିଟି, ଆକାଉଣ୍ଟ କମିଟି, ଏଷ୍ଟିମେଟ୍ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ୍ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନେଟିଜ୍ କମିଟି ସମେତ ଆଡ୍-ହକ୍ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି। ବୈଠକରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଚକା ଫାଟି ଘର ଭିତରେ ପଶିଗଲା କାର
## ଜଣେ ମୃତ, ୪ ଆହତ



**ଭଞ୍ଜନଗର,୧୬।୭(ସଂଚାର ବ୍ୟୁରୋ):** ଚକା ଫାଟିଯିବା ଫଳରେ ଏକ ଚଳନ୍ତା ଘର ଭିତରେ ପ୍ରବେଶ କରିଯିବାରୁ ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଅନ୍ତର୍ଗତ କେ. ନୂଆଁପଲ୍ଲୀ ଗାଁ ନିକଟରେ ଏପରି ଅଘଟଣ ଘଟିଛି। ୪ ଆହତଙ୍କ ମଧ୍ୟରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏହି ଘଟଣାରେ ମୃତ୍ୟବରଣ କରିଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ସ୍ଥାନୀୟ ଖାରିଆ ଗାଁର ଧୋବା ମହାନ୍ତି। ଉକ୍ତ କାର୍‌ଟି କବିସୂର୍ଯ୍ୟନଗର ନିକଟସ୍ଥ ପଥରା ଗାଁ ଅଭିମୁଖେ ଯାଉଥିବା ସମୟରେ ଅଚାନକ ତା'ର ଏକ ଚକା ଫାଟିଯାଇଥିଲା। ଫଳରେ ଗାଡ଼ିଟି ସିଧାସଳଖ ରାସ୍ତା କଡ଼ରେ ଥିବା ଏକ ଘର ଭିତରେ ପଶିଯାଇଥଇଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଆସନ୍ତା ୨୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମତାକୁ ଆସିବା ପରଠାରୁ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। କେତେକ କ୍ଷେତ୍ରରେ ଜରୁରୀକାଳୀନ ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତିବିଶେଷଙ୍କୁ ତ୍ୱରିତ ସହାୟତା ଯୋଗାଇ ଦେଇଛନ୍ତି। ଇତିମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଜନଶୁଣାଣି ଶେଷ ହୋଇସାରିଥିବା ବେଳେ ପାଖାପାଖି ୯୦ ପ୍ରତିଶତ ଅଭିଯୋଗର ଶୁଣାଣି କରାଯାଇସାରିଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପ୍ରୟାସ ଜାରି ରହିଥିବା ସୂଚନା ଦିଆଯାଇଥିଲା।

## ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ପ୍ରଥମ ବୈଠକ



**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ଆଜି ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଯାହାର ଅଧ୍ୟକ୍ଷ ଦାୟିତ୍ୱ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଦିଆଯାଇଛି।

**ସିଏମ୍‌ପି ଓ ନୂଆ ଢାଞ୍ଚାରେ ଆଲୋଚନା**

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ସେନେଇ ବୈଠକରେ ଆନ୍ତଃବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥିସହ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ-ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡିକଞ୍ଜେକ୍ସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।

## ସୌମ୍ୟାଶ୍ରୀଙ୍କ ପାଇଁ ଭଦ୍ରକ କଲେଜ ଏବିଭିପିର ଶୋଭାଯାତ୍ରା

### ଆଇସିସିକୁ ତଦନ୍ତର ପରିସରଭୁକ୍ତ କରିବାକୁ ଦାବି




**ଭଦ୍ରକ,୧୬।୭(ସଂଚାର ବ୍ୟୁରୋ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଏବିଭିପି ଶାଖା ପକ୍ଷରୁ ଏଫଏମ କଲେଜର ଛାତ୍ରୀ ତଥା ଏବିଭିପି କାର୍ଯ୍ୟକର୍ତ୍ତା ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ପରିପ୍ରେକ୍ଷୀରେ ଆଜି କଲେଜ ପରିସରରୁ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ଟାଉନ ହଲ ନିକଟରେ ଶେଷ ହୋଇଥିଲା। ସେଠାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ର ଆଗରେ ଛାତ୍ରଛାତ୍ରୀମାନେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଏପରି ଏକ ଅଭାବନୀୟ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ସହ ଯେଉଁ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡିର କର୍ମୀମାନେ ସୌମ୍ୟାଙ୍କୁ ମାନସିକ ଭାବେ ବିଭିନ୍ନ ନିର୍ଯାତନା ଦେଉଥିଲେ ଏବଂ ସୋସିଆଲ ମିଡିଆରେ ଚରିତ୍ର ସଂହାର କରୁଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏହାଛଡ଼ା ଏଫଏମ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଦାବି କରିଛନ୍ତି। ଶୋଭାଯାତ୍ରାରେ ଭଦ୍ରକ କଲେଜର ଛାତ୍ରନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ରୁଦ୍ର ପ୍ରତାପ ଆଚାର୍ଯ୍ୟ, ପ୍ରତିମା ପଣ୍ଡା, ତ୍ରିଲୋଚନ ବାରିକ, ତନୁଶ୍ରୀ ବେହେରା, ଶୁଭମ୍ ପାଢ଼ୀ, ଦେବାଶିଷ ପାଣିଗ୍ରାହୀ, ଶୁଭଶ୍ରୀ ଦେବର୍ଚ୍ଚନା, ସାହିଲ୍ ବେହେରା, ମନୋରଞ୍ଜନ ନାୟକ, ସାହିଲ ସମାନି, ମିତାଲି ଦାସ, ଦୁର୍ଗା ଶଙ୍କର ଜେନା, ମୁକେଶ ବାରିକ, ଦେବୀ ପ୍ରସାଦ ଦାଶ, ରବି ରେଡ୍ଡୀ, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ , ରଞ୍ଜୁଲତା ପୁଟିଆ, ସୁମିତ୍ରା ସେଠୀ, ସିଦ୍ଧାର୍ଥ ଶଙ୍କର ମହାନ୍ତିଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କଲେଜରେ ଶୋକସଭା, ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ନିର୍ଯାତନା ଦେଉଥିଲେ ବିରୋଧୀ ଦଳ କର୍ମୀ: ବିଧାୟକ

**ବାଲେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ମାମଲାରେ ଆଜି ବିରୋଧୀ ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ କରାଯାଇଛି। ତେବେ ଛାତ୍ରୀଙ୍କ ନ୍ୟାୟ ଦେବା ଦାବିରେ ଆନ୍ଦୋଳନ କରୁଥିବା ବିଜେଡିର ନେତାମାନଙ୍କୁ ଶାସକ ଦଳର ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ କଡ଼ା ସମାଲୋଚନା



କରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଘଟଣାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଏଜୁକେଶନ୍ ବିଭାଗ ମୁଖ୍ୟ (ଏଚଓଡି) ତଥା ଅଭିଯୁକ୍ତ ଅଧ୍ୟାପକ ସମୀର କୁମାର ସାହୁଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିରୋଧୀ ଦଳର କର୍ମୀ ହିଁ ମୃତ୍ୟୁବରଣ କରିଥିବା ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ବରଂ ପୂର୍ବ ସରକାର ଘଟଣା ପ୍ରତି ସମ୍ବେଦନଶୀଳ ହେଉନଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ହେଉନଥିଲା। ଏବେ ନୂଆ ସରକାରରେ ଅଭିଯୁକ୍ତଙ୍କ ବିରୋଧରେ ଠୋସ୍ ପଦକ୍ଷେପ ନିଆଯାଉଛି। ପୀଡ଼ିତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି ଭେଟି ସମବେଦନା ବି ଜଣାଇଛନ୍ତି। ସରକାର ତ୍ୱରିତ ନ୍ୟାୟ ଦିଗରେ ମଧ୍ୟ ବ୍ୟବସ୍ଥା କରିଛନ୍ତି।

## 'ମୋ ପୁଅକୁ ସମସ୍ତେ ଭୁଲିଗଲେ'

**କଟକ,୧୬।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ସମୟରେ ତାଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଭାବେ ଆହତ ହୋଇଥିଲେ କଲେଜର ଯୁକ୍ତ ୩ ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ। କଟକ ବଡ଼ ମେଡିକାଲ୍‌ରେ ବର୍ଣ୍ଣ ୟୁନିଟରେ ଏବେ ତାଙ୍କର ଚିକିତ୍ସା ଚାଲିଛି। ତେବେ କଲେଜରେ ଶହ ଶହ ଛାତ୍ରଛାତ୍ରୀ ଥିଲେ ମଧ୍ୟ ଜ୍ୟୋତି ଅପୂର୍ବ ସାହସ ଦେଖାଇ ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ନିଜ ଜୀବନକୁ ବାଜି ଲଗାଇଥିଲେ ମଧ୍ୟ ଜ୍ୟୋତିପ୍ରକାଶଙ୍କୁ ସମସ୍ତେ ଭୁଲିଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ପ୍ରକାଶ ବିଶ୍ୱାଳ। ଗୁରୁତର ଅବସ୍ଥାରେ



ଚିକିତ୍ସାଧୀନ ଥିଲେ ମଧ୍ୟ ଜ୍ୟୋତି ପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି କାହାର ଦୃଷ୍ଟି ପଡ଼ିନାହିଁ। ନା ସରକାର ତାଙ୍କ ସମ୍ପର୍କରେ କୌଣସି ପ୍ରକାର ପ୍ରତିକ୍ରିୟା ଦେଇଛନ୍ତି ନା ସ୍ଥାନୀୟ ପ୍ରଶାସନ କି କଲେଜ କର୍ତ୍ତୃପକ୍ଷ କେହି ବି ତାଙ୍କ ସହ ଯୋଗାଯୋଗ କରିନାନାହାନ୍ତି ବୋଲି ପ୍ରକାଶ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ତେଣୁ ତାଙ୍କ ପୁଅର ଚିକିତ୍ସା ଦିଗରେ ସହାୟତା କରିବା ସକାଶେ ପ୍ରକାଶ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଆଜି କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ଭେଟିଥିବା ଜଣାପଡ଼ିଛି। ଜାତୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ଅଳକା ଲାମ୍ବା ଓ କଟକ-ବାରବାଟୀ ବିଧାୟିକା

**ଏସ୍‌ସିବିରେ ଭେଟିଲେ ଲାମ୍ବା ଓ ଫିର୍‌ଦୋସ**

ସୋଫିଆ ଫିର୍‌ଦୋସ ମଧ୍ୟ ଉପସ୍ଥିତ ଥିଲେ। ସେମାନେ ଜ୍ୟୋତିପ୍ରକାଶଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଏନେଇ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଓ ପରିବାର ଲୋକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

## ଥାନା ଆଗରେ ଆତ୍ମାହୁତି ଧମକ ଦେଲେ ମହିଳା



**କଟକ,୧୬।୭(ସଂଚାର ବ୍ୟୁରୋ):** ପୁଣି ଜଣେ ମହିଳାଙ୍କ ଆତ୍ମାହୁତି ଧମକ। ଖୁଣ୍ଟୁଣୀ ଥାନା ଆଗରେ ପେଟ୍ରୋଲ ଢାଳି ଆତ୍ମାହୁତି ଧମକ ଦେଇଛନ୍ତି ଦ୍ୱାରବତପୁର ଗାଁର ମମତା ବେହେରା। ସ୍ୱାମୀଙ୍କ ହତ୍ୟାକାରୀକୁ ଧରିବାରେ ପୋଲିସର ନିଷ୍କ୍ରିୟତା ଅଭିଯୋଗରେ ଧମକ ଦେଲେ ସ୍ତ୍ରୀ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅଭିଯୋଗ ଅନୁସାରେ, ଗତ ସପ୍ତାହରେ ମମତାଙ୍କ ସ୍ୱାମୀ କାହ୍ନୁ ରାଉତକୁ ହତ୍ୟା କରିଥିଲେ ଦୁର୍ବୃତ୍ତ। ହେଲେ ଏଯାଏଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନି। ଅଭିଯୁକ୍ତଙ୍କୁ ଧରିବା ବଦଳରେ ଟଙ୍କା ନେଇ ମାମଲା ରଫାଦଫା କରିବାକୁ ପୁଲିସ୍ ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଏସପି ଓ ଜିଲ୍ଲାପାଳଙ୍କୁ ଗୁହାରୀ କରିବା ପରେ ବି ନ୍ୟାୟ ମିଳିନାହିଁ। ଏଣୁ ଆଗକୁ ନ୍ୟାୟ ନ ମିଳିଲେ ପେଟ୍ରୋଲ୍ ଢାଳି ଆତ୍ମାହୁତି ଦେବାକୁ ମହିଳା ଜଣଙ୍କ ଧମକ ଦେଇଛନ୍ତି। ତେବେ ଏନେଇ ପୁଲିସ ପକ୍ଷରୁ ଚୌଦ୍ୱାର ଏସ୍‌ଡିପିଓ କହିଛନ୍ତି ଯେ ମାମଲାରେ ଅଦ୍ୟାବଧି ୨ ଜଣଙ୍କୁ ଗିରଫ କରାଯାଇଛି।

## ବିଦ୍ୟୁତ ଆଘାତରେ ମାମୁ-ଭଣଜା ମୃତ



**ଭଦ୍ରକ,୧୬।୭ (ସଂଚାର ବ୍ୟୁରୋ) :** ପରିବାର ଓ ବନ୍ଧୁ ପରିଜନଙ୍କର ଆଖିରୁ ଲୁହ ଶୁଖୁନି । ପୁଅର ମୃତ୍ୟୁରେ ମାଆର କୋଳ ଶୂନ୍ୟ ହୋଇ ଯାଇଛି। କେମିତି ସମ୍ଭାଳି ହୋଇ ରହିବ ଏ ପରିବାର? ହସ୍ପିଟାଲ୍ ବେଡରେ ପଡିଛି ଦୁଇ ଦୁଇଟି ମୃତଦେହ । ଗୋଟିଏ ପଟେ ମାମୁଁ ଆଉ ଅନ୍ୟପଟେ ଭଣଜା । ଅଧୈର୍ଯ୍ୟ ସମସ୍ତେ। କାନ୍ଦ ବୋବାଳିରେ ଫାଟିପଡୁଛି ସମଗ୍ର ହସ୍ପିଟାଲ୍ ପରିସର। କୋହ ସମ୍ଭାଳି ହେଉନି କି ଆଖିର ଲୁହ ବୋଲମାନୁନି । ଏ କି ଯନ୍ତ୍ରଣା ଦେଲ ଭଗବାନ? ଏକା ସାଙ୍ଗରେ ଗୋଟିଏ ପରିବାରର ଦୁଇ ଜଣଙ୍କ ଜୀବନ ଚାଲିଯାଇଛି । ମାମୁଁ ଭଣଜାଙ୍କ ଏଭଳି ଶୋଚନୀୟ ମୃତ୍ୟୁରେ ସମସ୍ତଙ୍କ ଭିତରେ ଖେଳି ଯାଇଛି ଶୋକର ଛାୟା । ବିଦ୍ୟୁତ ଆଘାତରେ ଚାଲି ଯାଇଛି ମାମୁଁ ଭଣଜାର ଜୀବନ । ଏମିତି ଦୁଃଖଦ ଘଟଣା ଘଟିଛି ଭଦ୍ରକ ବ୍ଲକ ଦେଁସିଂ ପଞ୍ଚାୟତ ଆଦିବାସୀ ସାହିରେ। ଏହି ସାହିରେ ରାଜ ମୁଣ୍ଡାଙ୍କ ଘର ପାଖକୁ କିଛି ମାଙ୍କଡ଼ ଆସିଥିଲେ । ରାଜଙ୍କ ନାତି ନବ ମାଙ୍କଡ଼କୁ ଦେଖି ତାଙ୍କ ପଛରେ ଗୋଡ଼େଇ ଥିଲା । ଏହି ସମୟରେ ଘର ଉପରେ ଯାଇଥିବା ବିଦ୍ୟୁତ ତାର ଅଚାନକ ତଳକୁ ଖସି ପଡିଥିଲା । ଏହି ବିଦ୍ୟୁତ ତାର ତଳେ ପଡ଼ିଥିବା ବେଳେ ନବ ଦେଖି ନ ପାରି ତାରକୁ ଧରି ନେଇଥିଲା । ଯାହା ଫଳରେ ବିଦ୍ୟୁତ ଆଘାତ ଲାଗି ଅଟକି ଯାଇଥିଲା । ଏପଟେ ଭଣଜାକୁ କରେଣ୍ଟ ଲାଗିଥିବାର ଦେଖି ମାମୁଁ ନିଧି ମୁଣ୍ଡା ସାଙ୍ଗେ ସାଙ୍ଗେ ସେଠାରେ ପହଞ୍ଚି ଭଣଜାକୁ ଧରି ନେଇଥିଲେ । ଯାହା ଫଳରେ ଉଭୟ ମାମୁଁ ଭଣଜା ବିଦ୍ୟୁତ ଆଘାତର ଶିକାର ହୋଇଥିଲେ । ଗାଁ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଉଭୟ ମାମୁଁ ଓ ଭଣଜାଙ୍କ ମୃତ ଘୋଷଣା କରିଥିଲେ ।

# ଆଇସିସି ନଥିଲେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଜୋରିମାନା

**ଭୁବନେଶ୍ୱର,୧୬।୭:** ବାଲେଶ୍ୱର ଫକୀର ମୋହନ କଲେଜ୍‌ର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ପରେ ପ୍ରଶାସନର ନିଦ ଭାଙ୍ଗିଛି। ଆଇନ୍‌ଗତ ବ୍ୟବସ୍ଥା ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ମାର୍ଗଦର୍ଶିକା ମୁତାବକ ପ୍ରତ୍ୟେକ ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଢ଼ାଯିବା ବାଧ୍ୟତାମୂଳକ।

ଯେଉଁ ସଂସ୍ଥାରେ ଅନ୍ୟୂନ ୧୦ ଜଣ କର୍ମଚାରୀ ରହିଥିବେ, ସେଠାରେ ମହିଳାମାନଙ୍କ ନିରାପତ୍ତା ଦୃଷ୍ଟିରୁ ଆଇସିସି ରହିବା କଥା । ଯଦି କୌଣସି ସଂସ୍ଥା ଏଭଳି କମିଟି ଗଢ଼ି ନଥାନ୍ତି ତେବେ ତାଙ୍କ ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍‌ଥିକ ଦଣ୍ଡ ଲଗାଯାଇପାରିବ । ଏକାଧିକ ବାର ଏ କ୍ଷେତ୍ରରେ ଉଲ୍ଲଂଘନ କରାଗଲେ ଜରିମାନା ରାଶିର ପରିମାଣ ଦୁଇଗୁଣ କିମ୍ବା ତଦୁର୍ଦ୍ଧ୍ୱ ହୋଇପାରେ ଏବଂ ସଂସ୍ଥାର ପଞ୍ଜିକରଣ ମଧ୍ୟ ବାତିଲ କରାଯାଇପାରେ ବୋଲି ଆଇନ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି। ବର୍ଷବର୍ଷ ଧରି ରାଜ୍ୟର ବହୁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଓ ବେସରକାରୀ ଦପ୍ତରରେ ଆଇସିସି ନାହିଁ।

ଫକୀରମୋହନ କଲେଜ୍‌ରେ ଛାତ୍ରୀ ଜଣଙ୍କ ଅଭିଯୋଗ ଦରଜ କରିବା ପରେ କମିଟି ଗଠନ କରାଯାଇଥିଲା। ଏହି କମିଟିରେ କେଉଁମାନେ ସଦସ୍ୟ ରହିବା କଥା ତାହା ମଧ୍ୟ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ରୋକିବା ପାଇଁ ୨୦୧୩ ମସିହାରେ ପ୍ରଣୀତ କେନ୍ଦ୍ରୀୟ ଆଇନ୍, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗ ନିର୍ଦ୍ଦେଶିକା ଏବଂ ୧୯୯୭ର ବିଶାଖା ମାମଲା ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ।



ବାଲେଶ୍ୱର ଅଘଟଣ ପରେ ଏବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ୍‌କୁ ଆଇସିସି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହା ପୂର୍ବରୁ ବର୍ଷବର୍ଷ ଧରି ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଇସିସି ନଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଓ ଶିକ୍ଷାନୁଷ୍ଠାନର ମୁଖିଆମାନେ କ'ଣ କରୁଥିଲେ ବୋଲି ପ୍ରଶ୍ନବାଚୀ ଉଠିବା ସହ ସେମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ପ୍ରଶ୍ନ ଉଠୁଛି।

ଏଠାରେ ଉଲ୍ଲେଖନୀୟ ଯେ ବାଲ୍ୟ ବିବାହ ପ୍ରଥାର ଉଚ୍ଛେଦ ପାଇଁ କାର୍ଯ୍ୟ କରୁଥିବା ରାଜସ୍ଥାନ ସରକାରଙ୍କ ଜଣେ କର୍ମଚାରୀ ଭର୍ୱରୀ ଦେବୀଙ୍କୁ ବାଲ୍ୟ ବିବାହର ସପକ୍ଷବାଦୀମାନେ ଯୌନ ନିର୍ଯାତନା ଦେଇଥିଲେ । ଏହି ନିର୍ଯାତିତା ମହିଳାଙ୍କୁ ରାଜସ୍ଥାନରେ ୯୦ ଦଶକରେ ନ୍ୟାୟ ନମିଳିବାରୁ 'ବିଶାଖା' ନାମକ ଏକ ଅନୁଷ୍ଠାନ ଏ ପ୍ରସଂଗ ସୁପ୍ରିମକୋର୍ଟଙ୍କ ନଜରକୁ ଆଣିଥିଲେ। ୧୯୯୭ରେ ବିଶାଖା ମାମଲାରେ ସୁପ୍ରିମକୋର୍ଟ ଏକ ଯୁଗାନ୍ତକାରୀ ରାୟ ଦେଇ ମହିଳାମାନଙ୍କୁ ଯୌନ ନିର୍ଯାତନାରୁ ରୋକିବା ପାଇଁ ଯେଉଁ ମାର୍ଗ ନିର୍ଦ୍ଦେଶିକା ଜାରି କରିଥିଲେ ତାହା ବିଶାଖା ଗାଇଡ୍‌ଲାଇନ୍ ଭାବେ ଜଣାଶୁଣା। ଏଥିରେ ଆଇସିସି ଗଠନ କଥା ରହିଥିଲା।

ପରବର୍ତ୍ତୀ ସମୟରେ ୨୦୧୨ରେ ଦିଲ୍ଲୀରେ ନିର୍ଭୟା ଗଣବଳାତ୍କାର ଘଟଣାରେ ବସାଯାଇଥିବା ଜଷ୍ଟିସ ଜେ.ଏସ୍. ବର୍ମା କମିଟି ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ ସହ ବିଶାଖା ପ୍ରସଂଗ ଉଠାଇବା ପରେ ସରକାର ୨୦୧୩ରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ସହିତ ଆଉ କେତେକ ଅପରାଧିକ ଆଇନ୍‌ରେ ମଧ୍ୟ ସଂଶୋଧନ ଆଣିଥିଲେ।

ଏବେ ପ୍ରଶ୍ନ ଉଠୁଛି ସୁପ୍ରିମକୋର୍ଟଙ୍କ ରାୟ, ଦେଶର ଆଇନ୍ ବ୍ୟବସ୍ଥା, ନିର୍ଭୟା ଗାଇଡ୍‌ଲାଇନ୍ ଓ ୟୁଜିସିର ନିର୍ଦ୍ଦେଶନାମାକୁ ରାଜ୍ୟର ସଂଖ୍ୟାଧିକ ଶିକ୍ଷାନୁଷ୍ଠାନ ଉଲ୍ଲଂଘନ କରିବା ପାଇଁ କିଭଳି ସାହସ କରୁଛନ୍ତି ? ଗତ ଯୁକ୍ତଦୁଇ ପରୀକ୍ଷା ସମୟରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଆତ୍ମହତ୍ୟା କରିଥିଲେ। ଏବେ ସମାନ ଅଭିଯୋଗରେ ସୌମ୍ୟାଶ୍ରୀ ଆତ୍ମହତ୍ୟା କରିଛନ୍ତି। ଏହାଛଡ଼ା ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବର୍ଷବର୍ଷ ଧରି ବଢ଼ି ଚାଲୁଛି। ଏମିତିକି ବିଦ୍ୟାଳୟରେ ପଢୁଥିବା କେତେକ ନାବାଳିକା ଝିଅ ଅନ୍ତସତ୍ତ୍ୱା ହେବା ଓ ସନ୍ତାନ ପ୍ରସବ କରିବା ଭଳି ଦୁଃସମ୍ବାଦ ମଧ୍ୟ ବାରମ୍ବାର ପ୍ରକାଶ ପାଉଛି। ଅଥଚ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଆଇସିସି ନଥିବା ଏବଂ ରାଜ୍ୟରେ ମହିଳା କମିଶନ ଅଚଳ ହୋଇ ପଡିଥିବା ପରିପ୍ରେକ୍ଷୀରେ ସମସ୍ୟା ବଢୁଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଗୋଲ୍ଡମ୍ୟାନ ସ୍ୟାଚ୍ ଆକଳନ

# ୧୦ ବର୍ଷରେ ଭାରତର ଜିଡିପି ହେବ ୧୦ ଲକ୍ଷ କୋଟି ଡଲାର



**ନୂଆଦିଲ୍ଲୀ,୧୬।୭:** ବିଶ୍ୱର ବଜାରର ଅନିଶ୍ଚିତତା ସ୍ଥିତିରେ ଭାରତ ଅଭିବୃଦ୍ଧି ଜାରି ରଖିବ । ଆର୍ଥିକ ସଂସ୍କାର ସହ ଅନ୍ୟ ସୁଚିନ୍ତିତ ପଦକ୍ଷେପ ଯୋଗୁ ଦେଶ ଆଗାମୀ ୧ ଦଶନ୍ଧିରେ ୧୦ ଲକ୍ଷ କୋଟି ଡଲାର ଅର୍ଥ ବ୍ୟବସ୍ଥା ପାଲଟିବ ବୋଲି ଗୋଲ୍ଡ ମ୍ୟାନ ସ୍ୟାଚ୍ ପକ୍ଷରୁ ଅନୁମାନ କରାଯାଇଛି । ଗୋଲ୍ଡମ୍ୟାନ ସ୍ୟାଚ୍‌ର ଭାରତ ସହ ଅଧକ୍ଷ ଗୁଞ୍ଜନ ସମ୍‌ଦାନି କହିଛନ୍ତି,ଭାରତ ୧୦ ଲକ୍ଷ କୋଟି ଡଲାରର ଅର୍ଥବ୍ୟବସ୍ଥା ପାଲଟିଲେ ବୈଶିକ କ୍ଷମତା କେନ୍ଦ୍ର ଗୁଡ଼ିକ ଅର୍ଥନୀତିରେ ୦.୫ ଲକ୍ଷ କୋଟି ଡଲାର ଯୋଗଦାନ ଦେବେ । ଦେଶ ମଧରେ ଗ୍ଲୋବାଲ କାପାବିଲିଟି ସେଣ୍ଟର ଗୁଡ଼ିକ ୨-୨.୫ କୋଟି ରୋଜଗାର ସୃଷ୍ଟି କରିବାର ସମ୍ଭାବନା ରହିଛି। ୨୦୩୫ ସୁଦ୍ଧା ଦେଶ ପ୍ରମୁଖ ଅଭିବୃଦ୍ଧି ଶୀଳ ଅର୍ଥନୀତି ମଧରେ ବିଶ୍ୱ ଜିଡିପିକୁ ୬୫% ଯୋଗଦାନ ଦେବ । ବିଶ୍ୱ ଜିଡିପିକୁ ଅଂଶ ବଢ଼ାଇବା ଲାଗି ଭାରତ ନିକଟରେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି । ସମ୍‌ଦାନି ପୁଣି କହିଛନ୍ତି, ଏବେ କୃତ୍ରିମ ବୁଦ୍ଧିମତା (ଏଆଇ) ବିଶ୍ୱ ସ୍ତରରେ ଏକ ଆକର୍ଷକ ପରିବର୍ତ୍ତନକାରୀ ଭାବେ ଉଭା ହୋଇଛି । ଏହା ସହ ଅଟୋମେଶନ ଏବଂ ନବସୃଜନ କ୍ଷେତ୍ରକୁ ମଧ ଗ୍ଲୋବାଲ କାପାବିଲିଟି ସେଣ୍ଟର ଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି । ଟେକ୍ନୋଲୋଜିରେ କମ୍ପାନିଗୁଡ଼ିକ ବଡ଼ ପରିମାଣର ଖର୍ଚ୍ଚ କରୁଛନ୍ତି। ୨୦୨୫ ଶେଷ ବେଳକୁ ଏହି ଖର୍ଚ୍ଚ ୪.୯୨ ଲକ୍ଷ କୋଟି ଡଲାର ଛୁଇଁବାର ଢ଼େର ସମ୍ଭାବନା ରହିଛି। ଭାରତ ନିକଟରେ ରହିଥିବା ଯୁବଶ୍ରମ ଶକ୍ତି, ଏସ୍‌ଟିଇଏମ୍ ଗ୍ରାଜୁଏଟ ଏବଂ ଏଆଇ ଟେକ୍ନୋଲୋଜି ଭାରତ ଲାଗି ଅଭିବୃଦ୍ଧିରେ ଏକ ପ୍ରମୁଖ ଯୋଗଦାନକାରୀ ପାଲଟିବେ ।




# ଉତ୍ପାଦନ ଅଧିକ ଓ ଶସ୍ତାରେ ଆମଦାନୀ ଯୋଗୁ କମିଲା ଚା' ଦର

**ନୂଆଦିଲ୍ଲୀ,୧୬।୭:** ଉତ୍ପାଦନ ଭଲ ହେବାରୁ କମିଲା ଚା' ମୂଲ୍ୟ। ଗତ ମାସରେ ଉତ୍ତର ଭାରତ ନିଲାମ କେନ୍ଦ୍ରଗୁଡ଼ିକରେ ଚା'ର ମୂଲ୍ୟ ବାର୍ଷିକ ତୁଳନାରେ ୧୦-୧୫ ପ୍ରତିଶତ ହ୍ରାସ ପାଇଛି। ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଅଧିକ ଉତ୍ପାଦନ ବ୍ୟତୀତ, କେନିଆରୁ ଆମଦାନୀ ହେଉଥିବା ଶସ୍ତା ଚା'ର ନିଲାମରେ କ୍ଷତି ପହଞ୍ଚାଇଛି। ଚଳିତ ବର୍ଷ ଗୌହାଟୀ, ସିଲିଗୁଡ଼ି ଏବଂ କୋଲକାତା ନିଲାମ କେନ୍ଦ୍ରରେ ବିକ୍ରୟ ସଂଖ୍ୟା ୨୪ ରୁ ୨୮ (ଜୁନ୍ ଦ୍ୱିତୀୟ ସପ୍ତାହରୁ ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ) ରେ ବିକ୍ରୟ ହୋଇଥିବା ଚା' ପରିମାଣ ଗତ ବର୍ଷ ସମାନ ବିକ୍ରୟ ସଂଖ୍ୟାରେ ୩୯.୪୨ ମିଲିଅନ କିଲୋଗ୍ରାମରୁ ୫୧.୭୯ ମିଲିଅନ କିଲୋଗ୍ରାମ (ମିଲିୟନ କିଲୋଗ୍ରାମ)କୁ ବୃଦ୍ଧି ପାଇଛି। ଭାରତର ଚା' ବୋର୍ଡ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରୀ-ମେ ଅବଧିରେ ଉତ୍ତର ଭାରତରେ ଚା' ଉତ୍ପାଦନ ୨୪୦.୨୯ ମିଲିଅନ କିଲୋଗ୍ରାମକୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ୨୦୨୪ ର ପ୍ରଥମ ପାଞ୍ଚ ମାସରେ ପ୍ରାୟ ଚା' ଉତ୍ପାଦନ ୧୯୨.୧୮ ମିଲିଅନ କିଲୋଗ୍ରାମ ରହିଥିଲା। ବିଜନେସଲାଇନକୁ ପ୍ରତିକ୍ରିୟା ଦେଇ ଇଣ୍ଡିଆନ୍ ଟି ଆସୋସିଏସନ୍ (ଆଇଟିଏ) ଅଧକ୍ଷ ହେମନ୍ତ ବାଙ୍ଗୁର କହିଛନ୍ତି ଯେ ଘରୋଇ ଯୋଗାଣ ବୃଦ୍ଧି ଏବଂ କେନିଆରୁ ଆମଦାନୀ ବୃଦ୍ଧି ଯୋଗୁ ଚା' ନିଲାମ ମୂଲ୍ୟ ହ୍ରାସ ପାଇଛି। ଶ୍ରୀ ବାଙ୍ଗୁର କହିଛନ୍ତି "କେନିଆରୁ ପ୍ରଚୁର ପରିମାଣର ଚା' ଆମଦାନି କରାଯାଉଛି ଏବଂ ଏହା ମଧ କ୍ଷତି ପହଞ୍ଚାଉଛି। ଏହି ବର୍ଷ ଶସ୍ତା କେନିଆନ୍ ଚା' ଆମଦାନି ଯଥେଷ୍ଟ ବୃଦ୍ଧି ପାଇଛି। ଏହା ଘରୋଇ ବଜାରରେ ମୂଲ୍ୟ ହ୍ରାସ କରୁଛି। ତେବେ ଅସ୍ଥିର ମୂଲ୍ୟ ବୃଦ୍ଧି।" ତେବେ କେନିଆରୁ ଚା' ଆମଦାନୀ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ଆଇଟିଏ ଚା' ବୋର୍ଡକୁ ନିବେଦନ କରିଛି ବୋଲି ଶ୍ରୀ ବାଙ୍ଗୁର ସୂଚନା ଦେଇଛନ୍ତି।



## ମୁମ୍ବାଇରେ ଟେସ୍‌ଲା ସୋ'ରୁମ୍

ନୂଆଦିଲ୍ଲୀ,୧୬।୭: ବହୁ ପ୍ରତୀକ୍ଷା ପରେ ଏଲନ୍ ମସ୍କଙ୍କ ଇଲେକ୍ଟ୍ରିକ୍ ଯାନ (ଇଭି) କମ୍ପାନି ଟେସ୍‌ଲା ଭାରତରେ ପ୍ରବେଶ କରିଛି। ଏହା ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ପ୍ରଥମ ସୋ'ରୁମ୍ ଖୋଲିଛି। ତାହାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ ଉଦ୍‌ଘାଟନ କରିଛନ୍ତି। ଭବିଷ୍ୟତରେ ଭାରତରେ ଗବେଷଣା ଓ ବିକାଶ ଏବଂ ନିର୍ମାଣ ବିଷୟରେ ଟେସ୍‌ଲା ବିଚାର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଭାରତରେ ଇଭି ବଜାର ଆଗକୁ ବଢ଼ିବା ଆରମ୍ଭ ହେଉଛି।

ଦେଶର ବିକ୍ରି ହେଉଥିବା ମାତ୍ର ୨ ପ୍ରତିଶତ କାର୍ ହେଉଛି ଇଭି। ତେଣୁ ଏଠାରେ ବଜାର ବଢ଼ାଇବାର ବ୍ୟାପକ ସୁଯୋଗ ରହିଛି। ଅନ୍ୟପଟେ ମସ୍କ ରାଜନୀତିରେ ମାତିବା ପରେ ଚଳିତ ବର୍ଷ ଏପ୍ରିଲ-ଜୁନ୍ ମଧରେ ଟେସ୍‌ଲାର ବିକ୍ରି ଗୁରୁତର ପ୍ରଭାବିତ ହୋଇଛି।



ତେଣୁ ଭାରତୀୟ ବଜାର ଏହା ପାଇଁ ଜରୁରୀ ହୋଇପଡ଼ିଛି। ମଡେଲ୍ ୱାଇ ସହ ଟେସ୍‌ଲା ଭାରତରେ ଏହାର ଯାତ୍ରା ଆରମ୍ଭ କରିଛି ଯାହାର ମୂଲ୍ୟ ହେଉଛି ୬୦ ଲକ୍ଷ ଟଙ୍କାରୁ ଅଧିକ। ୪୦୦୦ ବର୍ଗଫୁଟରେ ଖୋଲାଯାଇଥିବା ଟେସ୍‌ଲା ସୋ'ରୁମ୍‌ରେ ୨ଟି ୱାଇ ମଡେଲ୍ ପ୍ରଦର୍ଶିତ କରାଯାଇଛି। କମ୍ପାନି ଭାରତରେ ବିଏମ୍‌ଡବ୍ଲ୍ୟୁ ଓ ମର୍ସିଡିସ୍ ଭଳି ବ୍ରାଣ୍ଡ୍ ସହ ପ୍ରତିଦ୍ୱନ୍ଦ୍ୱିତା କରିବ। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ଟାଟା ମୋଟର୍ସ ସହ ଏହାର ସିଧାସଳଖ ଲଢ଼େଇ ହେବ ନାହିଁ।

## କିଆ ଭାରତରେ ଲଞ୍ଚ କଲା କ୍ୟାରେନ୍ସ କ୍ଲାଭିସ ଇଭି

**ନୂଆଦିଲ୍ଲୀ,୧୬।୭:** କିଆ ଭାରତରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ ଏମ୍ପିଭି କ୍ୟାରେନ୍ସ କ୍ଲାଭିସ ଇଭି ଲଞ୍ଚ କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୭.୯୯ ଲକ୍ଷ ଟଙ୍କା ରଖାଯାଇଛି, ଯେତେବେଳେ ଟପ୍ ଭାରିଆଣ୍ଟର ମୂଲ୍ୟ ୨୪.୪୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହା ସଦ୍ୟ ଲଞ୍ଚ ହୋଇଥିବା ଆଇସିଇ (ଇଞ୍ଜିନ୍ ଆଧାରିତ) କ୍ୟାରେନ୍ସ କ୍ଲାଭିସର ବୈଦ୍ୟୁତିକ ସଂସ୍କରଣ। କ୍ୟାରେନ୍ସ କ୍ଲାଭିସ ଇଭି ଦୁଇଟି ବ୍ୟାଟେରୀ ବିକଳ୍ପ (୪୨ କିଲୋୱାଟ ଏବଂ ୫୧.୪ କିଲୋୱାଟ) ସହିତ ଆସିଥାଏ। ବଡ଼ ବ୍ୟାଟେରୀ ପ୍ୟାକ୍ ସହିତ ଏହାର ରେଞ୍ଜ ପ୍ରାୟ ୪୯୦ କିଲୋମିଟର, ଯେତେବେଳେ ଛୋଟ ବ୍ୟାଟେରୀ ଭାରିଆଣ୍ଟର ରେଞ୍ଜ ପ୍ରାୟ ୪୦୪ କିଲୋମିଟର ବୋଲି କୁହାଯାଉଛି। ଏହି କାର ୧୭୧ ଏଚପି ପାୱାର ଜେନେରେଟ୍ କରେ ଏବଂ ଏଥିରେ ଚାରି-ସ୍ତରୀୟ ରିଜେନେରେଟିଭ୍ ବ୍ରେକିଂ ସିଷ୍ଟମ୍ ଅଛି। ଏହା ସହିତ, କିଆ ୮ ବର୍ଷର ୱାରେଣ୍ଟି ଏବଂ ଦୁଇଟି ଏସି ଚାର୍ଜର ବିକଳ୍ପ ମଧ୍ୟ ପ୍ରଦାନ କରେ। କ୍ୟାରେନ୍ସ କ୍ଲାଭିସ ଇଭିକୁ ଚିରାଚରିତ କ୍ୟାରେନ୍ସ ମଡେଲଠାରୁ ଭିନ୍ନ ଦେଖାଯିବା ପାଇଁ ଟିକିଏ ଭିନ୍ନ ଡିଜାଇନ୍ କରାଯାଇଛି ।



# ବୟନ ଶିଳ୍ପରେ ୨୫୦୦ କୋଟି ନିବେଶ

**ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ):** ପାରମ୍ପରିକ ଭାବେ ଖଣିଜ ଓ ଧାତବ ଶିଳ୍ପ ଲାଗି ପରିଚିତ ଓଡ଼ିଶା ଏବେ ଶିଳ୍ପାୟନରେ ବିବିଧତା ଆଣିବା ଉପରେ ଧ୍ୟାନ ଦେଉଛି। ତାହାର ଏକ ଅଂଶ ସ୍ୱରୂପ ରାଜ୍ୟକୁ ୨୦୩୦ ସୁଦ୍ଧା ପୂର୍ବ ଭାରତର ବୟନ ରାଜଧାନୀରେ ପରିଣତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୟନ କ୍ଷେତ୍ରରେ ନିବେଶ କରିବା ଲାଗି ନିବେଶକମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହି କ୍ଷେତ୍ରରେ ଆସନ୍ତା ୫ ବର୍ଷରେ ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବୟନ କ୍ଷେତ୍ରକୁ ୨୫୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏମ୍‌ଏଏସ୍ ହୋଲ୍ଡିଂସ୍, ଶାହି, ପେଜ୍ ଇଣ୍ଡଷ୍ଟ୍ରିଜ୍, ଏବିଏଫ୍‌ଆର୍‌ଏଲ୍, ଏପିକ୍ ଓ ତ୍ରିମେଟ୍ରୋ ଭଳି ସଂସ୍ଥା ନିଜର କାରଖାନା ସ୍ଥାପନ କରିବାକୁ ଆଗେଇ ଆସିଛନ୍ତି। ପ୍ରତିଷ୍ଠିତ କମ୍ପାନି ସ୍ପୋର୍ଟକିଙ୍ଗ ମଧ୍ୟ ନିଜର ୟୁନିଟ୍ ବସାଇବାକୁ ଘୋଷଣା କରିଛି। ପୂର୍ବ ଭାରତର ବୟନ ରାଜଧାନୀ ହେବ ଓଡ଼ିଶା: ହେମନ୍ତ ଶର୍ମା ଏ ସମ୍ପର୍କରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଭାରତର ବୟନ କାହାଣୀକୁ ଓଡ଼ିଶା ପୁନଃ ଉପସ୍ଥାପିତ କରୁଛି। ଫାଇବର୍‌ଠାରୁ ଫ୍ୟାସନ୍ ପର୍ଯ୍ୟନ୍ତ ଏକ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ବ୍ୟବସ୍ଥା ଗଠନ କରାଯାଉଛି। ସେଥିରେ ପ୍ରଯୁକ୍ତି, ପରମ୍ପରା ଓ ବିଶ୍ୱାସର ମିଶ୍ରଣ ରହିଛି। ୨୦୩୦ ସୁଦ୍ଧା ଓଡ଼ିଶାକୁ ପୂର୍ବ ଭାରତର ବୟନ ରାଜଧାନୀରେ ପରିଣତ କରିବାକୁ ଆମର ସ୍ପଷ୍ଟ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ବୟନ ଶିଳ୍ପର ବିକାଶ ଲାଗି ରାଜ୍ୟ ସରକାର କାଳିବେଟିରେ ୨୭୮ ଏକର ଓ ଆରଙ୍ଗରେ ୧୭୯ ଏକରର ଉତ୍ସର୍ଗୀକୃତ ଜୋନ୍ ବିକାଶ କରିଛନ୍ତି। ସେଠାରେ ଏକ ୪୦୦୦ ଶଯ୍ୟା ବିଶିଷ୍ଟ ଶ୍ରମିକ ହଷ୍ଟେଲ୍ ନିର୍ମାଣ କରାଯାଉଛି। ଗଞ୍ଜାମରେ ପିଏମ୍ ମିତ୍ର ଟେକ୍ସଟାଇଲ୍ ପାର୍କକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ବୟନ କାରଖାନାରେ ୪୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେଥିରୁ ୭୦ ପ୍ରତିଶତ ନିଯୁକ୍ତି ମହିଳାମାନଙ୍କୁ ମିଳିଛି। ଅଧିକରୁ ଅଧିକ ଲୋକଙ୍କୁ ବୟନ ଶିଳ୍ପରେ ଚାକିରି ଦେବା ପାଇଁ ରାଜ୍ୟ ସରକାର 'ଓଡ଼ିଶା ଟେକ୍ସଟାଇଲ୍ ସ୍କିଲ୍ ମିସନ' ଆରମ୍ଭ କରିଛନ୍ତି। ସେଥିରେ ଦେଢ଼ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଚୌଦ୍ୱାରରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ସଟାଇଲ୍ ଟେକ୍ନୋଲୋଜିର ଉନ୍ନତୀକରଣ କରାଯାଉଛି। ବଡ଼ ବଡ଼ ଶିଳ୍ପ ସଂସ୍ଥା ସହିତ ଏହି କ୍ଷେତ୍ରରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ), ହସ୍ତତନ୍ତ ସମବାୟ ସମିତି ଓ ମହିଳାଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକ ଯେଭଳି ସଫଳ ହେବେ, ତାହା ଉପରେ ମଧ୍ୟ ସରକାର ଧ୍ୟାନ ଦେଉଛନ୍ତି। ବୟନ ଶିଳ୍ପର କଞ୍ଚାମାଲ ଆବଶ୍ୟକତା ପୂରଣ କରିବା ଲାଗି ଆଇଓସିଏଲ୍ ପକ୍ଷରୁ ପାରାଦୀପରେ ଡୁଆଲ୍ ଫିଡ୍ ନାପ୍‌ଥା କ୍ରାକର୍ ୟୁନିଟ୍ ସ୍ଥାପନ କରାଯାଉଛି। ରାଜ୍ୟ ସରକାର ପାଞ୍ଚଟି ଫାଇବର୍ ଟୁ ଫ୍ୟାସନ୍ କରିଡର୍ ମଧ୍ୟ ବିକାଶ କରୁଛନ୍ତି। ଓଡ଼ିଶା ବୟନ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ ନୀତି ୨.୦ରେ ନିବେଶକମାନଙ୍କ ଲାଗି ଆକର୍ଷଣୀୟ ସବ୍‌ସିଡି ଓ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି।



# ସେପ୍ଟେମ୍ବରରୁ ବନ୍ଦ ହୋଇଯିବ ୫୦୦ ଟଙ୍କିଆ ନୋଟ?



ନୂଆଦିଲ୍ଲୀ,୧୬।୭: ହ୍ୱାଟସଆପ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ଅଧିକ ଭାଇରାଲ ହେଉଛି, ଯେଉଁଥିରେ ଦାବି କରାଯାଉଛି ଯେ ସେପ୍ଟେମ୍ବର ୩୦ ତାରିଖରୁ ୫୦୦ ଟଙ୍କିଆ ନୋଟ ବନ୍ଦ ହୋଇଯିବ। ଏହି ପୋଷ୍ଟରେ କୁହାଯାଇଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)୩୦ସେପ୍ଟେମ୍ବର ୨୦୨୫ ପରେ ଏଟିଏମ୍‌ରୁ ୫୦୦ ଟଙ୍କିଆ ନୋଟ ଜାରି କରିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ପୋଷ୍ଟରେ ଏହା ମଧ ଦାବି କରାଯାଉଛି ଯେ ଏବେଠାରୁ କେବଳ ୨୦୦ ଏବଂ ୧୦୦ ଟଙ୍କିଆ ନୋଟ ଏଟିଏମ୍‌ରେ ଉପଲବ୍ଧ ହେବ। କୁହାଯାଇଛି ଯେ ଆରବିଆଇ ସମସ୍ତ ବ୍ୟାଙ୍କକୁ ସେପ୍ଟେମ୍ବର ୨୦୨୫ ଶେଷ ସୁଦ୍ଧା ଏଟିଏମ୍‌ରୁ ୫୦୦ ଟଙ୍କିଆ ନୋଟ ଜାରି କରିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ପୋଷ୍ଟ ପ୍ରକାଶ ପାଇବା ମାତ୍ରେ ହଇଚଇ ସୃଷ୍ଟି ହୋଇଥିଲା। ଭାଇରାଲ ପୋଷ୍ଟରେ କରାଯାଇଥିବା ଏହି ଦାବିକୁ ଖଣ୍ଡନ କରିବା ପାଇଁ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରେସ ଇନଫର୍ମେଶନ ବ୍ୟୁରୋ (ବିଆଇବି) ଏହି ପୋଷ୍ଟକୁ ନକଲି ବୋଲି କହିଛି ଏବଂ କହିଛି ଯେ ଆରବିଆଇ ବ୍ୟାଙ୍କଗୁଡ଼ିକୁ ଏପରି କିଛି କହିନାହିଁ। ବିଆଇବି କହିଛି , ଏହି ମିଥ୍ୟା ଖବର ଉପରେ ଧ୍ୟାନ ନଦେବା ଏବଂ କେବଳ ସରକାରୀ ସୂତ୍ରରୁ ସୂଚନା ନେବାକୁ କିଛି। ୫୦୦ ଟଙ୍କିଆ ନୋଟ ବୈଧ ରହିବ। ଏହାର ଅର୍ଥ ହେଉଛି ଯେ ଆପଣ ପୂର୍ବ ପରି ସେମାନଙ୍କ ସହିତ କାରବାର କରିପାରିବେ। ରିଜର୍ଭ ବ୍ୟାଙ୍କ ସମ୍ପ୍ରତି ନିୟମ ପରିବର୍ତ୍ତନ କରି ନିର୍ଦ୍ଦେଶ ଦେଇଛି , ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଏଟିଏମ୍‌ରେ ୭୫ ପ୍ରତିଶତ ନୋଟ ୧୦୦-୨୦୦ ଟଙ୍କାର ହେବା ଉଚିତ। ଏହା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୯୦ ପ୍ରତିଶତକୁ ବୃଦ୍ଧି ପାଇବ। ଏହା ପଛରେ ଉଦ୍ଦେଶ୍ୟ ହେଉଛି ଖୁଚୁରା ଟଙ୍କା ସମସ୍ୟାକୁ ହ୍ରାସ କରିବା ଏବଂ ଗ୍ରାହକମାନଙ୍କୁ ବହୁତ ଅସୁବିଧାରୁ ରକ୍ଷା କରିବା। ଏବେ ଲୋକଙ୍କୁ ଛୋଟ ନୋଟ ବିଷୟରେ ଅଧିକ ଚିନ୍ତା କରିବାକୁ ପଡ଼ିବ ନାହିଁ।

# ୬ ବର୍ଷରେ ସବୁଠାରୁ ଶସ୍ତା ହେଲା ବଜାର

● ପୁଣି ସୁଧହାର କମ୍ କରିପାରେ ରିଜର୍ଭ ବ୍ୟାଙ୍କ୍

ନୂଆଦିଲ୍ଲୀ: ଭାରତର ସାମଗ୍ରିକ ଅର୍ଥନୈତିକ ସ୍ଥିରତାକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଜୁନ୍ ୨୦୨୫ରେ ୨.୧% କୁ ହ୍ରାସ ପାଇଛି। ଯାହା ଗତ ଛଅ ବର୍ଷ ମଧ୍ୟରେ ସର୍ବନିମ୍ନ। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଅନୁଯାୟୀ, ମେ ୨୦୨୫ ରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୨% ଥିଲା। ଏଥିରେ ତୀବ୍ର ହ୍ରାସ ମୁଖ୍ୟତଃ ଖାଦ୍ୟ ମୂଲ୍ୟ, ବିଶେଷକରି ପନିପରିବା, ଡାଲି ଏବଂ ମସଲା ମୂଲ୍ୟରେ ଯଥେଷ୍ଟ ହ୍ରାସ ଯୋଗୁ ହୋଇଛି। ସେହିପରି ପାଇକାରୀ ମୁଦ୍ରାସ୍ଫୀତି ହାର (ହୋଲେସଲ୍ ମୂଲ୍ୟ ସୂଚକାଙ୍କ - ଡବ୍ଲୁପିଆଇ ଉପରେ ଆଧାରିତ) ଶୂନ୍ୟ ତଳେ ୦.୧୩ ପ୍ରତିଶତରେ ପହଞ୍ଚିଛି। ଏହି ଏକକାଳୀନ ଦ୍ୱିଗୁଣିତ ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ହାର ଶୂନ୍ୟ ତଳକୁ ୦.୧୩ ପ୍ରତିଶତରେ ହ୍ରାସ ପାଇଛି। ଏହା ଗତ ୧୪ ମାସ ମଧ୍ୟରେ ସର୍ବନିମ୍ନ ସ୍ତର। ଏହାକୁ ଡିଫ୍ଲେସନ ପରିସ୍ଥିତି କୁହାଯାଏ, ଯେଉଁଠାରେ ସାମଗ୍ରୀର ମୂଲ୍ୟ ପାଇକାରୀ ସ୍ତରରେ ହ୍ରାସ ପାଉଛି। ପାଇକାରୀ ମୁଦ୍ରାସ୍ଫୀତି ନେଇ ଶିଳ୍ପ ମନ୍ତ୍ରଣାଳୟ କହିଛି ଯେ ଏହି ହ୍ରାସ ମୁଖ୍ୟତଃ ଖାଦ୍ୟ ସାମଗ୍ରୀ, ଖଣିଜ ତୈଳ, ମୌଳିକ ଧାତୁ ଉତ୍ପାଦନ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସର ମୂଲ୍ୟ କମ ହେବା ଯୋଗୁ ହୋଇଛି। ଏହା ଉତ୍ପାଦକମାନଙ୍କ ପାଇଁ ଇନପୁଟ୍ ଖର୍ଚ୍ଚ ହ୍ରାସ କରିବ। ଏହା କମ୍ପାନୀଗୁଡ଼ିକର ଲାଭ ପରିମାଣ ବୃଦ୍ଧି ସହିତ ଉତ୍ପାଦନକୁ ବୃଦ୍ଧି କରିପାରିବ। ସେହିପରି ଜୁନ୍ ମାସରେ ଇନ୍ଧନ ଏବଂ ବିଦ୍ୟୁତ୍ ମଧ୍ୟ ୨.୬୫ ପ୍ରତିଶତ ହ୍ରାସ ପାଇଛି।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ବିଶେଷ କରି ବଜେଟରେ ସୁନା ଦାମ୍ କମିଥିବା ବେଳେ ଲୋକେ ବେଶ ପ୍ରଭାବିତ ହୋଇ ଆବଶ୍ୟକ ମୁତାବକ ସୁନା କିଣୁଥିବା ଦେଖିବାକୁ ମିଳିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୨୮୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୦୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୨୮୦ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୦୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୦୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୪୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୨୫୦ ଟଙ୍କା ରହିଛି ।

## ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ହେଉଛି ଏକ ଦୈନନ୍ଦିନ ଖର୍ଚ୍ଚ । ଯେଉଁଠି ପାଇଁ ଆମେ ସବୁବେଳେ ଦର ଉପରେ ନଜର ରଖିଥାଉ । ଆଜି କିଛି ସହରରେ ପେଟ୍ରୋଲ ଓ ଡିଜେଲ ଦର କମିଛି ତ କେଉଁଠି ବଢ଼ିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।

# ରାସ୍ତାରେ ମାଳ ମାଳ ଗାଈଗୋରୁ ; ବଢୁଛି ଦୁର୍ଘଟଣା

## କାଞ୍ଜିଆହୁଦା ନିର୍ମାଣ ଦାବି



**ବ୍ରହ୍ମପୁର,୧୬।୭ (ସଂଚାର ବ୍ୟୁରୋ):** ସହରର ବିଭିନ୍ନ ମୁଖ୍ୟ ରାସ୍ତା ଓ ଗଳିକନ୍ଦିରେ ମାଳ ମାଳ ଗାଈଗୋରୁଙ୍କ ଅବାଧ ବୁଲା ଆଉ ଏକ ବଡ ସମସ୍ୟା ପାଲଟିଛି। ଏମାନଙ୍କ ପାଇଁ ରାଜରାସ୍ତା ଆଶ୍ରୟ ସ୍ଥଳୀରେ ପରିଣତ ହୋଇଛି । ମାଲିକ ମାନେ କ୍ଷୀର ଆଦାୟ ପରେ ଗାଈ ମାନଙ୍କୁ ରାସ୍ତାରେ ଛାଡି ଦେଉଥିବା ଜଣାପଡିଛି। ଫଳରେ ଦୁର୍ଘଟଣା ବଢୁଛି। କେତେବେଳେ ସାଧାରଣ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ତ ଆଉ କେତେବେଳେ ନିରୀହ ଗାଈଗୋରୁଙ୍କ ପ୍ରାଣ ଯାଉଛି। ମୁଖ୍ୟ ରାସ୍ତା ଏମାନଙ୍କ ଦଖଲରେ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ବି ଦେଖାଦେଉଛି।

ରେଶମ ସହରରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସହ ଗାଈଗୋରୁଙ୍କ ହିତ ସକାଶେ କାଞ୍ଜିଆହୁଦା ନିର୍ମାଣ କରିବାକୁ ଗତ ଜାନୁଆରୀ ୧୦ରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମେୟର ସଂଘମିତ୍ରା ଦଳେଇଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ଗୃହପାଳିତ ପଶୁଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ କାଞ୍ଜିଆ ହୁଦା ନିର୍ମାଣ ପାଇଁ ମତ ପ୍ରକାଶ ବି ପାଇଥିଲା। ୱାର୍ଡ ନମ୍ବର ୨୭ ଅନ୍ତର୍ଗତ ଗୋଶାଣିନୁଆଗାଁ ଶ୍ମଶାନ ପଛପଟ ସ୍ଥାନରେ ୬୦ ଗାଈଗୋରୁ ସମେତ ୫୦ରୁ ଉର୍ଦ୍ଧ୍ୱ କୁକୁର ରହିବାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୀର୍ଘ ମାସ ବିତିଯାଇଥିଲେ ସୁଦ୍ଧା ଏହା ସଫଳ ହୋଇପାରିନାହିଁ । ସେହିପରି ଗୁରୁଣ୍ଟି ନିକଟରେ ମଧ ଚାଲିଥିବା ଗୋଶାଳା ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ସୂଚନା ମିଳିଛି। ଷଣ୍ଢ, ଗାଈ,ମଇଁଷି, ଛେଳି ଓ ମେଣ୍ଢା ଆଦି ପ୍ରାଣୀଙ୍କ ପ୍ରାଦୁର୍ଭାବରେ ଲୋକଙ୍କ ଧନଜୀବନ ଓ ଫସଲ ହାନି ରୋକିବାକୁ କେଉଁ ଆବାହନ କାଳରୁ କାଞ୍ଜିଆହୁଦାର ପରିକଳ୍ପନା କରାଯାଇଥିଲା। ଖୋଲା ସ୍ଥାନରେ ବୁଲୁଥିବା ଗାଈଗୋରୁଙ୍କୁ ଉଠାଇ ନେଇ କାଞ୍ଜିଆହୁଦାରେ ରଖି ନେବାକୁ ଆସୁଥିବା ମାଲିକଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିଲା। ବିଶେଷ କରି ଏଠାରେ ଗୃହପାଳିତ ପଶୁଙ୍କ ଖାଇବା,ପିଇବା ବ୍ୟବସ୍ଥା ହେଉଥିବା ବେଳେ ଏବେ ଏହି ଯୋଜନା ପାଣିର ଗାର ସଦୃଶ୍ୟ ହୋଇଛି।

କାଞ୍ଜିଆହୁଦା ଓ ଗୋଶାଳା ଅଭାବରୁ ସର୍ବସାଧାରଣ ସ୍ଥାନରେ ଗାଈଗୋରୁଙ୍କ ବିଚରଣ ସଂଖ୍ୟା ବଢୁଛି। ବ୍ରହ୍ମପୁରର ପଶୁପ୍ରେମୀ ଲଲାଟେନ୍ଦୁ କହିଛନ୍ତି, ରାଜରାସ୍ତାରେ ଘଟୁଥିବା ସମସ୍ୟା ଦୂର ସହ ଗାଈ ମାଲିକ ମାନଙ୍କୁ ସାବାଡ କରିବାକୁ ହେଲେ ତୁରନ୍ତ ସହର ମଧରେ କାଞ୍ଜିଆହୁଦା ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ଏଭଳି ସମସ୍ୟା ନେଇ ସେ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିବା ବି କହିଛନ୍ତି।




## ଏଫଏମ୍ ଛାତ୍ରୀ ମୃତ୍ୟୁ ପ୍ରତିବାଦରେ ବିଜେଡିର ବିକ୍ଷୋଭ

**କୋରେଇ,୧୬।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ.ଏମ. କଲେଜରେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଆଜି କୋରେଇ ବ୍ଲକ୍ ଅନ୍ତର୍ଗତ ବରୁଣ୍ଡେଇ ବଜାର ଠାରେ କୋରେଇ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତିଙ୍କ ନେତୃତ୍ୟରେ ଶତାଧିକ କର୍ମୀ ଏକାଠି ହୋଇ ଏ ଅପାରଗ ସରକାରଙ୍କ ଉପରେ ବର୍ଷିବା ସହିତ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ କୁଶ ପୁତଳିକା ଦାହ କରିଥିଲେ। ବିଜେପି ସରକାର ଆସିବା ଦିନଠୁଁ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନାରୀ ଏଠି ଅସୁରକ୍ଷିତ ଏବଂ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଅରାଜଗତା ଚରମସୀମାରେ ପହଂଚିଲାଣି ବୋଲି ଶ୍ରୀ ମହାନ୍ତି କହିଥିଲେ। ଏଥିସହିତ କୋରେଇ ବିଜେଡ଼ିର ଗୋଲଖ ଚନ୍ଦ୍ର ମାଝୀ, ସୁରେଖା ସେଠୀଙ୍କ ସମେତ ବହୁତୁଙ୍ଗ ନେତାନେତ୍ରୀମାନେ ସୋମ୍ୟଶ୍ରୀଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ଉପରେ ସରକାର ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି କରିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧ ଆହତ, କ୍ଷତିପୂରଣ ପ୍ରଦାନ ସହ ସ୍ଥାୟୀ ପ୍ରତିକାର ଦାବି



**ସୁନ୍ଦରଗଡ଼,୧୬।୭ (ସଂଚାର ବ୍ୟୁରୋ):** ହେମଗିରି ବ୍ଲକ୍ ମନୋହରପୁର ଓସିପିଏଲ୍ ଖଣି ନିକଟ ରାସ୍ତା ଉପରେ ଏକ ଅଜଣା ଟ୍ରେଲର ଧକ୍କାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଅଁଳାବାହାଲ୍ ପଞ୍ଚାୟତ ଅନ୍ତର୍ଗତ ବାଦିବାହାଲ ଗ୍ରାମର ଜୀବର୍ଦ୍ଧନ ଗୌଡ଼ଙ୍କ ପୁଅ ସାୱନ୍ତ ଗୌଡ଼। ଗୁରୁତର ନାବାଳକଙ୍କ ନାମ ଶୁଭମ୍ ଡିଲା ବୟସ ୧୫ବର୍ଷ ଏବଂ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣା ପରେ ଅଞ୍ଚଳର ଉତ୍ୟକ୍ତ ଲୋକ ମାନେ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବା ସହିତ ଦୁର୍ଘଟଣାର ସ୍ଥାୟୀ ପ୍ରତିକାର ପାଇଁ ରାସ୍ତାରୋକ କରିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଓସିପିଏଲ କର୍ତ୍ତୃପକ୍ଷ, ଟ୍ରାନ୍ସପୋର୍ଟର କମ୍ପାନୀର ପଦାଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବାରୁ ଶବ ରାସ୍ତା ଉପରେ ପଡ଼ି ରହିଛି । ଧର୍ଯ୍ୟହରା ବାପା ହତାସ ହୋଇ ରାସ୍ତାକଡ଼ରେ ବସିଥିବାର ଦେଖିବାକୁ ମିଳିଛି। ପୁଲିସ ଶବକୁ ଜଗିବା ତଥା ଉତ୍ୟକ୍ତ ଲୋକଙ୍କ ଉପରେ ନଜର ରଖିଛନ୍ତି ।

## ସନ୍ଦୀପ ରାଉତରାୟ ଛାତ୍ର କଂଗ୍ରେସର ଉପସଭାପତି



**ବାଲିପାଟଣା,୧୬।୭ (ସଂଚାର ବ୍ୟୁରୋ):** ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ନୂତନ ଉପସଭାପତି ଭାବେ ବାଲିପାଟଣା ଅଞ୍ଚଳର ଯୁବ ଆଇନଜୀବୀ ସନ୍ଦୀପ ରାଉତରାୟ ମନୋନୀତ ହୋଇଛନ୍ତି।ପୂର୍ବରୁ ସେ ଓଡ଼ିଶା ଛାତ୍ର କଂଗ୍ରେସ ସଂପାଦକ ଥିଲେ ସେ ତାଙ୍କ ଏ ନୂତନ ପଦବୀ ପାଇଥିବାରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ,ବରୁଣ ଚୌଉଦରୀ ଏବଂ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଦାସ, ଛାତ୍ର ସଭାପତି ଉଦିତ ନାରାୟଣ ପ୍ରଧାନ,ଯୁବ ସଭାପତି ରଞ୍ଜିତ ପାତ୍ର ସମେତ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ,ବରିଷ୍ଠ ନେତା ଜୟଦେବ ଜେନା ଓ ମାନସ ଚୌଉଦରୀ, ମନୋଜ ଜେନା,ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଏବଂ ତାଙ୍କ ରାଜନୈତିକ ଗୁରୁ ତଥା ବଟକୃଷ୍ଣ ରାଉତରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବେତନଟୀ ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳର ବିକ୍ଷୋଭ




**ବେତନଟୀ,୧୬।୭ (ସଂଚାର ବ୍ୟୁରୋ):**ବିଜୁ ଛାତ୍ର ଜନତା ଦଳ ବେତନଟୀ ବ୍ଲକ ତରଫରୁ ବୁଧବାର ବେତନଟୀ ମହାବିଦ୍ୟାଳୟ ସମ୍ମୁଖରେ ଏଫ ଏମ ଅଟୋନମସ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ଛାତ୍ରୀଙ୍କୁ ନ୍ୟାୟ ପାଇଁ କଲେଜ ଛକରୁ ଆରମ୍ଭ କରି କଲେଜ ମୁଖ୍ୟ ଫାଟକ ସମ୍ମୁଖ ପର୍ଯ୍ୟନ୍ତ ପଦଯାତ୍ରା ସହ ପୋଷ୍ଟର, ସ୍ଲୋଗାନ ଧରି ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ପତ୍ର ଦାବୀ କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ସଭାପତି ମନିସ ଗିରି, ଚିତ୍ତେଶ୍ୱର ବେହେରା, ସୌରଭ ପରିଡ଼ା, ଦୀପକ ସାହୁ, ଭୀଷ୍ମ ମହାନ୍ତ, ପୂର୍ବତନ ବ୍ଲକ ସଭାପତି ସୁନ୍ଦର ମହାନ୍ତ, ସମିତି ସଭ୍ୟ କିଶୋର ନାୟକ, ରାଜେନ ଦାସ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ଆଶିଷ ବେହେରା, ଚନ୍ଦନ ମହାନ୍ତ, ଓମ୍ ପ୍ରକାଶ, ଜୀବନ ଦାସ, ଗିତୁ ଲେଙ୍କା, ଅମର ପଣ୍ଡା, କମଲ ଲୋଚନ ହେମ୍ବ୍ରମ, ରାହୁଲ ବେହେରାଙ୍କ ସମେତ ବେତନଟୀ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ମେରା ଯୁବା ଭାରତର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୬।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକରେ ମେରା ଯୁବା ଭାରତ, ସୋନପୁର ଦ୍ୱାରା ବିଭିନ୍ନ କ୍ଲବରେ "ମା ପାଇଁ ଗଛଟିଏ" କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର, କୋଷାଧକ୍ଷ ବିପିନ୍ ବିହାରୀ ଜେନା, ଏମ୍‌ଟିଏସ୍ କୃପାସିନ୍ଧୁ ସା। ଗଛ ଲଗାଇବା ଦ୍ୱାରା ପ୍ରତ୍ୟେକ ମଣିଷ ସମାଜ ସନ୍ତୁଳନ ରକ୍ଷା ହୋଇପାରିବ ଓ ତାର ଯତ୍ନ ନିଜ ଶୁଶୁ ପରି ରଖିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ବିହାରିଲାଲ୍ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ି, ବିଜୟ କୁମାର ହୋତା। ଉଲୁଣ୍ଡା ବ୍ଲକର ଆଦିବାସୀ ବିକାଶ କ୍ଲବ ଗିନ୍ଦିଲା ମାଲ୍, ମା ମେଟାକାନି, ପତାଳି କ୍ଷେତ୍ର କୋଟସମଲାଏ, ନାଗେଶ୍ୱର ଯୁବକ ସଂଘ, ମା ନାରାୟଣୀ ଯୁବକ ସଂଘ, ବୀର ସୁରେନ୍ଦ୍ର ସାଏ କ୍ଲବ, ରଘୁନାଥ ଯୁବକ ସଂଘର ସମସ୍ତଙ୍କ ସହଯୋଗରେ ଉଲୁଣ୍ଡା ବ୍ଲକରେ ବିଭିନ୍ନ ସ୍ଥାନ ୪୦୦ ରୁ ଅଧିକ ବୃକ୍ଷ ରୋପଣ କରାଯାଇଛି। ସମସ୍ତ ବୃକ୍ଷର କିପରି ରକ୍ଷଣ ହୋଇପାରିବ ସେଥିପ୍ରତି ସମସ୍ତ କ୍ଲବକୁ ଅନୁରୋଧ କରାଯାଇଛି।




## ପରିବେଶ ସୁରକ୍ଷାରେ ସିଆଲ ଖଣ୍ଡାହଥା ହାଇସ୍କୁଲର ସ୍ୱତନ୍ତ୍ର ଅଭିଯାନ

**ଭେଡେନ,୧୬।୭ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସିଆଲଖଣ୍ଡହଥା ହାଇସ୍କୁଲର ଓଡ଼ିଶା ଭାରତ ସ୍କାଉଟସ୍ ଓ ଗାଇଡସ୍। ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଲଖଣ୍ଡହଥାର ମଦରଟେରେସା କମ୍ପାନୀ ଗାଇଡସ୍ ପ୍ରଧାନଶିକ୍ଷକ ମୀନକେତନ ପଧାନଙ୍କ ଅନୁମତି କ୍ରମେ ଏବଂ ଗାଇଡ କ୍ୟାପଟେନ୍ ବିଜୁଳିବତୀ ଦଲେଇଙ୍କ ତତ୍ତ୍ୱାବଧାନରେ ବୁଧବାର ଦିନ ଛାତ୍ର ପାଇଁ ଗଛଟିଏ ଅଭିଯାନ ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରତି ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଗଛର ସୁରକ୍ଷା କରିବେ। ବୁଧବାର ଦିନ ପୂର୍ବରୁ ଲଗାଯାଇଥିବା ଚାରା ଗୁଡ଼ିକର ରକ୍ଷଣାବେକ୍ଷଣା ସକାଶେ ରୋପଣ ଚାରା ଗୁଡ଼ିକରେ ଖତ, ପାଣି ଦେବା ସହ ଗୋରୁଗାଈ କିପରି ନଷ୍ଟ କରି ନ ପାରିବେ, ସେଥିରେ ବାଡ଼ ଦେଇ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି । ସବୁଜ ସୁନ୍ଦର ପୃଥିବୀର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଶିକ୍ଷୟତ୍ରୀ ବିଜୁଳିବତୀ ଦଲେଇଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲ।

### ୨ଟି ବ୍ଲକ ଓ ତହସିଲ ଦାୟିତ୍ୱରେ ଜଣେ ଅଧିକାରୀ

## ଉନ୍ନୟନମୂଳକ କାର୍ଯ୍ୟ ଠପ୍, ଲୋକେ ହନ୍ତସନ୍ତ

**ବାଲିପାଟଣା,୧୬।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା, ବାଲିପାଟଣା ବ୍ଲକ ଓ ତହସିଲ ସମ୍ଭାଳୁଛନ୍ତି ଜଣେ ଅଧିକାରୀ। ବାଧାପ୍ରାପ୍ତ ଉନ୍ନୟନମୂଳକ କାର୍ଯ୍ୟ। ସରକାରୀ କଳରେ ବିଚିତ୍ର ବ୍ୟବସ୍ଥା ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ବାଲିପାଟଣା ବ୍ଲକ ଓ ତହସିଲରେ ଦେଖିବାକୁ ମିଳିଛି। ଜଣେ ଅଧିକାରୀ ଏକାବେଳେ ୨ଟି ବ୍ଲକ ୪ଟି ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ଅଧିକାରୀ ଜଣଙ୍କ କେତେବେଳେ କେଉଁ ବ୍ଲକରେ ଏବଂ କେଉଁ ସମୟରେ ରହୁଛନ୍ତି ତାହା ଜାଣିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ହେଉଛି। ଯାହାଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାଲିଅନ୍ତା ବ୍ଲକରେ ଗତ ୪ ମାସ ହେବ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ଏହାର ଦାୟିତ୍ୱ ତତକାଳୀନ ବାଲିଅନ୍ତା ତହସିଲଦାର ବିମଳ ଲେଙ୍କାଙ୍କୁ ଦିଆଯାଇଥିଲା। ମାତ୍ର ଶ୍ରୀଯୁକ୍ତ ଲେଙ୍କାଙ୍କ ପଦୋନ୍ନତିରେ ଅନ୍ୟତ୍ର ବଦଳି ହୋଇଥିଲା। ପରେ ଲିଳନ କୁମାର ସାହୁ ତହସିଲଦାର ଭାବେ ନିଯୁକ୍ତି ପାଇଥିଲେ। ସେ ମଧ ଉଭୟ ବ୍ଲକ ଓ୍ ତହସିଲ ଦାୟିତ୍ୱ ନେଇଥିଲେ। ମାତ୍ର ୮ରୁ ୧୦ ଦିନ ଭିତରେ ଲିଳନ ସାହୁଙ୍କ ଟ୍ରେନିଂ ଥିବାରୁ ପଡୋଶୀ ବାଲିପାଟଣା ବ୍ଲକ ଓ ତହସିଲ ଦାୟିତ୍ୱରେ ଥିବା ତହସିଲଦାର କଳ୍ପନା ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଫଳରେ ଜଣେ ଅଧିକାରୀ ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଓ ତହସିଲ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜଣେ ଅଧିକାରୀ ଏକାବେଳେ ୨ ଟି ସ୍ଥାନରେ ଉଭୟ ବ୍ଲକ ଓ ତହସିଲ ଦାୟିତ୍ୱ ନିର୍ବାହ କରିବା କାଠିକାର ପାଠ। ଫଳରେ ଉଭୟ ବ୍ଲକ ଓ ତହସିଲରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଛି। କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଆସୁନଥିବା ଦେଖାଯାଉଛି। ମନଇଛା ଆସୁଛନ୍ତି ଓ ଯାଉଛନ୍ତି। ଫଳରେ ମୁରବୀଶୂନ୍ୟ ହୋଇଯାଇଛି ବ୍ଲକ ଓ ତହସିଲ।

ଅପରପକ୍ଷରେ ବାଲିପାଟଣା ଓ ତହସିଲ ଏକ ବ୍ୟସ୍ତବହୁଳ ଏବଂ ବ୍ୟୟବହୁଳ କାର୍ଯ୍ୟାଳୟ। ଏହି ବ୍ଲକ ଓ ତହସିଲ ରାଜଧାନୀ ଠାରୁ ମାତ୍ର ୪ରୁ୫ କିମି ଦୂରରେ ଅବସ୍ଥିତ ଥିବା ବେଳେ ସେହି ତୁଳନାରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ଅଞ୍ଚଳର ଆୟତନ ବୃଦ୍ଧି ପାଇଛି। ବାଲିପାଟଣା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ହିତାଧିକାରୀଙ୍କ କୌଣସି ସମସ୍ୟା ହେଉ ନିରାଶ ହେବାକୁ ପଡୁଛି । ଫଳରେ ସାଧାରଣ ଜନତାଙ୍କ ମଧରେ ଅସନ୍ତୋଷ ଦେଖାଯାଇଛି।

ସେହିପରି ତହସିଲରେ ଜମିଜମା ପଟା କିମ୍ବା ଉତ୍ତରାଧିକାରୀ, ସ୍ଥାୟୀବାସିନ୍ଦା, ଆୟ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣ ପତ୍ର ହେଉ ସବୁବେଳେ ଏହି ତହସିଲରେ ଲୋକଙ୍କ ଭିଡ଼ ଲାଗିରହିଥାଏ। ସେଥିପାଇଁ ଏହି ତହସିଲଟି ସାଧାରଣ ଜନତାଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱବହନ କରିଥାଏ। ମାତ୍ର ଅଧିକାରୀଙ୍କ ଅଦଳବଦଳ ଯୋଗୁଁ ଏଠାରେ ଏବେ ଅଚଳାବସ୍ଥା ଦେଖିବାକୁ ମିଳିଛି। ଫଳରେ ସାଧାରଣ ଜନତାଙ୍କୁ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହେବାକୁ ପଡୁଛି। ଏଥିପ୍ରତି ଦୃଷ୍ଟି ଦେବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି।

## ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲେ ପ୍ରୟାସ ପ୍ରତିନିଧି



**କଣାସ,୧୬।୭ (ସଂଚାର ବ୍ୟୁରୋ):** କଣାସ ଅଞ୍ଚଳରେ ୧୫ଦିନ ଉର୍ଦ୍ଧ୍ୱ ହେଲା ବହୁ ଗ୍ରାମରେ ଝାଡାବାନ୍ତି ଲାଗିରହିବା ଦ୍ୱାରା ଶତାଧିକ ଲୋକ ଆକ୍ରାନ୍ତ ହେବା ଫଳରେ ଲୋକମାନଙ୍କ ମଧରେ ଆତଙ୍କ ଖେଳିଯାଇଛି। ପ୍ରୟାସ ଅନୁଷ୍ଠାନର ସାଧାରଣ ସମ୍ପାଦକ ଯୁବନେତା କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନୀଧି ମଣ୍ଡଳି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ପ୍ରୟାସର ସଭାପତି ବରିଷ୍ଠ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି କୌଣସି ଅବହେଳା କରାଗଲେ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ପ୍ରମୁଖ ସଂଗଠକ ବିଶ୍ୱଜିତ୍ ବଡଜେନା, ମେନଙ୍କା ପ୍ରଧାନ, ୫ନଂ ଜୋନର ସଭାପତି ରାମଚନ୍ଦ୍ର ପରିଡ଼ା, ୩ନଂ ଜୋନର ସଭାପତି କିଶୋର ମାର୍ଥୀ, କଣାସ ପଞ୍ଚାୟତର ଯୁବ ସଂଗଠକ କାଳୁଚରଣ ଭୋଳ, ୪ନଂ ଯୋଜନର ସଂଯୋଜକ ପ୍ରଫୁଲ ପାଇକରାୟ, ବିଷ୍ଣୁଜୟ ମତଗଜସିଂହ ଉପସ୍ଥିତ ଥିଲେ। ପ୍ରଭାବିତ କ୍ଷେତ୍ରରେ ତୁରନ୍ତ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ସହିତ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ କରିବାପାଇଁ ପ୍ରୟାସ ପକ୍ଷରୁ ସରକାରଙ୍କ ନିକଟରେ ଦବିକରାଯାଇଛି। ଆଜି ବିଭିନ୍ନ ଗ୍ରାମରୁ ୪ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ଯକୃତ ରୋଗରେ ପୀଡ଼ିତ ଅଷ୍ଟମ ଶ୍ରେଣୀ ଛାତ୍ର

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ, ସହାୟତା ପାଇଁ ନିବେଦନ



**କଣାସ,୧୬।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ଖାରଦ ଗ୍ରାମ ପଞ୍ଚାୟତର ବୀରତୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଅନନ୍ତ ବରାଳ ଯକୃତ ରୋଗରେ ପଡ଼ିତ ହୋଇ ସମ ହସ୍ପିଟାଲର ଆୟୁସ ବିଭାଗରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡରେ ଥିବା ୫ଲକ୍ଷ ଟଙ୍କା ଶେଷ ହୋଇଯାଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଦ୍ଧକ ସାଜିଛି। ପିତା ପୂର୍ଣ୍ଣଚନ୍ଦ୍ର ବରାଳ ଜଣେ ଭୂମିହୀନ ଓ ଦାଦନ ଶ୍ରମିକ ଭାବେ ଗୁଜୁରାଟରେ କାର୍ଯ୍ୟ କରୁଛନ୍ତି। ଅନନ୍ତଙ୍କ ଜୀବନ ରକ୍ଷା ପାଇଁ ବଦାନ୍ୟ ବ୍ୟକ୍ତିମାନେ ସହାୟତ କରିବାକୁ ପିତା ପୂର୍ଣ୍ଣଚନ୍ଦ୍ର ବରାଳ ନିବେଦନ କରିଛନ୍ତି। ଫୋନ୍ ପେ ନଂ-୭୩୭୭୨୭୮୩୬୭ କିମ୍ବା ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟନଂ-୨୦୪୪୮୧୦୦୦୧୯୩୯୦ରେ ସହାୟତା ଦେବାପାଇଁ ଅନନ୍ତଙ୍କ ପିତା ପୂର୍ଣ୍ଣଚନ୍ଦ୍ର ଅନୁରୋଧ କରିଛନ୍ତି।

## ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ ସଚେତନତା କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୬।୭ (ସଂଚାର ବ୍ୟୁରୋ):** କୁକୁଡାଖଣ୍ଡି ବ୍ଲକ ବାଲିପଡା ସ୍ଥିତ ମହୁରୀ କାଳୁଆ ଜୁନିୟର କଲେଜରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ "ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଗଞ୍ଜାମ ଜିଲ୍ଲାରେ ଦେଖାଯାଉଥିବା ସାପକୁ ଚିହ୍ନିବା, ସାପ କାମୁଡିଲେ ପ୍ରାଥମିକ ଚିକିତ୍ସା, ସମେତ ବନ୍ୟପ୍ରାଣୀ ଆଇନରେ ସାପର ସୁରକ୍ଷାକୁ ନେଇ ଥିବା ପ୍ରାବଧାନ ବିଷୟରେ ପିପିଟି ମାଧମରେ ବୁଝା ଯାଇଥିଲା। ଏହାପରେ କଲେଜ ଛାତ୍ରଛାତ୍ରୀଙ୍କ ମଧରେ ସଚେତନତା କାର୍ଯ୍ୟକ୍ରମରେ ଯେଉଁସବୁ ବିଷୟ ବୁଝା ଯାଇଥିଲା ସେଥିମଧ୍ରୁ କିଛି ବିଷୟକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଠିକ ଉତ୍ତର ପ୍ରଦାନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଡ. ପ୍ରସନ୍ନ କୁମାର ବିଷୋୟୀ, ସମ୍ମାନିତ ଅତିଥି ଭାବେ ଅଧାପକ ଉମେଶ କୁମାର ପାତ୍ର, ଏ. ସତ୍ୟ ନାରାୟଣ ସେନାପତି, ତ୍ରିପତି ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ୧୦ ଜଣ ସର୍ପ ଉଦ୍ଧାରକଙ୍କୁ ସମ୍ମାନିତ କରାଯାଇଥିଲା।

### ସଞ୍ଜ ନଇଁଲେ ଅନ୍ଧାର

## କୋକସରା ସହରରେ ଜଳୁନି ଷ୍ଟ୍ରିଟ ଲାଇଟ୍



### ମରାମତି ହେବ କେବେ ?

**ଭବାନୀପାଟଣା,୧୬।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜିଲ୍ଲା କୋକସରା ବ୍ଲକ କୋକସରା ଗ୍ରାମ ପଞ୍ଚାୟତ ସଦର ମହକୁମା କୋକସରା ସହର ଏକ ପ୍ରମୁଖ ଜନଗହଳି ସ୍ଥାନ ହୋଇଥିବା ବେଳେ ଏହାରେ ରହିଛି ଅନେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ। ବ୍ଲକର ୨୨ ପଞ୍ଚାୟତ ସମେତ ଜୟପାଟଣା, ଦଣ୍ଡପାଟ ଅଞ୍ଚଳର ଅନେକ ଲୋକ ଦୈନିକ କୋକସରା ସହର ଉପରେ ନିର୍ଭର କରୁଥିବା ବେଳେ କୌଣସି ଦୂର ସ୍ଥାନକୁ ଯାତ୍ରା କରିବା ପାଇଁ ଦୈନିକ ଶତାଧିକ ଯାତ୍ରୀ ସନ୍ଧ୍ୟା ପରେ କୋକସରା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିନ୍ତି। ତେବେ କୋକସରା ଗ୍ରାମରେ ପଞ୍ଚାୟତ ପକ୍ଷରୁ ଲଗାଯାଇଥିବା ଅନେକ ଷ୍ଟ୍ରିଟ ଲାଇଟ ମରାମତି ଅଭାବରୁ ଅଚଳ ହୋଇ ପଡିଛି। ଫଳରେ ସନ୍ଧ୍ୟା ନଇଁଲେ କୋକସରା ସହର ମୁଖ୍ୟ ରାସ୍ତା ସହ ହସ୍ପିଟାଲ ଛକ, ବସ ଷ୍ଟାଣ୍ଡ, ପୋଲିସ ଛକ, ଶିବ ମନ୍ଦିର ଛକ, ଜଗନ୍ନାଥ ମନ୍ଦିର ଛକରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଦିର୍ଘ ମାସ ହେବ ଅଚଳ ଅବସ୍ଥାରେ ପଡି ରହିଥିବା କାରଣରୁ ଯାତ୍ରୀମାନେ ସନ୍ଧ୍ୟା ପରେ ନିଜକୁ ସୁରକ୍ଷିତ ମଣୁ ନଥିବା ଅଭିଯୋଗ କରିଛନ୍ତି ।

ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଗତବର୍ଷ ଷ୍ଟ୍ରିଟ ଲାଇଟ ମରାମତି କରାଯାଇଥିବା ବେଳେ କିଛି ମାସ ଜଳିବା ପରେ ତାହା ଅଚଳ ହୋଇ ପଡିଛି। ସ୍ଥାନୀୟ ଲୋକମାନେ ଅନେକ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଲାଇଟ ମରାମତି କରିବା ପାଇଁ ଅଭିଯୋଗ ସତ୍ତ୍ୱେ ମଧ୍ୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନେଇ ନାହାଁନ୍ତି। ଫଳରେ ସନ୍ଧ୍ୟା ପରେ କିଟିମିଟି ଅନ୍ଧାରରେ ଯାତ୍ରୀ ଓ ଲୋକମାନେ ଯାତାୟାତ କରୁଛନ୍ତି। ଅନେକ ସମୟରେ ଚୋର ଡକାୟତ, ରାହାଯାନୀ ଘଟଣା ଦେଖିବାକୁ ମିଳୁଥିବା ବେଳେ ରାତିରେ ବୁଲା କୁକୁରଙ୍କ ଉତ୍ପାତରେ ମଧ୍ୟ ଲୋକେ ଭୟଭୀତ ରହୁଛନ୍ତି। ଏପରିକି ଡାକ୍ତରଖାନା, ବ୍ଲକ ପରିସରରେ ଲାଗିଥିବା ଷ୍ଟ୍ରିଟ ଲାଇଟ ମଧ୍ୟ ଅଚଳ ହୋଇ ପଡିଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବ୍ଲକ ପ୍ରଶାସନ ଓ କୋକସରା ପଞ୍ଚାୟତ କର୍ତ୍ତୃପକ୍ଷ ଶୀଘ୍ର ଷ୍ଟ୍ରିଟ ଲାଇଟ ମରାମତି କରିବାକୁ କୋକସରା ଅଞ୍ଚଳବାସୀମାନେ ଦାବି କରିଛନ୍ତି ।




# ସୁଖ ନିଦ୍ରାର ଉପାୟ

ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଟିକେ ଅଧିକ ଶୋଇବା ଦରକାର, ଯଦି ଆପଣ ଅନିଦ୍ରାରୋଗରେ ପୀଡ଼ିତ ଅଛନ୍ତି ତେବେ ଭଲ ନିଦ୍ରା ପାଇଁ କିଛି ଜିନିଷର ଯତ୍ନ ନେବା ଉଚିତ। ଶରୀର ସୁସ୍ଥ ଓ ଉତ୍ତମ ରହିବା ପାଇଁ ପର୍ଯ୍ୟାପ୍ତ ନିଦ ଜରୁରୀ, ପ୍ରତିଦିନ ଅତି କମରେ ୭ ଘଣ୍ଟା ଶୋଇବା ଉଚିତ। ଜାଣନ୍ତୁ ଶୀଘ୍ର ଶୋଇବାର ବିଶେଷ କୌଶଳ ବିଷୟରେ। ବିଶେଷଜ୍ଞଙ୍କ ମତରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦୈନିକ ଅତି କମରେ ୭-୮ ଘଣ୍ଟା ଶୋଇବା ଜରୁରୀ। ଭଲ ନିଦ୍ରା ମନକୁ ତୀକ୍ଷ୍ଣ କରିଥାଏ, ହୃତ୍‌ପିଣ୍ଡ, ମେଟାବୋଲିଜିମ୍, ଚର୍ମ ଏବଂ କେଶର ଗୁଣବତ୍ତାରେ ଉନ୍ନତି ଆଣିଥାଏ ଏବଂ ଦୀର୍ଘ ଜୀବନକୁ ପ୍ରୋତ୍ସାହିତ କରିଥାଏ। ଏହାଦ୍ୱାରା ଚିନ୍ତା, ଅବସାଦ କମ୍ ହୋଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ନିଦ ନ ହେବା ଦ୍ୱାରା ଡିମେନ୍ସିଆ ଓ ଆଲଝାଇମର ଭଳି ସ୍ନାୟୁବିକ ରୋଗ ହୋଇପାରେ। ଦୀର୍ଘକାଳୀନୟଭାବେ ଏହା ମୋଟାପଣ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ର ଆଶଙ୍କା ମଧ ବଢ଼ାଇଥାଏ। ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ପ୍ରାୟ ୨୦ ମିନିଟ୍ ଅଧିକ ଶୋଇବା ଦରକାର। ଏକାସାଙ୍ଗରେ ଅନେକ କାମ କରିବାଦ୍ୱାରା ମାନସିକ ଓ ଶାରୀରିକ ଥକାପଣ, ମହିଳାଙ୍କ ଅନିଦ୍ରା, ଚିନ୍ତା ଓ ଅବସାଦ ଏବଂ ହରମୋନ ପରିବର୍ତ୍ତନ ଇତ୍ୟାଦି ହୋଇଥାଏ। ଆମେରିକା ନୌସେନାରେ ଏଭଳି ଏକ କୌଶଳ ପ୍ରୟୋଗ କରାଯାଇଥିଲା, ଯାହା ଆପଣଙ୍କୁ ୧୦ ସେକେଣ୍ଡରେ ଶୋଇଦେଇଥାଏ। ଏଥିପାଇଁ ମୁହଁକୁ ଆରାମ ଦିଅନ୍ତୁ, କାନ୍ଧକୁ ତଳକୁ ଓହ୍ଲାଇ ଦିଅନ୍ତୁ, ହାତକୁ ପାର୍ଶ୍ୱରେ ରହିବାକୁ ଦିଅନ୍ତୁ, ଛାତିକୁ ଆରାମ ଦେବା ସମୟରେ ନିଶ୍ୱାସ ଛାଡ଼ନ୍ତୁ, ଗୋଡ଼, ଜଙ୍ଘକୁ ଆରାମ ଦିଅନ୍ତୁ, ଆରାମଦାୟକ ଦୃଶ୍ୟ କଳ୍ପନା କରି ମନକୁ ୧୦ ସେକେଣ୍ଡ ଶାନ୍ତ କରନ୍ତୁ। ନିୟମିତ ଶୋଇବାର ସମୟ ନିର୍ଦ୍ଧାରଣ କରନ୍ତୁ, ଶୋଇବା ପୂର୍ବରୁ କିଛି ପଢ଼ନ୍ତୁ, ଶୋଇବା ପାଇଁ ଉପଯୁକ୍ତ କରନ୍ତୁ, ଶୋଇବା ପୂର୍ବରୁ କମ୍ ସ୍କ୍ରିନ୍ ବ୍ୟବହାର କରନ୍ତୁ। କ୍ୟାଫିନ୍ ଏବଂ ମଦ୍ୟପାନ ସୀମିତ ରଖନ୍ତୁ, ଶୋଇବାବେଳକୁ ଭାରି ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ ଏବଂ ଅତ୍ୟଧିକ ତରଳ ପଦାର୍ଥଠାରୁ ଦୂରେଇ ରୁହନ୍ତୁ।





# ଟିକି ମାଛର ତୀବ୍ର ଗର୍ଜନ

> ମାତ୍ର ୧୨ ମିଲିମିଟର ଲମ୍ବ ବିଶିଷ୍ଟ ଏହି କ୍ଷୁଦ୍ର ମାଛଟି ୧୪୦ ଡେସିବେଲ୍ ତୀବ୍ରତାର ଶବ୍ଦ ସୃଷ୍ଟି କରେ, ଯାହା ବନ୍ଧୁକରେ ଗୁଳି ଫୁଟିବା ଶବ୍ଦ ସହ ସମାନ!

ଏକ କ୍ଷୁଦ୍ର ସ୍ୱଚ୍ଛ ମାଛ କଂକ୍ରିଟଖୋଳା ଯନ୍ତ୍ର ପରି ଭୀଷଣ ଶବ୍ଦ କରୁଥିବା ବର୍ଲିନ୍‌ର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। 'ଡାନିଓନେଲା ସେରେବ୍ରମ୍' ପ୍ରଜାତିର ଏହି ମାଛକୁ ସେମାନେ ପରୀକ୍ଷାଗାରରେ ଅନୁଧ୍ୟାନ କରିଥିଲେ। ଉକ୍ତ ମାଛ ଦେହରେ ଥିବା ଏକ ଭାସମାନ ଥଳି ପିଟି ହୋଇ ସେଥିରୁ ନିର୍ଗତ ହେଉଥିବା ଏକ ଶକ୍ତ ତରଙ୍ଗ ହିଁ ଏପରି ତୀବ୍ର ଶବ୍ଦ କରେ ବୋଲି ଜଣାପଡ଼ିଛି। ଉକ୍ତ ମାଛ ୧୪୦ ଡେସିବେଲ୍ ତୀବ୍ରତାର ଶବ୍ଦ ସୃଷ୍ଟି କରେ, ଯାହା ବନ୍ଧୁକରେ ଗୁଳି ଫୁଟିବା ଶବ୍ଦ ସହ ସମାନ! ୧୨ ମିଲିମିଟର ଲମ୍ବ ବିଶିଷ୍ଟ ଏହି କ୍ଷୁଦ୍ର ମାଛଟି ତାହା ଆକାରର ପ୍ରଜାତିଙ୍କ ଭିତରେ ସବୁଠୁ ଗର୍ଜନଶୀଳ ବୋଲି ଜଣାପଡ଼ିଛି। ସାଧାରଣତଃ ସ୍ଥଳଭାଗରେ ବିଚରଣ କରୁଥିବା ଜୀବମାନଙ୍କର ଶରୀର ଆକାର ଅନୁପାତରେ ସେମାନଙ୍କର ଗର୍ଜନ ଅଧିକ ତୀବ୍ର ହୋଇଥାଏ। ମାତ୍ର ଜଳଚରଙ୍କ କ୍ଷେତ୍ରରେ ଏହାର ବିପରୀତ ଦେଖିବାକୁ ମିଳିଛି। ଆଉ ଏକ ଗର୍ଜନଶୀଳ କ୍ଷୁଦ୍ର ଜଳଚର ହେଉଛି 'ପିସ୍ତଲ ଚିଙ୍ଗୁଡ଼ି', ଯିଏ ଶିକାର କଲା ବେଳେ ୨୦୦ ଡେସିବେଲ୍ ତୀବ୍ରତାର ଶବ୍ଦ ଛାଡ଼ିଥାଏ। ପ୍ରତ୍ୟେକ ଅସ୍ଥିଳ ମାଛର ଏପରି ପବନଭର୍ତ୍ତି ଭାସମାନ ଥଳି ରହିଥାଏ, ଯାହା ସେମାନଙ୍କୁ ପାଣି ଭିତରେ ଭାସିବାରେ ସାହାଯ୍ୟ କରିଥାଏ। ଅନେକ ପ୍ରଜାତିର ମାଛ ନିଜ ମାଂସପେଶୀ ଦ୍ୱାରା ଏହି ଥଳିକୁ ଆଘାତ କରି ଏପରି ଶବ୍ଦ ବାହାର କରିଥା'ନ୍ତି। ମାତ୍ର ଡାନିଓନେଲାର ଥଳିରୁ ଏକ ଜଟିଳ ପ୍ରକ୍ରିୟାରେ ଏପରି ଭୀଷଣ ଗର୍ଜନ ବାହାରିଥାଏ। କେବଳ ପୁରୁଷ ଡାନିଓନେଲା ହିଁ ଏପରି ଶବ୍ଦ କରିବାକୁ ସକ୍ଷମ ବୋଲି ଗବେଷକମାନେ ଜାଣି ପାରିଛନ୍ତି।



# ମଧୁମେହ ଚିକିତ୍ସା
## ଏହି ଜୁସ୍ ସବୁଠାରୁ ଭଲ

ଯଦି ଆପଣଙ୍କର ସୁଗାର ସ୍ତର ଅଧିକ ଅଛି ଏବଂ ଆପଣ ଏହାକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି, ତେବେ ଆପଣ ଏହି ଡାଇବେଟିସ୍ କେୟାର ଜୁସ୍ ସେବନ କରିପାରିବେ। ଏହି ଡାଇବେଟିସ୍ କେୟାର ଜୁସ୍ ଆପଣଙ୍କ ଉଚ୍ଚ ସୁଗାର ସ୍ତରକୁ ନିୟନ୍ତ୍ରଣ କରିପାରେ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟର ମଧ ଯତ୍ନ ନେଇଥାଏ। କଦଳୀ, ଜାମୁ ଏବଂ ନିମ୍ବ ଭଳି ପ୍ରାକୃତିକ ଔଷଧ ବ୍ୟବହାର କରି ଏହାକୁ ତିଆରି କରାଯାଏ, ଯାହା ଆପଣଙ୍କ ସୁଗାର ସ୍ତର ସହିତ ଖରାପ କୋଲେଷ୍ଟ୍ରଲ, ଉନ୍ନତ ମେଟାବଲିଜିମ୍, ଉତ୍ତମ ହଜମ ଏବଂ ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଏହି ଡାଇବେଟିସ୍ କେୟାର ଜୁସ୍‌କୁ ଆପଣ ଦିନକୁ ଦୁଇଥର ପାଣିରେ ମିଶାଇ ପିଇପାରିବେ। ଏହି ଜୁସ୍ ପିଇବା ପୂର୍ବରୁ ଆପଣ ଚାହିଁଲେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ।

# ଶରୀରର ଦୁଇଟି ଅଙ୍ଗରୁ ପ୍ରବେଶ କରେ ଯକ୍ଷ୍ମା ରୋଗ

ଯକ୍ଷ୍ମା (ଟିବି) ଏକ ଜୀବାଣୁ ଜନିତ ସଂକ୍ରମଣ। ଏହି ରୋଗ ବିପଜ୍ଜନକ ହେବା ସହ ମାରାତ୍ମକ ମଧ ହୋଇଥାଏ। ଥରେ କାହାକୁ ଏହି ରୋଗ ହୁଏ, ତା'ପରେ ତାଙ୍କୁ ଦେଢ଼ ବର୍ଷ ପର୍ଯ୍ୟନ୍ତ ନିୟମିତ ଔଷଧ ଖାଇବାକୁ ପଡ଼ିଥାଏ। ଥରେ କେହି ହେଲେ ଏହା ପୂରା ପରିବାରକୁ ସଂକ୍ରମିତ ହୋଇପାରେ। ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଅନୁଯାୟୀ, ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ଲୋସିସ୍ ନାମକ ଜୀବାଣୁଦ୍ୱାରା ଯକ୍ଷ୍ମା ହୁଏ। ବ୍ୟାକ୍ଟେରିଆ ଦ୍ୱାରା ମଧ ହୋଇଥାଏ। ହାତ, ପାଦ, ଆଖି କିମ୍ବା ଜିନିଷକୁ ଛୁଇଁବାଦ୍ୱାରା ମଧ ବ୍ୟାକ୍ଟେରିଆ ହୋଇପାରେ। ଯକ୍ଷ୍ମା ଜୀବାଣୁ ନାକ ଓ ପାଟି ଦେଇ ଶରୀରର ଦୁଇଟି ଅଙ୍ଗରେ ପ୍ରବେଶ କରିଥାଏ। ୭୦ ପ୍ରତିଶତ କ୍ଷେତ୍ରରେ ଫୁସଫୁସ ମାଧମରେ ଟିବି ପ୍ରବେଶ କରିଥାଏ। ଏଠାରୁ ହିଁ ଯକ୍ଷ୍ମା ଆରମ୍ଭ ହୋଇଥାଏ। ତା'ପରେ ଧୀରେ ଧୀରେ ଏହା ବାକି ଅଙ୍ଗକୁ ବ୍ୟାପିଯାଏ। ଏହା ପରବର୍ତ୍ତୀ ସମୟରେ ଅତିରିକ୍ତ ପଲମୋନାରୀ ଯକ୍ଷ୍ମାରେ ପରିଣତ ହୁଏ। ଟିବି ନାକ ଓ ପାଟି ମାଧମରେ ସାରା ଶରୀରରେ ବ୍ୟାପିଥାଏ। ଯଦି ଜଣେ ଯକ୍ଷ୍ମା ରୋଗୀ ନିଶ୍ୱାସପ୍ରଶ୍ୱାସରୁ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ଯକ୍ଷ୍ମା ବ୍ୟାପିଯାଏ। ଯଦି କୌଣସି ଯକ୍ଷ୍ମା ରୋଗୀ ଆପଣଙ୍କ ସାମ୍ନାରେ କାଶନ୍ତି ବା ଛିଙ୍କନ୍ତି, ତେବେ ଏହି ରୋଗ ଆପଣଙ୍କୁ ଶିକାର କରିପାରେ।






# ତୁଳସୀ ପତ୍ର
## ମିଳିବ ଅନେକ ଲାଭ

ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷଙ୍କ ଖୁବ୍ ମହତ୍ତ୍ୱ ରହିଛି। ଏହି ବୃକ୍ଷ ପୂଜନୀୟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆୟୁର୍ବେଦରେ ଜଡି-ବୁଟୀ ଭାବେ ଏହାର ବ୍ୟବହାର କରାଯାଏ। ତୁଳସୀ ପତ୍ରରେ ୧୦୦ରୁ ଅଧିକ ରୋଗକୁ ନଷ୍ଟ କରିବାର କ୍ଷମତା ରହିଛି। ଏହା ଅନେକ ଔଷଧୀୟ ଗୁଣରେ ଭରପୁର। ତୁଳସୀ ପତ୍ରକୁ ସଠିକ୍ ଉପାୟରେ ଏହାର ବ୍ୟବହାର କରାଗଲେ, ମାନସିକ ଦୁଃଷ୍ଚିନ୍ତା ଠାରୁ ଆରମ୍ଭ କରି ଅନେକ ରୋଗରୁ ମୁକ୍ତି ମିଳିପାରିବ। ଜାଣନ୍ତୁ ତୁଳସୀପତ୍ରକୁ ପିଲାଙ୍କୁ ଥଣ୍ଡାକାଶ ଠାରୁ ଆରମ୍ଭ କରି ଗଳାରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବ୍ୟବହାର କରାଯାଏ। ଏହାର ଲାଭ ପାଇବା ପାଇଁ ତୁଳସୀପତ୍ରକୁ ମହୁ ସହ ସେବନ କରନ୍ତୁ। ଏକ ଚାମଚ ତୁଳସୀପତ୍ର ରସରେ ଏକ ଚାମଚରୁ କମ୍ ମହୁ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା ଅତ୍ୟନ୍ତ ଲାଭ ମିଳିଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଖାଲି ପେଟରେ ତୁଳସୀପତ୍ର ଚୋବାଇ ଖାଆନ୍ତୁ। ନିୟମିତ ଭାବେ ଖାଲି ପେଟରେ ତୁଳସୀ ପତ୍ର ଚୋବାଇ ଖାଇଲେ ସ୍ୱାସ୍ଥ୍ୟ ପାଇଁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ। ତୁଳସୀପତ୍ରକୁ ଚା' ଭାବେ ପ୍ରସ୍ତୁତ କରି ମଧ ପିଇପାରିବେ। କ୍ଷୀର ଚା'ରେ ତୁଳସୀପତ୍ର ପକାଇ ଏହାର ସେବନ କଲେ, ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଶରୀରକୁ ମାରାତ୍ମକ ରୋଗରୁ ରକ୍ଷା କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଶରୀରକୁ ସୁସ୍ଥ ରଖିବା ପାଇଁ ତୁଳସୀପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ତୁଳସୀପତ୍ରରେ କାଢ଼ା ପ୍ରସ୍ତୁତ କରି ପିଇପାରିବେ। ଏଥିପାଇଁ ୧ କପ ପାଣି ନିଅନ୍ତୁ, ୧୨ରୁ ୧୪ଟି ତୁଳସୀ ପତ୍ର, ଅଳ୍ପ ଅଦା ପକାଇ କିଛି ସମୟ ଫୁଟାଇବା ପରେ ଏହାକୁ ଛାଣି ପିଅନ୍ତୁ। ତୁଳସୀପତ୍ରର ଜୁସ୍ ଗଳା କୁଣ୍ଡାଇ ହେବା,ଗଳା ଯନ୍ତ୍ରଣା ଠାରୁ ଆରମ୍ଭ କରି ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ୧୦ ରୁ ୧୫ଟି ତୁଳସୀପତ୍ରର ରସକୁ ଏକ ଗ୍ଲାସ ପାଣିରେ ମିଶାନ୍ତୁ। ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଠାରୁ ଆରମ୍ଭ କରି ଓଜନ ହ୍ରାସ ହେବାରେ ସହାୟକ ହୋଇଥାଏ।



# ଫିଟ୍ ଦେଖାଯିବା
## ସୁସ୍ଥ ସ୍ୱାସ୍ଥ୍ୟର ପ୍ରମାଣ ନୁହେଁ

'ସୁସ୍ଥ' ଏବଂ 'ଫିଟ୍' ଶବ୍ଦଗୁଡ଼ିକ ପ୍ରାୟତଃ ଭିନ୍ନ ଭିନ୍ନ ଭାବରେ ବ୍ୟବହୃତ ହୁଏ, କିନ୍ତୁ ବାସ୍ତବରେ ଉଭୟଙ୍କ ମଧରେ ବହୁତ ପାର୍ଥକ୍ୟ ଅଛି। କଠୋର ବ୍ୟାୟାମ ଏବଂ ଖାଦ୍ୟପେୟ ଅନୁସରଣ କରୁଥିବା ବ୍ୟକ୍ତି ଅନେକ ଆଭ୍ୟନ୍ତରୀଣ ରୋଗରେ ମଧ ପୀଡ଼ିତ ହୋଇପାରନ୍ତି।

### ତେବେ ସୁସ୍ଥ ରହିବା କ'ଣ?

କୁଟିନହୋ କହିଛନ୍ତି, ଆପଣ ଫିଟ୍ ଦେଖାଯାଇପାରିବେ, ଭାରି ଓଜନ ଉଠାଇପାରିବେ, ସିକ୍ସ ପ୍ୟାକ୍ ଆବ୍ସ ଓ ଦାଗ ବିହୀନ ତ୍ୱଚାକୁ ଭଲ ଫିଗର ସହ ଦେଖିପାରିବେ, ସପ୍ତାହରେ ସାତଦିନ ବ୍ୟାୟାମ କରିପାରିବେ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇପାରିବେ। ସୁସ୍ଥ ରହିବାର ଅର୍ଥ ହେଉଛି ଶାରୀରିକ, ମାନସିକ ଏବଂ ଭାବନାତ୍ମକ ଦିଗକୁ ମିଶାଇ ସାମଗ୍ରିକ ସୁସ୍ଥତା। ଅପରପକ୍ଷରେ ଫିଟ୍ ରହିବାର ଅର୍ଥ ଶାରୀରିକ ସୁସ୍ଥତା, ଯେଉଁଥିରେ ହୃଦରୋଗ ସହନଶୀଳତା, ମାଂସପେଶୀ ଶକ୍ତି, ନମନୀୟତା ଏବଂ ଶରୀରର ମିଶ୍ରଣ ଅନ୍ତର୍ଭୁକ୍ତ। ଚମତ୍କାର ଶରୀର ସହ ଫିଟ୍ ଦେଖାଯାଉଥିବା ଅନେକ ଲୋକ କ୍ୟାଲୋରୀ ଗଣନା କରୁଛନ୍ତି, ଜିମରେ କଠିନ ପରିଶ୍ରମ କରୁଛନ୍ତି, ଫ୍ୟାଟ୍ ବର୍ନର କିମ୍ବା ଷ୍ଟେରଏଡ୍ ଉପରେ ନିର୍ଭର କରୁଛନ୍ତି, ନିଦ୍ରା ଅଭାବରୁ ମାରାଥନ୍ ଦୌଡ଼ୁଛନ୍ତି ଏବଂ ଆଧ୍ୟାତ୍ମିକ କ୍ଲାସରେ ଯୋଗ ଦେଉଛନ୍ତି। ତଥାପି ଭାବନାତ୍ମକ ଭାବରେ, ସେମାନେ ମାନସିକ ଅଶାନ୍ତି, ନିଦ୍ରାର ଅଭାବ, ନିରାଶା, ବିଷାକ୍ତତା ଏବଂ ଦୁଃଖ ସହିତ ସଂଘର୍ଷ କରନ୍ତି - ସେମାନଙ୍କ ଆତ୍ମାଠାରୁ ଅଲଗା।



# କ୍ରୋଧରେ କାହିଁକି ଲୁହ ଆସିଥାଏ

କ୍ରୋଧିତ ହେଲେ ଲୋକେ କ'ଣ କରନ୍ତି? ଆଖପାଖ ଉଦାହରଣକୁ ଦେଖିଲେ ଆପଣ ଦେଖିବେ ଯେ କେହି ଆକ୍ରମଣାତ୍ମକ ଭାବରେ ଚିତ୍କାର କରିବା ଆରମ୍ଭ କରିଦିଅନ୍ତି, କେହି ଭଙ୍ଗାରୁଜା କରନ୍ତି ଏବଂ କିଛି ଏମିତି ଅଛନ୍ତି ଯେଉଁମାନେ ନିଜେ କାନ୍ଦିବା ଆରମ୍ଭ କରିଦିଅନ୍ତି। ସେମାନେ ନିଜର କ୍ରୋଧକୁ କଠୋର ଶବ୍ଦରେ ପ୍ରକାଶ କରିବାକୁ ଚାହାଁନ୍ତି, କିନ୍ତୁ କ୍ରୋଧ ପୂର୍ବରୁ ଲୁହ ବାହାରିଥାଏ। ଆପଣ ଯେଉଁ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରୁଛନ୍ତି ତାଙ୍କ ସାମ୍ନାରେ କାନ୍ଦିବା ମଧ ଅନେକ ଲୋକଙ୍କୁ କ୍ରୋଧିତ କରିଥାଏ। କିନ୍ତୁ ସେମାନେ ଚାହିଁଲେ ବି ବିତର୍କ ମଝିରେ ନିଜ ଲୁହକୁ ରୋକି ପାରୁନାହାନ୍ତି। ଏହାକୁ 'କ୍ରୋଧିତ ଲୁହ' କୁହାଯାଏ। ଅନେକ ଲୋକ ଏଥିରୁ ମୁକ୍ତି ପାଇବାକୁ ଚାହାଁନ୍ତି । ଯାହାଦ୍ୱାରା ସେମାନଙ୍କ ଯୁକ୍ତି ଦୃଢ଼ ହୁଏ ଏବଂ ସେମାନଙ୍କୁ ଅନ୍ୟମାନେ ଭାବନାତ୍ମକ ଭାବରେ ଦୁର୍ବଳ ବୋଲି ବିବେଚନା କରନ୍ତି ନାହିଁ। ସାଧାରଣତଃ ଯେତେବେଳେ କାହାର ଭାବନାକୁ ଆଘାତ ଲାଗିଥାଏ, ସେତେବେଳେ ତାଙ୍କ ମନରେ କ୍ରୋଧିତ ପ୍ରତିକ୍ରିୟା ଆସିଥାଏ। କିଛି ଲୋକ ଏହି ଭାବନାକୁ ଖୋଲାଖୋଲି ଭାବରେ ପ୍ରକାଶ କରୁଥିବାବେଳେ କିଛି ଲୋକ ଭିତରକୁ ଲୁଚି ଯାଆନ୍ତି। ଯେତେବେଳେ ଲୋକମାନେ କୌଣସି ଘଟଣାର ପ୍ରତିକ୍ରିୟାରେ କିଛି ଠୋସ୍ କହିବା କିମ୍ବା କରିବାକୁ ସକ୍ଷମ ନୁହଁନ୍ତି, ସେତେବେଳେ ସେମାନେ ଅସହାୟ ଅନୁଭବ କରନ୍ତି। ସେହି ଅନୁଭବ ଲୁହ ଆଣିଥାଏ। ମହିଳାମାନେ ମାସକୁ ୪ ଥର କାନ୍ଦିଥାନ୍ତି, ପୁରୁଷମାନେ ମାତ୍ର ଥରେ କାନ୍ଦିଥାନ୍ତି ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନର ଏକ ରିପୋର୍ଟ ଅନୁଯାୟୀ, ବୟସ୍କ ପୁରୁଷଙ୍କ ତୁଳନାରେ ମହିଳା ଓ ଶିଶୁମାନେ ଅଧିକ ଲୁହ ଝରାନ୍ତି। ସେମାନଙ୍କର କ୍ରୋଧିତ ଲୁହ ହେବାର ସମ୍ଭାବନା ଅଧିକ ଥାଏ। ଜଣେ ମହିଳା ମାସକୁ ହାରାହାରି ୪ ଥର କାନ୍ଦିଥାନ୍ତି। ଏମାନଙ୍କ ତୁଳନାରେ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୧ରୁ କମ୍ ରହିଛି।

# ଶୁଖିଲା ବରଫ କ'ଣ



## ଏହାକୁ ଖାଇବା ପରେ କାହିଁକି ରକ୍ତ ବାନ୍ତି ହେଉଛି?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ । ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।

### ଶୁଖିଲା ବରଫ କ'ଣ?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ। ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।

### କେମିତି ତିଆରି ହୁଏ ଏହି ବରଫ?

ଏହି ବରଫ ତିଆରି କରିବା ପାଇଁ କାର୍ବନ ଡାଇଅକ୍ସାଇଡକୁ ପ୍ରଥମେ ୧୦୯ ଡିଗ୍ରୀ ଫାରେନହାଇଟ୍‌କୁ ଥଣ୍ଡା କରି ସଂକୁଚିତ କରାଯାଏ, ଯାହା ଏହି ଗ୍ୟାସକୁ ବରଫ କରିଥାଏ ଏବଂ ଏହାର ଆକାର ଛୋଟ କିମ୍ବା ବଡ଼ ଖଣ୍ଡରେ ପରିଣତ ହୁଏ।

### ଏହା କାହିଁକି ବିପଜ୍ଜନକ?

ଯଦି ଏଥିରେ କାର୍ବନ ଡାଇଅକ୍ସାଇଡ୍ ଥାଏ ତେବେ ଏହା ଏତେ ବିପଜ୍ଜନକ ନୁହେଁ। ତେବେ ଏହା ଅତ୍ୟଧିକ ଥଣ୍ଡା ହୋଇଥାଏ, ଯେଉଁ କାରଣରୁ ଶରୀରର କୋଷଗୁଡ଼ିକ ମରିବା ଆରମ୍ଭ କରିଦିଅନ୍ତି। ଏଭଳି ସ୍ଥିତିରେ ଏହାକୁ ସିଧାସଳଖ ସ୍ପର୍ଶ କରିବାକୁ ବାରଣ କରାଯାଇଛି। ଏହା ମଧ କୁହାଯାଏ ଯେ ଏହାକୁ ଏୟାରଟାଇଟ୍ ବକ୍ସରେ ରଖିବା ଉଚିତ ନୁହେଁ, କାରଣ ଏହା ଗ୍ୟାସ୍ ନିର୍ଗତ କରିଥାଏ ଏବଂ ଗ୍ୟାସ୍ କାରଣରୁ ଏହା ବିସ୍ଫୋରଣ ମଧ ହୋଇପାରେ, ତେଣୁ ଏହାକୁ ସତର୍କତାର ସହ ବ୍ୟବହାର କରିବା ଉଚିତ।

# ମୁଖ୍ୟଦ୍ୱାରରେ ଶୁଭ କଳସ ରଖୁଛନ୍ତି କି?



କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକରି ଯିବାଦ୍ୱାରା କାର୍ଯ୍ୟସିଦ୍ଧି ହୋଇଥାଏ।। ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ କିଛିଟା ନିୟମ ରହିଛି, ଜାଣିରଖନ୍ତୁ। ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ ରଖିପାରିବେ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡ଼ିପାରୁଥିବ। ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ।

# ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ



**ବାଲିପାଟଣା,୧୬।୭(ସଂଚାର ବ୍ୟୁରୋ):** ବାଲିପାଟଣା ଉପ ନିବନ୍ଧକ କାର୍ଯ୍ୟାଳୟର କାର୍ଯ୍ୟରତ କର୍ମଚାରି ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି।ବାଗଲପୁର ଗ୍ରାମ ର ବୁଢ଼ୀ ମା ମଙ୍ଗଳା ଟ୍ରଷ୍ଟ ରେଜିଷ୍ଟ୍ରେସନ କରାଇ ଦେବାକୁ ଲାଞ୍ଚୁଆ ବାବୁ ୪ ହଜାର ଟଙ୍କା ଦାବି କରିଥିଲେ। ଉପ ନିବନ୍ଧକ ବରିଷ୍ଠ ସହାୟକ ସୁକାନ୍ତ କୁମାର ସିଂ ଓ ସହଯୋଗୀ ମହେନ୍ଦ୍ର କୁମାର ସାହୁ ପୂର୍ବରୁ ଦେଢ଼ ହଜାର ଟଙ୍କା ନେଇ ଥିବା ବେଳେ ଆଜି ଅବଶିଷ୍ଟ ଅଢେଇ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ ଅଫିସ ଭିତରେ ମାଡି ବସିଥିଲା।ଦୀର୍ଘ ଦିନ ହେଲା କାମ ପାଇଁ ଉପ ନିବନ୍ଧକ କାର୍ଯ୍ୟାଳୟ କୁ ଦୌଡ଼ୁ ଥିଲେ। ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ କାମ କୁ ଜାଣି ଶୁଣି ସ୍ଥଗିତ ରଖା ଯାଇଥାଏ। ମୋଟା ଅଙ୍କର ଲାଞ୍ଚ ନେବା ପରେ ହିତାଧିକାରୀ ଙ୍କ କାମ ହେଉଥିଲା।ଏହି ଘଟଣା ପରେ ବାଲିପାଟଣା ର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବ୍ୟପକ ଦୁର୍ନୀତି ହେଉଥିବା ସାଧାରଣ ରେ ଚର୍ଚ୍ଚା ହେଉଛି। ଲାଞ୍ଚୁଆ ବାବୁ ମାନଙ୍କ ମନ ରେ ଚନକା ପଶିଛି।

# ପିଶାଚ ସାଜିଲା ପୁଅ

# ବୃଦ୍ଧ ବାପା ମାଆଙ୍କୁ ପଥର, ହାତୁଡ଼ିରେ ଛେଚି ମାରିଲା

**ବୈଶିଙ୍ଗା,୧୬।୭(ସଂଚାର ବ୍ୟୁରୋ):** ସବୁ ବାପା ମାଆ ପୁତ୍ର ଜନ୍ମ କରିଥାନ୍ତି ବୃଦ୍ଧ କାଳରେ ସେମାନଙ୍କର ସେବା ଯତ୍ନ ନେବା ପାଇଁ। ମାତ୍ର ସେଇ ପୁତ୍ର ସୈତାନ ସାଜି ଏଭଳି ବିଭତ୍ସ ଭାବେ ହତ୍ୟା କରିଦେବ ତାହା ଚିନ୍ତାର ବାହାରେ। ବୈଶିଙ୍ଗା ଥାନା ଅନ୍ତର୍ଗତ ଉତ୍ତରପାଳ ନିକଟସ୍ଥ ଧନାପାଳ ଗ୍ରାମ ରେ ଏଭଳି ଏକ ଘଟଣା କ୍ରମରେ ନିଜର ଜନ୍ମ କଲା ପୁଅ ହିମାଂଶୁ ଓରଫ ଶୁକରା (୫୦)ନିଜ ବାପା ହାଡିବନ୍ଧୁ ସାହୁ(୮୦) ଏବଂ ମାଆ ଶାନ୍ତିଲତା (୭୨)ଙ୍କୁ ମାରିଦେଇଥିବା ଖବର ବୈଶିଙ୍ଗା ପୁଲିସ ପାଇବା ପରେ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ଅନୁଯାଇ ପୁଅ ହିମାଂଶୁ ପେଶାରେ ଅଟୋ ଚାଳକ ଅଟେ। ପାରିବାରିକ






ସମସ୍ୟା କୁ ନେଇ ନିଜର ସ୍ତ୍ରୀ ଓ ପିଲା ଛୁଆ ସହିତ ବାପଘରେ ରହୁଥିଲେ। ବାପା ଶଯ୍ୟାଶାୟୀ ଏବଂ ମାଆ ଦିବ୍ୟାଙ୍ଗ ଦୁହିଙ୍କୁ ନେଇ ହିମାଂଶୁ ଗୋଟିଏ ଘରେ ରହୁଥିଲେ। ବୁଧବାର ସକାଳେ ଗ୍ରାମବାସୀ ମାନେ ଦେଖିବାକୁ ପାଇଲେ କି ହାଡିବନ୍ଧୁ ଘର ଭିତରେ ପଲଙ୍କରେ ବିଭତ୍ସ ଭାବରେ ମରିପଡ଼ିଥିବା ବେଳେ ଶାନ୍ତିଲତା ଘର ପାହୁଚ ନିକଟରେ ମରି ପଡ଼ିଥିବା ବେଳେ ହିମାଂଶୁ ପିଣ୍ଡାରେ ପଲଙ୍କରେ ବସିଛି। ଏହା ଦେଖି ବୈଶିଙ୍ଗା ପୁଲିସ କୁ ଖବର ଦେଇଥିଲେ। ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ, ଏସ ଆଇ ଦେବାଶିଷ ମଣ୍ଡଳ ଓ ମାଣତ୍ରୀ ଫାଣ୍ଡି ବାବୁ ଲକ୍ଷ୍ମୀଧର ବାରିକ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଥିଲେ।ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ରକ୍ତାକ୍ତ ପଥର, ହାତୁଡି ଆଦି ଜବତ କରିବା ସହିତ ମୃତ ଶରୀର ଦ୍ୱୟ କୁ ବ୍ୟବଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ହତ୍ୟାକାରୀ ହିମାଂଶୁ କୁ ଗିରଫ କରି ଥାନା କୁ ନେଇ ଆସିବା ସହିତ ଏକ ନରହତ୍ୟା ମାମଲା ରୁଜୁ କରିଛି। ଏଭଳି ପୈଶାଚିକ ଘଟଣା ଏ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ତେବେ କେଉଁ କାରଣ କୁ ନେଇ ଜନ୍ମ କଲା ବୃଦ୍ଧ ବାପା ମା ଙ୍କୁ ନିଜର ପୁଅ ମାରିଦେଇ ପାରିଲା ଅନୁସନ୍ଧାନ ପରେ ପୁଲିସ ଖୁଲାସା କରି ପାରିବ।

# ପ୍ରଭାବଶାଳୀ ବ୍ୟକ୍ତି ସାଜିଛନ୍ତି ବାଲି ମାଫିଆ

- ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ସରପଞ୍ଚଙ୍କ ସହିତ ଗ୍ରାମବାସୀ
- ମାଫିଆଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି

**ବିଞ୍ଝାରପୁର,୧୬।୭(ସଂଚାର ବ୍ୟୁରୋ):** ଦିନକୁ ଦିନ ବଢ଼ି ଚାଲିଛି ବାଲି ମାଫିଆଙ୍କ ଦୌରାତ୍ମ୍ୟ। ପୁରୁଣା ସରକାର ହେଉ କି ନୂଆ ସରକାର, ସବୁଠି ଚାଲିଛି ବାଲି ମାଫିଆଙ୍କ ରାଜ। ପ୍ରାକୃତିକ ସମ୍ପଦକୁ ପୈତୃକ ସଂପତ୍ତି ଭାବି ଚାଲିଛି ଲୁଟ। ତେଣୁ କରି ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଗ୍ରାମବାସୀ। ଆସୁଥିବା ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ଯାଜପୁର ବ୍ଲକ୍ ଅନ୍ତର୍ଗତ ପଣସା ପଞ୍ଚାୟତର କୁଶି ଏବଂ ବାଲି ପୋଖରୀ ନିକଟରୁ ପ୍ରାୟ ୭୦୦ ଉଙ୍କଗ ର ବାଲି ଜବତ କରିଥିଲା ଜିଲ୍ଲା ଖଣି ବିଭାଗ।ଖୁସି ମୌଜାର ପ୍ଲଟ ନମ୍ବର ୯୨୮, ୮୭୧, ୮୩୧, ଏବଂ ବାଲି ପୋଖରୀ ମୌଜାର ପ୍ଲଟ ନମ୍ବର ୬୨୪, ୬୨୫, ୧୭, ୨୦, ୬୬୪, ୬୨୪ ରୁ ଗଚ୍ଛିତ ଥିବା ପାଖାପାଖି ୭୦୦ ଉଙ୍କଗ ବାଲି ବେଆଇନ ଗଚ୍ଛିତ ଥିବା ଦର୍ଶାଇ ଜବତ କରିଥିଲା ଖଣି ବିଭାଗ। ଏ ନେଇ ଜିଲ୍ଲା ଖଣି ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୪୩୮୯ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ନୋଟିସ ଜାରି ହୋଇଥିଲା। ତେବେ ଏ ସବୁ ଗଚ୍ଛିତ ବାଲି କୁଶି ଗ୍ରାମର ଅକ୍ଷୟ କୁମାର ମହାନ୍ତିଙ୍କ ଦ୍ୱାରା ଗଚ୍ଛିତ ହୋଇ ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପଣସା ପଞ୍ଚାୟତ ସରପଞ୍ଚ କୁଳମଣୀ ପରିଡ଼ାଙ୍କ ସମେତ ପଞ୍ଚାୟତର ଲୋକେ। ଅକ୍ଷୟ କୁମାର ମହାନ୍ତି ଜଣେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବା ବେଳେ ଦିର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବେଆଇନ୍ ଭାବେ ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରି ନଦୀ ପଠାରେ ରଖି ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ନେଇ ଜିଲ୍ଲା ଖଣି ବିଭାଗ ପକ୍ଷରୁ ବାଲି ଜବତ ପରେ ଅକ୍ଷୟ ମହାନ୍ତିଙ୍କୁ ବାଲି ମାଫିଆ ଦର୍ଶାଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ।

# ସୌମ୍ୟାଶ୍ରୀଙ୍କ ପାଇଁ ମହମବତୀ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ

**ବୈଶିଙ୍ଗା,୧୬।୭(ସଂଚାର ବ୍ୟୁରୋ):** ଫକୀରମୋହନ କଲେଜର ପୀଡ଼ିତା ଛାତ୍ରୀ ସୈମ୍ୟାଶୀ ବିଶି ଶେଷରେ ମୃତ୍ୟୁ ସହ ସଂଗ୍ରାମ କରି ମୃତ୍ୟୁ ବରଣ କରିଛନ୍ତି। ତାଙ୍କ ଆତ୍ମାର ସଦଗତି କାମନା କରି ପୁରୁଣାବାରିପଦା ସ୍ଥିତ ସ୍ୱର୍ଣ୍ଣଲତା କଲେଜ ଅଫ ମେଡିକାଲ ସାଇନସର ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ କଲେଜର ସଭାପତି ଇଂ ଭବାନୀ ଶଙ୍କର ସାହୁ ଓ ସମ୍ପାଦକ ପୁରୁଷୋତ୍ତମ ନାୟକ ତଥା କଲେଜର ଅଧ୍ୟକ୍ଷା ଏବଂ ଅନ୍ୟ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। କଲେଜର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ମଶାଲ ଶୋଭାଯାତ୍ରା କରିଥିଲେ।



# ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ



**କଳିଙ୍ଗନଗର,୧୬।୭(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରୀରେ ଭଦ୍ରକ ରୁ ଭୁବନେଶ୍ୱର ରେଳ ରେ ଯାଉଥିବା ଜଣେ ଯୁବକ ଯଖପୁରା ଷ୍ଟେସନ ରେ ରେଳ ରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ମତେ ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ବାରୁଆ ଗାଁ ର ସଙ୍ଖାଳି ବାରିକ ଙ୍କ ପୁଅ ଅନନ୍ତ ବାରିକ (୩୦) ବାଙ୍ଗାଲୋର ରେ ଏକ ଜୋତା ଫ୍ୟାକ୍ଟ୍ରି ରେ କାମ କରୁଥିଲେ। ଗତକାଲି ରାତିରେ ସେ ବାଙ୍ଗାଲୋର ଯିବା ପାଇଁ ଭଦ୍ରକ ରେ ଏକ ପାସେଞ୍ଜର ଟ୍ରେନ ରେ ଚଢ଼ି ଭୁବନେଶ୍ୱର ପର୍ଯ୍ୟନ୍ତ ଯାଉଥିଲେ। ତାପରେ ବାଙ୍ଗାଲୋର ଯାଇଥାନ୍ତେ। ଦଇବ ସାଜିଲା ନିଷ୍ଠୁର ଅଧା ରାସ୍ତାରେ ଯଖପୁରା ଷ୍ଟେସନ ରେ କୌଣସି କାରଣ ରୁ ସେ ଟ୍ରେନ ରୁ ଖସି ପଡ଼ିଥିଲା ସମୟରେ ତାଙ୍କ ଗୋଡ଼ ଉପରେ ଟ୍ରେନ ଚଢ଼ି ଯାଇଥିଲା। ସେ ଯନ୍ତ୍ରଣା ରେ ଛଟ ପଟ ହେଉଥିବା ବେଳେ ବିପରୀତ ଦିଗରୁ ଆଉ ଏକ ଟ୍ରେନ ଆସି ତାଙ୍କ ଉପରେ ପୁଣି ଚଢ଼ି ଗଲା, ଘଟଣା ସ୍ଥଳରେ ଅରୁଣଙ୍କର ପ୍ରାଣବାୟୁ ଉଡ଼ିଗଲା। ମୃତ ଅରୁଣ ବିବାହିତ ଥିବା ବେଳେ ତାଙ୍କର ଛଅ ମାସ ର ଏକ ଶିଶୁ ପୁତ୍ର ଅଛି। ଏ ପରି ଆକସ୍ମିକ ମୃତ୍ୟୁ ଖବର ତାଙ୍କ ପରିବାର ଦୁଃଖ ରେ ଭାଙ୍ଗି ପଡ଼ିଥିବା ବେଳେ ଓଡିଶା ଛାଡି ଦାଦନ ପରି ବାହାରେ କାମ କରି ପରିବାର ପ୍ରତି ପୋଷଣ କରୁଥିବା ସ୍ୱାମୀ କୁ ହରାଇ ତାଙ୍କ ସ୍ତ୍ରୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ରେଳ ବିଭାଗ ପୋଲିସ ମୃତ ଦେହ କୁ ବ୍ୟବେଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରିଛନ୍ତି।

# ଚାଲାଣ ବେଳେ ଗଞ୍ଜେଇ ଜବତ, ଦୁଇ ଗିରଫ୍



**ସୁବର୍ଣ୍ଣପୁର,୧୬।୭(ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ମାରୁତି ସୂଜକି ଡିଜାର ଗାଡି ଜବତ କରିଛି ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗ। ବିନିକା ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ବିନିକା ବ୍ଲକ କର୍ତ୍ତଙ୍ଗଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ୬ଟା ସମୟରେ ବେଳେ ବୌଦ୍ଧ ଜିଲ୍ଲାରୁ ସୋନପୁର ସହର ପଟରୁ ଆସୁଥିବା ମାରୁତି ସୂଜକି ଡିଜାର ଗାଡି ଟି ନମ୍ବର ବିହୀନ ଗାଡି ଆସୁଥିବା ବେଳେ ତାକୁ ସନ୍ଦେହରେ କର୍ତ୍ତଙ୍ଗ ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୩୫ କେଜି ଗଞ୍ଜେଇ ମିଳିଥିଲା। ଏବଂ ମାରୁତି ସୂଜକି ଡିଜାର ଗାଡିରେ ଥିବା ଝାଡ଼ଖଣ୍ଡ ରାଜ୍ୟ ପାଲାମୁ ଜିଲ୍ଲା ହରିହରଗଞ୍ଜ ଥାନାର ରମେଶ କୁମାର (୧୯) ଓ ପାଲାମୁ ଜିଲ୍ଲା ହୁସିଆନବାଦ ଥାନା ର ନିତଶ କୁମାର ସିଂ (୨୯) ବର୍ଷଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ଏହା ବୌଦ୍ଧ ଜିଲ୍ଲାରୁ ଝାଡ଼ଖଣ୍ଡ ରାଜ୍ୟ କୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ବିନିକା ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୮୩/୨୫ /୨୬ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ମାରୁତି ସୂଜକି ଡିଜାର ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ପ୍ରକାଶ କୁମାର ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ରାମଚନ୍ଦ୍ର ପଟ୍ଟନାୟକ, ଇଆଇସି, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ଲୋକନାଥ ବେହେରା, ଇଏସ ଆଇ ସନ୍ତୋଷ କୁମାର ସ୍ୱାଇଁ, ଇଏସଆଇ ଅଭିଲାଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ, ଯୋଗଦେଲେ ଏସପି ଓ ଡିଏଫ୍ଓ



**ସୁବର୍ଣ୍ଣପୁର,୧୬।୭(ସଂଚାର ବ୍ୟୁରୋ):** ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ଦ୍ୱାରା ଆୟୋଜିତ ସୋନପୁର ମହାନଦୀ ବ୍ରିଜ ପାର୍ଶ୍ୱସ୍ଥିତ ରିଙ୍ଗ ରୋଡ ର ଉଭୟ ପାର୍ଶ୍ୱରେ ମା ପାଇଁ ଗଛ ଟିଏ କାର୍ଯ୍ୟ କ୍ରମ ରେ ବୃକ୍ଷରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ମୁଖ୍ୟ ଅତିଥି ଓ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ, ଶ୍ରୀ ମଦନ ଲାଲ ଶର୍ମା, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଆମ ପୂର୍ବ ପୁରୁଷ ମାନେ ଯେଉଁ ବୃକ୍ଷ ରୋପଣ କରି ଥିଲେ ଆଜି ଆମେ ତାହର ଫଳ ଚାୟା ଗ୍ରହଣ କରୁଛୁ ବଞ୍ଚି ପାରିଛୁ ବୋଲି ମତ ରଖି ଗଛ କୁ ମହାଦେବ ସହିତ ତୁଳନା କରି ସମୁଦ୍ର ମନ୍ଥନ ବେଳେ ମହାଦେବ ବିଷ ପାନ କରି ଏ ପୃଥିବୀ କୁ ବଞ୍ଚାଇ ଥିଲେ ଠିକ ସେହିପରି ଏ ଗଛ ଗ୍ରୀନ ହାଉସ ର କାର୍ବନ ଡ଼ାଇଓକ୍ସଇଡ ଓକ୍ସିଜେନ ଭଳି ସମସ୍ତ ପ୍ରକାର ବିଷାକ୍ତ ଗ୍ୟାସ ଗ୍ରହଣ କରିନିଏ ବୋଲି ଉଦାହରଣ ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ର ବରିଷ୍ଠ ନାଗରିକ ସଂଘ ର ସଭାପତି ଶ୍ରୀ ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଶ୍ରୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ, ସଂଘର ଉପଦେଷ୍ଟା ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶ୍ରୀ ଗୋରେଖ ନାଥ ସାହୁ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମ ର ପ୍ରତିନିଧି ମାନଙ୍କ ସହିତ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ ଉପସ୍ଥିତ ଥିଲେ। ଡ଼ଃ ଆର୍ତ୍ତତ୍ରାଣ ବାବୁ, ଉପ ସଭାପତି ସଭାରେ ଅତିଥି ଓ ଅନ୍ୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ରିଙ୍ଗ ରୋଡ ର ଉଭୟ ପାର୍ଶ୍ୱରେ ସର୍ବମୋଟ ୫୦୦ (ପାଞ୍ଚଶହ ଗୋଟି)ବିଭିନ୍ନ ପ୍ରକାରର ଛାୟା ଓ ଫଳ ପ୍ରଦାନକାରୀ ବୃକ୍ଷ ଗୁଡ଼ିକ ରୋପଣ କରାଯିବ ବୋଲି ଏହି ଡି ଏଫ୍ ଓ ଅବସରରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁର ର ସ୍ୱଚ୍ଛ ଭାରତ ସଂଗଠନ, ଗୋପାଳଜୀ ଯୋଗାଳୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ।

# ସୋନପୁର ବନ୍ଦ ସଫଳ ପାଇଁ କଂଗ୍ରେସର ଆହ୍ୱାନ




**ସୁବର୍ଣ୍ଣପୁର,୧୬।୭(ସଂଚାର ବ୍ୟୁରୋ):** ଆସନ୍ତା କାଲି ଓଡ଼ିଶା କଂଗ୍ରେସ ପକ୍ଷରୁ ସାରା ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ବନ୍ଦ ଡାକରା ଦେଇଛି ଜିଲ୍ଲା କଂଗ୍ରେସ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅସହାୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ପରେ ଦୁଇ ଦିନ ଏମସରେ ଚିକିତ୍ସିତ ହେବା ପରେ ଆଖି ବୁଜିଲେ। ଜଣେ ଅଧ୍ୟାପକଙ୍କ ଯୌନ ଆବେଦନ ଓ ନିର୍ଯ୍ୟାତନା ବିରୋଧରେ ଛାତ୍ରୀ ଜଣକ ୬ ମାସ କାଳ ବିଭିନ୍ନ ସମୟରେ କଲେଜ୍ କର୍ତ୍ତୃପକ୍ଷ, ଜିଲ୍ଲା ଓ ପୋଲିସ ପ୍ରଶାସନ, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ, ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା ଆୟୋଗ ପ୍ରମୁଖଙ୍କୁ ନ୍ୟାୟ ପାଇଁ କାକୁତି ମିନତି ସତ୍ତ୍ୱେ କେହି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ନ ଥିଲେ। ଏହି ଘଟଣା ପାଇଁ ସରକାର ଙ୍କୁ ଦାୟୀ କରି କଂଗ୍ରେସ ଓ ସମସ୍ତ ବାମପନ୍ଥୀ ଦଳ ତରଫରୁ ଆସନ୍ତା କାଲି ଜୁଲାଇ ୧୭ ତାରିଖ ସକାଳ ୬ ରୁ ସଂଧ୍ୟା ୬ ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ୍, ଯାନବାହନ, କାର୍ଯ୍ୟାଳୟ ଦପ୍ତର ଓ ବ୍ୟବସାୟୀକ ପ୍ରତିଷ୍ଠାନ ବନ୍ଦ ହେବା ନେଇ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ଦଳ ଓ ବାମପନ୍ଥୀ ଦଳ। ଆଜି ପ୍ରେସମିଟ୍ ରେ କଂଗ୍ରେସ ଦଳ ଓ ବାମପନ୍ଥୀ ଦଳର ଗୌରୀଶ୍ୟାମ ପଣ୍ଡା, ସୁଧୀର ପଣ୍ଡା, ଗତଥର ସୋନପୁର ର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ରାଜେଶ୍ ମିଶ୍ର, ରଞ୍ଜିତ ରାୟ, କର୍ଣ୍ଣରାଜ ପ୍ରଧାନ, ଭରତ ଜେନା, ଭାଗିରଥି ବଗର୍ତ୍ତି, ସଂଗ୍ରାମ କେଶରୀ ନାୟକ ପ୍ରମୁଖଙ୍କ ସହ କଂଗ୍ରେସ ଦଳ ଓ ବାମପନ୍ଥୀ ଦଳର ଅନେକ ସଦସ୍ୟ ଯୋଗଦାନ କରିଥିଲେ।

# ବିଇଡି ତରଫରୁ ସୌମ୍ୟାଶ୍ରୀଙ୍କ ପାଇଁ ନୀରବ ପ୍ରାର୍ଥନା



**ବୈଶିଙ୍ଗା,୧୬।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଯାଇଥିବା ଲୋମହର୍ଷଣକାରୀ ଆତ୍ମହତ୍ୟା ମାମଲା ରାଜ୍ୟ ଠାରୁ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଓ ଅଣ ରାଜନୈତିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଜାରି ରହିଛି। ବହୁ ଛାତ୍ର ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।ଏହି ଘଟଣାକୁ ନିନ୍ଦା କରି ବୈଶିଙ୍ଗା ବିଇଡି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି ଏବଂ ଅଧ୍ୟକ୍ଷ ବଳରାମ ମହାନ୍ତି ଙ୍କ ପରିଚାଳନାରେ ଆଜି ବୁଧବାର ପୂର୍ବାହ୍ନ ରେ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ର/ଛାତ୍ରୀ ମାନଙ୍କୁ ନେଇ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦୁଇ ମିନିଟ ପାଇଁ ସମବେତ ଭାବେ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟୟନ ରତ ଛାତ୍ର/ଛାତ୍ରୀ ମାନଙ୍କ ମଧ୍ୟରେ ମଧୁସ୍ମିତା ପୁହାଣ, ମୋନାଲିସା ପଣ୍ଡା, ଇତିଶ୍ରୀ ଗିରି, ତପନ ପ୍ରଧାନ, ରାଜକିଶୋର ଦାସ, ଓ ଅନ୍ୟମାନେ ଏହା ଶୋକସଭା ରେ ଯୋଗ ଦେଇଥିଲେ।

**● ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା ଘଟଣା**

# ଗଞ୍ଜାମ ଜିଲ୍ଲା ଡିଜିଟାଲ ମିଡ଼ିଆ ଆସୋସିଏସନ୍ ପକ୍ଷରୁ ପ୍ରତିବାଦ

**ବ୍ରହ୍ମପୁର,୧୬।୭(ସଂଚାର ବ୍ୟୁରୋ):** ମାଲକାନାଗିରି ଜିଲ୍ଲା ମୋଟୁ




ଥାନା ଅଞ୍ଚଳରେ ୱେବ୍ ଚାନେଲ ସାମ୍ବାଦିକ ସି.ଏଚ୍ ନରେଶଙ୍କ ହତ୍ୟାର ଅନୁସନ୍ଧାନ, ହତ୍ୟାକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦାବିନେଇ ବୁଧବାର ଦକ୍ଷିଣାଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲ୍ଲା ଡିଜିଟାଲ ମିଡିଆ ଆସୋସିଏସନ୍ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରି ଘଟଣା ନେଇ ଆସୋସିଏସନର କର୍ମକର୍ତ୍ତା ମାନେ ଦୃଢ଼ ନିନ୍ଦା କରିବା ସହ ମୃତ୍ୟୁବରଣ କରିଥିବା ସାମ୍ବାଦିକଙ୍କ ପରିବାରକୁ କ୍ଷତି ପୂରଣ ପ୍ରଦାନ କରିବା ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରିଥିଲେ। ଏନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସଭାପତି କୃଷ୍ଣଚନ୍ଦ୍ର ପାଳ, ସମ୍ପାଦକ ସଞ୍ଜୟ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ୍ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା, ବରିଷ୍ଠ ସାମ୍ବାଦିକ ରବିରଥ, ଶକ୍ତିଧର ରାଜଗୁରୁ, ସୁଦୀପ ସାହୁ, ରାଜେଶ ସାହୁ, ପଦ୍ମ ଚରଣ ଦାସ, ବାଳକୃଷ୍ଣ ସାହୁ, ଜଟ ସାହୁ, ସୁରେଶ ବେହେରା, ହୃଷିକେଶ ପଣ୍ଡା, ଜଗନ୍ନାଥ ପଣ୍ଡା, ଗୋପାଳକୃଷ୍ଣ ରେଡ୍ଡୀ, ଭୁନନ୍ଦନ କୃଷି ବିଶାରଦ, ମାନସ ରଜନ ପଟନାୟକ, ରାକେଶ ପାତ୍ର, ଅଜୟ କୁମାର ସ୍ୱାଇଁ, ବିଶ୍ୱନାଥ ମଲଣା, କୃଷ୍ଣ ସାହୁଙ୍କ ସମେତ ଅନ୍ୟାନ୍ୟ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ



**ବ୍ରହ୍ମପୁର,୧୬।୭(ସଂଚାର ବ୍ୟୁରୋ):** ଛୁରୀ ଭୂଷି ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ବଡ଼ଡୁମୁଳାର ହରି କୃଷ୍ଣ ଗୌଡ଼ (୩୧)। ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ସ୍ଥାନୀୟ ହରିଡାଖଣ୍ଡି ଲକ୍ଷ୍ମୀବିହାର ୪ର୍ଥ ଲାଇନର ଶ୍ରୀଧର ସାହୁ(୧୮) ଓ ହରି କୃଷ୍ଣ ଗୌଡ଼ଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ହରିକୃଷ୍ଣ ଏକ ଛୁରୀରେ ଶ୍ରୀଧରଙ୍କ ପିଠି ଓ ଜଙ୍ଘକୁ ଆକ୍ରମଣ କରିଥିଲା।ଏଥିରେ ଶ୍ରୀଧର ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହରି କୃଷ୍ଣ ଗୌଡ଼କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀଧରଙ୍କ ବଡଭାଇ ରକି ସାହୁ ଓ ଅଭିଯୁକ୍ତ ହରିକୃଷ୍ଣ ଶାନ୍ତିନଗରର ବିଜୟ ସାହୁଙ୍କ ଗାଡିର ଡ୍ରାଇଭର ଭାବେ କାମ କରନ୍ତି। ରକି ମାଲିକ ବିଜୟଙ୍କ ଗାଡିରୁ ପେଟ୍ରୋଲ ସମେତ ଅନ୍ୟାନ୍ୟ ଜିନିଷ ଚୋରି କରୁଥିବା ନେଇ ହରିକୃଷ୍ଣ ମାଲିକଙ୍କୁ ଜଣାଇଥିଲେ। ପରେ ମାଲିକ ରକିଙ୍କୁ କାମରୁ ବାହାର କରି ଦେଇଥିଲେ। ଫଳରେ ରକିଙ୍କ ସାନ ଭାଇ ଶ୍ରୀଧର ଅଧିକାଂଶ ସମୟ ଘଟଣାକୁ ନେଇ ହରିକୃଷ୍ଣଙ୍କ ସହିତ ଝଗଡ଼ା କରୁଥିଲେ। ସୋମବାର ରାତିରେ ଉକ୍ତ ଘଟଣାକୁ ନେଇ ଶ୍ରୀଧର ଓ ହରିକୃଷ୍ଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶ୍ରୀଧର ହରିକୃଷ୍ଣଙ୍କୁ ମାରିବା ପାଇଁ ଶାନ୍ତି ନଗର ଯାଇଥିଲେ। ହେଲେ ହରିକୃଷ୍ଣ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲା।

# ଦିବଙ୍ଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ନୀଳଗିରି ବନ୍ଦ ସଫଳ

ନୀଳଗିରି- ୧୬/୭ ବାଲେଶ୍ୱର ଫକୀରମୋହନ ସ୍ୱୟଂ ଚାଳିତ କଲେଜରେ ଇଣ୍ଟିଗ୍ରେଟେଡ୍ ବିଇଡ଼ିର ଦ୍ୱିତୀୟବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇ ଆତ୍ମାହୁତି ଦେବା ଘଟଣା ଓଡିଶା ରାଜନୀତିକୁ ହଲଚଲ କରିଛି। ଆଜି ରାଜ୍ୟ ସରକାରଙ୍କୁ ବିରୋଧୀ ବିଜେଡ଼ି ଘେରିଥବା ବେଳେ ଦଳପକ୍ଷରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଧର୍ମଘଟ କରାଯାଇଥିବା ବେଳେ ଅନୁରୂପ ଭାବେ ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବାଇପାସ ଠାରେ ଟାୟାର ଜାଳି ଧର୍ମଘଟ କରାଯାଇଛି। ପୂର୍ବାହ୍ନ୬ ଘଟିକାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ବନ୍ଦପାଳନ କରାଯାଇଥିଲା।

# ବିନା ସୂଚନା ଫଳକରେ ଚାଲିଛି ଗଣ୍ଡାନାଳ ପାହାଚ ଓ ୱାଲ୍ କାମ

**କଳିଙ୍ଗନଗର,୧୬।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଓଲ୍ଲଳ ପଞ୍ଚାୟତ ର ରାମ୍ପିଲୋ ଗାଁ ନିକଟରେ ଥିବା ଗଣ୍ଡା ନାଳ ପ୍ରକଳ୍ପ କାମ ଚାଲିଛି। ଦାନଗଦୀ ବଙ୍ଗୋର କୋଟା ନିର୍ମାଣ ବିଭାଗ ଯିବା ରାସ୍ତାରେ ରାମ୍ପିଲୋ ଗାଁ ଦେଇ ଯାଇଥିବା ଗଣ୍ଡା ନାଳ ରେ ଏକ ନୂତନ କାମ ଚାଲିଛି। ଯେ କୌଣସି ନୂତନ ପ୍ରକଳ୍ପ କାମ ଆରମ୍ଭ ହେଲେ ସର୍ବସାଧାରଣ ଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଇ ବିସ୍ତୃତ ବିବରଣୀ ଦେବାର ସରକାର ଙ୍କର ନିୟମ ଥିଲେ ସୁଦ୍ଧା ନିୟମ କୁ ଖାତିରି କରୁ ନାହାନ୍ତି ଠିକାଦାର। କାରଣ ଦାୟିତ୍ୱ ରେ ଥିବା ପ୍ରଶାସନିକ ଅଧିକାରୀ କାର୍ଯ୍ୟ ସ୍ଥଳୀ ରେ ପାଦ ପକାଉ ନାହାନ୍ତି। ତେଣୁ ନିର୍ଭୟ ରେ ମନମୁଖୀ ଠିକାଦାର ମାନେ ପଲ୍ଲୀ ଅଞ୍ଚଳ ରେ ଫଳକ ନ ମାରି ନିମ୍ନ ମାନର କାମ କରି ବିଲ ହାତେଇ ନେବାରେ ସକ୍ଷମ ହେଉଛନ୍ତି। ଯାହା ଫଳରେ ନିର୍ମାଣ କାମ ର ସ୍ଥାୟୀତ୍ୱ କୁ ନେଇ ପ୍ରଶ୍ନ ହେଉଛି ଓ ତାହା ଅଳ୍ପ ଦିନରେ ଭାଙ୍ଗି ଯାଉଥିବାର ଦେଖିବାକୁ ମିଳୁଛି। ରାମ୍ପିଲୋ ଗାଁ ଦେଇ ଯାଇଥିବା ଗଣ୍ଡା ନାଳ ଟି ଜଟା ଧାରୀ ପାହାଡ଼ରୁ ଉତ୍ପତ୍ତି ହୋଇ ନଡ଼ିଆ ଭଙ୍ଗା, ଦକ୍ଷିଣ ପଶି, ଗୋଡ଼ିଗଠ, ରାମ୍ପିଲୋ, ମୂଳାସାର, ର କୁମ୍ଭୀର ଝର, ଗଳିଆ ଛନ୍ଦା ଦେଇ କୁସୁନ ପୁର ଗଣ୍ଡା ନାଳ ରେ ପଡ଼ି ନଦୀ କୁ ଯାଇଛି। ଏହି ଗଣ୍ଡା ନାଳ ଉପରେ ଛଅ ଟି ପଞ୍ଚାୟତ ର ଶହ ଶହ ଚାଷୀ ନିର୍ଭର କରି ଚଳିଥାନ୍ତି। ଗଣ୍ଡା ନାଳ କୂଳରେ ଥିବା ଗ୍ରାମବାସୀ ଗାଧୁଆ ପାଧୁଆ ଠୁ ଆରମ୍ଭ କରି ଚାଷ ବାସ ସବୁ କିଛି ଏହି ଗଣ୍ଡା ନାଳ ଦ୍ୱାରା କରିଥାନ୍ତି। ନୂଆ



ସରକାର ଆସିଲା ପରେ ଇରିଗେସନ ବିଭାଗ ଯେଉଁ କାମ ଗୁଡିକ ଆରମ୍ଭ କରିଛି କୌଣସି ଠିକାଦାର ସୂଚନା ଫଳକ ଲଗାଉ ନାହାନ୍ତି। ଯାହା ଫଳରେ କି କାମ ହେଉଛି। ବ୍ୟୟ ଅଟକଳ କେତେ ତାହା ଜଣା ପଡୁନାହିଁ। ଏହି ରାମ୍ପିଲୋ ଗାଁ ଗଣ୍ଡା ପୋଲ ପାଖରେ ଗଣ୍ଡା ନାଳ ର ଦୁଇ ପାର୍ଶ୍ୱ ରେ ପାହାଚ ନିର୍ମାଣ ହେଉଛି। ନାଳ କୂଳରେ ଖୋଳା ଯାଇ ୱାଲ ନିର୍ମାଣ ହେଉଛି, ଶୁଣିବାକୁ ମିଳୁଛି ଏହି ପୋଲ ଟି ଟିକେ ବଡ଼ ହୋଇ ହେବ ଓ ପୋଲ ଦୁଇ ପାର୍ଶ୍ୱ ରେ ସୁରକ୍ଷିତ ଯାତାୟାତ ପାଇଁ ବାଡା ନିର୍ମାଣ ହେବ, ଦାନଗଦୀ ରୁ ଏହି ପୂର୍ତ୍ତ ବିଭାଗ ରାସ୍ତା ଦେଇ ବାରଖାଇ, ଶାଳୀଜଙ୍ଗା, ଚିତ୍ରୀ, ବଙ୍ଗୋର କୋଟା, ରଣାଗୁଣ୍ଡି, ଏପରିକି କୋଳି ପାଳ ଦେଇ ପଡୋଶୀ କେନ୍ଦୁଝର ଜିଲ୍ଲା କୁ ଦୈନିକ ହଜାର ହଜାର ଲୋକ ଯାତାୟାତ କରନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ କୁ ରାତିଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ଏହି ପୋଲ ପାଖରେ ଏକ ବୁଲାଣି ରାସ୍ତା ଅଛି, ହଟାତ ଦୁଇ ପାର୍ଶ୍ୱ ରୁ ଆସୁଥିବା ଗାଡି କି ବାଇକ ଚାଳକ କାହାକୁ କେହି ଦେଖି ପାରନ୍ତି ନାହିଁ। ବିନା ସୂଚନା ଫଳକ ରେ ରାସ୍ତା ଉପରେ କଞ୍ଚା ମାଲ ପକାଇ କାମ କରୁଛି ଠିକାଦାର। ବୁଲାଣି ରାସ୍ତା ଥିବାରୁ କୌଣସି ସୁରକ୍ଷା ପାଇଁ ସଂକେତ ନାହିଁ। ଛୋଟ ଛୋଟ ଦୁର୍ଘଟଣ ମାନ ଏହି ରାସ୍ତାରେ ହେଉଛି। ଏପରି ବିନା ସୂଚନା ରେ କାମ ହେଉଥିବା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଭଲ କାମ କରିବା ଓ ସୂଚନା ଫଳକ ଲଗାଇବା ସହ ବୁଲାଣି ରାସ୍ତାରେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ସଂକେତ ଲଗାଇବା ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି।